୬ ଜୁନ ୧୪ରେ ଭାରତ-ପାକିସ୍ତାନ ମ୍ୟାଚ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୨୮ ● ୨୫ ଫେବୃଆରୀ ୨୦୨୬, ବୁଧବାର ● ଭୁବନେଶ୍ୱର ● Vol -33 ● Issue-28 ● 25th February 2026, Wednesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଶେଷ ହେଲା ପ୍ରଥମ ପର୍ଯ୍ୟାୟ ବଜେଟ୍ ଅଧିବେଶନ : ମାର୍ଚ୍ଚ ୯ ଯାଏଁ ଗୃହ ମୁଲତବୀ

# ବିରୋଧୀ ଦଳଙ୍କୁ କଡ଼ା ସମାଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪।୨

ନ୍ୟୁଜ୍ ବ୍ୟୁରୋ

ଫେବୃଆରୀ ୧୭ରୁ ଆରମ୍ଭ ହୋଇଥିବା ସପ୍ତଦଶ ଓଡ଼ିଶା ବିଧାନସଭା ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ମଙ୍ଗଳବାର ଶେଷ ହୋଇଛି। ଅଧିବେଶନ ଶେଷରେ ବାଚସ୍ପତି ସୁରମା ପାଢ଼ୀ ବୈଠକକୁ ଆସନ୍ତା ମାର୍ଚ୍ଚ ୯ ତାରିଖ ସାଢେ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ସମୁଦାୟ ୭ଦିନ ଯାକ ବିରୋଧୀ ଦଳ ଚାଷୀ ପ୍ରସଙ୍ଗକୁ ମୁଖ୍ୟ ଇସ୍ୟୁ କରି ସରକାରଙ୍କୁ ଘେରିବା ସହ ନାରାବାଜି, ପୋଷ୍ଟର, ବ୍ୟାନର ପ୍ରଦର୍ଶନ ସହ ହଟ୍ଟଗୋଳ ଜାରି ରଖିବାରୁ ଗୃହ କାର୍ଯ୍ୟ ପ୍ରାୟତଃ ଅଚଳ ହୋଇପଡିଥିଲା। ବିରୋଧୀ ଦଳର ହଟ୍ଟଗୋଳ ନାରାବାଜି ଭିତରେ ପ୍ରଶ୍ନୋତ୍ତର, ଶୂନ୍ୟକାଳ, ଗୋଟିଏ ମୁଲତବୀ ପ୍ରସ୍ତାବ ଏବଂ ୨୦୨୬-୨୭ ବର୍ଷ ପାଇଁ ଆଗତ ବଜେଟ୍ ଉପରେ ସାଧାରଣ ଆଲୋଚନା ହୋଇଥିଲା। ତେବେ ବଜେଟ ଉପରେ ସାଧାରଣ ଆଲୋଚନାରେ ଉତ୍ତର ଦେଲାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳକୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଋଷୀଙ୍କ ପାଇଁ ଏଠାରେ ବିରୋଧୀ ଦଳ ଦାବି ଉପସ୍ଥାପନ କରିବା ଓ ଆଲୋଚନା କରିବା ପରିବର୍ତ୍ତେ ନାଟକ କରୁଛନ୍ତି ଏବଂ ଅଧିକ ରାଜନୀତି କରାଯାଉଛି। ଋଷୀଙ୍କ ସୁରକ୍ଷା ନାଁରେ ଏମାନେ ଗୃହକୁ ଚଳାଇ ଦେଉନାହାଁନ୍ତି। ଏହି ପବିତ୍ର ଗୃହକୁ ବାରମ୍ବାର ଅଚଳ କରିବା ଦ୍ୱାରା କାହାର ଲାଭ ହେଉଛି ସେମାନେ ଜାଣିପାରୁ ନାହାଁନ୍ତି। ଓଡ଼ିଶାବାସୀ କିନ୍ତୁ ଏହା ଜାଣିପାରୁଛନ୍ତି। ବିରୋଧୀ ଦଳ ଗଣତନ୍ତ୍ରରେ ସେମାନଙ୍କର ଭୂମିକା ସମ୍ପର୍କରେ ନିଶ୍ଚିତ ଅବଗତ ଅଛନ୍ତି। ସରାକରଙ୍କର ଯୋଜନା କାର୍ଯ୍ୟକ୍ରମ ବିଶେଷକରି ଋଷୀମାନଙ୍କ କ୍ଷେତ୍ରରେ କେଉଁଠି ଭୁଲ୍ ଭଟକା ରହୁଛି ସେ ବିଷୟ ଗୃହରେ ରହି ସେମାନେ ଆଲୋଚନା କରିଥିଲେ ଏବଂ ସରକାରଙ୍କୁ ପ୍ରସ୍ତାବ ଓ ପରାମର୍ଶ ଦେଇଥିଲେ ଭଲ ହୋଇଥାନ୍ତା। ଏହା ନକରି ଋଷୀଙ୍କ ନାଁରେ ଗୃହ ପରିତ୍ୟାଗ କରି ବାହାରେ ରାଲି, ବିକ୍ଷୋଭ କରିବା କେତେଦୂର ଯଥାର୍ଥ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ସେ ଆହୁରି ମଧ୍ୟ ବିରୋଧୀ ଦଳକୁ ବିଦ୍ରୁପ ପରି କହିଥିଲେ ଲକ୍ଷେ ଚାଷୀଙ୍କୁ ଆଣି ବିଧାନସଭା ଘେରାଉ କରିବେ ବୋଲି ଯେଉଁ ଆହ୍ୱାନ ଦିଆଯାଇଥିଲା ପ୍ରକୃତରେ ସେଭଳି ହୋଇଥିଲା। ବରଗଡ, ସମ୍ବଲପୁର, ଢେଙ୍କାନାଳରୁ ଚାଷୀ ଆସିଥିଲେ କି ? ଚାଷୀ ସମାବେଶରେ ଚାଷୀ ଥିଲେ କି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ।



ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାର ପ୍ରଗତିକୁ କିପରି ଆଗକୁ ନିଆଯିବ ଏବଂ ବିକାଶମୂଳକ କାର୍ଯ୍ୟକ୍ରମ କିପରି ତ୍ୱରାନ୍ୱିତ ହେବ ସେ ସମ୍ପର୍କରେ ଆଲୋଚନା ହେବା କଥା। ସେଥିପାଇଁ ଓଡ଼ିଶାର ଲୋକେ ବିଧାନସଭାରେ କ'ଣ ଆଲୋଚନା ହେଉଛି ତାହା ଜାଣିବାକୁ ଅପେକ୍ଷା କରିଛନ୍ତି। ବିରୋଧୀ ଦଳ ସାଣିତ ସ୍ୱରରେ ସରକାରଙ୍କ ଦୋଷତ୍ରୁଟି ଏଠାରେ ଉପସ୍ଥାପନ କରିବା ସହ ସେମାନଙ୍କର ଦାୟିତ୍ୱ କର୍ତ୍ତବ୍ୟ ପାଳନ କରିବା ପରିବର୍ତ୍ତେ ରାଜନୈତିକ ନାଟକବାଜି ଚଳାଇ ଗୃହରେ ଅଚଳାବସ୍ଥା ସୃଷ୍ଟି କରିବା କେତେଦୂର ଯଥାର୍ଥ ତାହା ଓଡ଼ିଶାବାସୀ ବିଚାର କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ୨୪ବର୍ଷ ଧରି ସେମାନେ ଶାସନ (ପୃଷ୍ଠା ୭ରେ)

## ୮ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

# ୯୦୭୨ କୋଟିର ରେଳ ପ୍ରକଳ୍ପକୁ ଅନୁମୋଦନ

ନୂଆଦିଲ୍ଲୀ, ୨୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ମଙ୍ଗଳବାର ରେଳ ମନ୍ତ୍ରଣାଳୟର ୯୦୭୨ କୋଟି ଟଙ୍କାର ବ୍ୟୟବରାଦ ସହିତ ତିନୋଟି ପ୍ରକଳ୍ପକୁ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ହେଲା-ଗୋନ୍ଦିଆ-ଜବଲପୁର ଦୋହରୀକରଣ, ପୁନରାଖ-କିଉଲ ତୃତୀୟ ଓ ଚତୁର୍ଥ ଲାଇନ, ଗମ୍ହାରିଆ-ଚାନ୍ଦିଲ ତୃତୀୟ ଓ ଚତୁର୍ଥ ଲାଇନ୍, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡ ରାଜ୍ୟର ୮ଟି ଜିଲ୍ଲା ଦେଇ ଯାଇଥିବା ଏହି ତିନିଟି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱାର୍କକୁ ପ୍ରାୟ ୩୦୭ କିଲୋମିଟର ବୃଦ୍ଧି କରିବ।

ପ୍ରସ୍ତାବିତ ଟ୍ରାକ୍ ଦୋହରୀକରଣ ପ୍ରକଳ୍ପ ପ୍ରାୟ ୯୮ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୫,୪୦୭ ଗ୍ରାମକୁ ରେଳ ସଂଯୋଗରେ ସୁଧାର ଆଣିବ। ବର୍ଦ୍ଧିତ ଲାଇନ କ୍ଷମତା ଗତିଶୀଳତାକୁ ଯଥେଷ୍ଟ ବୃଦ୍ଧି କରିବ, ଯାହା ଫଳରେ ଭାରତୀୟ ରେଳବାଇ ପାଇଁ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସେବା ନିର୍ଭରଯୋଗ୍ୟତା ଉନ୍ନତ ହେବ। ଏହି ଟ୍ରାକ୍ ଦୋହରିକରଣ ପ୍ରସ୍ତାବଗୁଡ଼ିକ ଯାତାୟାତକୁ ସୁବ୍ୟବସ୍ଥିତ କରିବା ଏବଂ ଭିଡ଼ ହ୍ରାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂତନ ଭାରତର ଦୃଷ୍ଟିକୋଣ ଅନୁରୂପ ଯାହା ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଏହି କ୍ଷେତ୍ରରେ ବ୍ୟାପକ ବିକାଶ ଦ୍ୱାରା 'ଆତ୍ମନିର୍ଭର' କରିବ। ଏହା ମଧ୍ୟ ସେମାନଙ୍କ ପାଇଁ ନିଯୁକ୍ତି / ଆତ୍ମନିଯୁକ୍ତି ସୁଯୋଗ ବୃଦ୍ଧି କରିବ।



ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନରେ ଯୋଜନା କରାଯାଇଛି, ଯେଉଁଥିରେ ସମନ୍ୱିତ ଯୋଜନା ଏବଂ ଅଂଶୀଦାରମାନଙ୍କ (ପୃଷ୍ଠା ୭ରେ)

## କେରଳରୁ 'କେରଳମ୍'

ନୂଆଦିଲ୍ଲୀ, ୨୪।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ମଙ୍ଗଳବାର 'କେରଳ' ରାଜ୍ୟର ନାମ 'କେରଳମ' କରିବା ପ୍ରସ୍ତାବକୁ ମଞ୍ଜୁର କରିଛି।

କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପରେ, ରାଷ୍ଟ୍ରପତି ଭାରତୀୟ ସମ୍ବିଧାନର ଧାରା ୩ର ସର୍ତ୍ତାବଳୀ ଅନୁଯାୟୀ ନିଜର ମତାମତ ପ୍ରକାଶ କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ନାମକ ବିଧେୟକକୁ କେରଳ ରାଜ୍ୟ ବିଧାନସଭାକୁ ପଠାଇବେ। କେରଳ ରାଜ୍ୟ ବିଧାନସଭାର ମତାମତ ଗ୍ରହଣ କରିବା ପରେ, ଭାରତ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ ଏବଂ ସଂସଦରେ 'କେରଳ' ରାଜ୍ୟର ନାମ 'କେରଳମ' କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ଆଗତ କରିବା ପାଇଁ ରାଷ୍ଟ୍ରପତିଙ୍କ ସୁପାରିସ ଗ୍ରହଣ କରାଯିବ।

# ଦୁଇଟି ଟିମ୍‌ରେ ହେବ ଗଣତିମଣତି

ପୁରୀ, ୨୪।୨

ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଗଣତିମଣତି ନେଇ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଣତି ମଣତି ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ରାଜ୍ୟ ସରକାରଙ୍କ ଅନୁମୋଦିତ ଏସଓପି ହସ୍ତଗତ ହୋଇଛି। ୧୪ ପୃଷ୍ଠା ବିଶିଷ୍ଟ ଏକ ବିସ୍ତୃତ ଏସଓପି ହସ୍ତଗତ ହୋଇଛି। ଗଣତିମଣତି ନେଇ ୨ଟି ଟିମ୍ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଦୁଇଟି ଟିମ ହେଉଛି ତତ୍ତ୍ୱାବଧାରକ ଟିମ୍ ଓ କାର୍ଯ୍ୟବାହୀ ଟିମ୍ ଗଠନ କରାଯିବ। କେଉଁଦିନ ଠାରୁ ଗଣତି ମଣତି ହେବ ପରିଚାଳନା କମିଟି ସ୍ଥିର କରିବ। ଏହି ଦୁଇ ଟିମକୁ ମୁଖ୍ୟ ପ୍ରଶାସକ ଲିଡ୍ କରିବେ।

କେଉଁ ଦିନ ଠାରୁ ଗଣତି ମଣତି ହେବ ପରିଚାଳନା କମିଟି ଚୂଡାନ୍ତ କରିବ। ନୀତିବହୁଳ ଦିନମାନଙ୍କରେ ଗଣତି ମଣତି ହୋଇପାରିବ ନାହିଁ। ଆଜିଠୁ ନୀଳାଦ୍ରିବିଜେ ମଧ୍ୟରେ ୧୩୫ଦିନ ବାକି ରହିଛି। ମାତ୍ର ଏହି ୧୩୫ଦିନ ଭିତରୁ ୧୦୦ ଦିନ ଗଣତି ମଣତି ହୋଇପାରିବ ନାହିଁ। ଅନ୍ୟ ୧୫ଟି ଦିନରୁ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଗଣତିମଣତି ଦିନ ଧାର୍ଯ୍ୟ କରିବାକୁ ଏସଓପିରେ କୁହାଯାଇଛି। ଶନିବାର ଓ ରବିବାର ଭକ୍ତଙ୍କ ଗହଳି ଅଧିକ ହେଉଥିବାରୁ ଏହି ଦିନଗୁଡିକରେ (ପୃଷ୍ଠା ୭ରେ)



## ଭାରତୀୟ ସେନାର 'ଅଗ୍ନି ବର୍ଷା' ପ୍ରଦର୍ଶନ

ନୂଆଦିଲ୍ଲୀ, ୨୪।୨

ଭାରତୀୟ ସେନାର ଦକ୍ଷିଣ କମାଣ୍ଡର ସୈନ୍ୟମାନେ ମଙ୍ଗଳବାର ପୋଖରାନ ଫାୟାରିଂ ରେଞ୍ଜ କ୍ଷେତ୍ରରେ "ଅଗ୍ନି ବର୍ଷା" ନାମରେ ଅଭ୍ୟାସ କରିଛନ୍ତି। ମରୁଭୂମିରେ କାର୍ଯ୍ୟକ୍ଷମ ପ୍ରସ୍ତୁତି ଏବଂ ସମନ୍ୱିତ ଯୁଦ୍ଧ କ୍ଷମତା ପ୍ରଦର୍ଶନ କରିଛନ୍ତି ସେନାର ଯବାନ।

ଏହି ଅଭ୍ୟାସ ଏକ ବାସ୍ତବବାଦୀ କାର୍ଯ୍ୟକ୍ଷମ ପରିବେଶରେ ମିଳିତ ଅସ୍ତ୍ରଶସ୍ତ୍ର, ସଠିକତା ଦୂରଗାମୀ ରକେଟ ଉତକ୍ଷେପଣ, ନେଟୱାର୍କ-ସକ୍ଷମ କମାଣ୍ଡ ଏବଂ ସମନ୍ୱିତ ନିଯୁକ୍ତି ନିୟନ୍ତ୍ରଣ ବୈଧ କରିଥିଲା। ଏହି ଅଭ୍ୟାସରେ ସମନ୍ୱିତ ଗୁଳି ଚାଳନ ଓ ଯାନ୍ତ୍ରିକ ବାହିନୀର ପ୍ରକୋପ ଦୃଶ୍ୟମାନ କରିଥିଲା। ୨୫ଟି ଦେଶର ବିଦେଶୀ ପ୍ରତିରକ୍ଷା ସାମ୍ବାଦିକମାନେ ଏହି ଅଭ୍ୟାସ ପ୍ରଦର୍ଶନ ଦେଖିଥିଲେ।

"ଅଗ୍ନି ବର୍ଷା" ଅଭ୍ୟାସରେ ମାନବହୀନ ଯୁଦ୍ଧ ବିମାନ(ଡ୍ରୋନ), ପ୍ରତିପକ୍ଷ ଡ୍ରୋନ୍ ଧ୍ୱଂସ କରିବା, ସଠିକତା ରକେଟ୍ ଷ୍ଟ୍ରାଇକ୍, ଆଧୁନିକ ତୋପ ପ୍ଲାଟଫର୍ମ ଏବଂ ନେଟୱାର୍କ ନିରୀକ୍ଷଣ ମେସିନ ସମେତ ଯୁଦ୍ଧକ୍ଷେତ୍ର ପ୍ରଯୁକ୍ତିବିଦ୍ୟାର ଏକ ବିସ୍ତୃତ ସ୍ପେକ୍ଟ୍ରମ୍ ଅନ୍ତର୍ଭୁକ୍ତ ଥିଲା। ସମନ୍ୱିତ ଚାଳନ ବାହିନୀରେ ଟି-୯୦ ମୁଖ୍ୟ ଯୁଦ୍ଧ ଟ୍ୟାଙ୍କ, ପଦାତିକ ଯୁଦ୍ଧଯାନ, କେ-୯ ସ୍ୱୟଂ-ଚାଳିତ ବଜ୍ର ହାୱିଟ୍‌ଜର, ଶାରଙ୍ଗ ଏବଂ ବୋଫର୍ସ ତୋପ ଷ୍ଟାଣ୍ଡ, ରକେଟ୍ ଉତକ୍ଷେପଣ ପ୍ଲାଟଫର୍ମ, ସ୍ୱଦେଶୀ ଏଏଲ୍‌ଏଚ୍ ଅସ୍ତ୍ର ପ୍ରଣାଳୀ ସମନ୍ୱିତ ହେଲିକପ୍ଟର, ଆକ୍ରମଣ ହେଲିକପ୍ଟର ଆପାଚି ଏବଂ ବିଭିନ୍ନ ପ୍ରକାରର ଷ୍ଟ୍ରାଇକ୍ ଡ୍ରୋନ୍ ଅନ୍ତର୍ଭୁକ୍ତ ଥିଲା। ଏହି ଅଭ୍ୟାସ ଭାରତୀୟ ସେନାର ପ୍ରଯୁକ୍ତିବିଦ୍ୟା ଆଭିମୁଖ୍ୟ, ସ୍ୱଦେଶୀକରଣ ଏବଂ କ୍ଷମତା ବିକାଶ ଉପରେ ନିରନ୍ତର ଗୁରୁତ୍ୱକୁ ଗୁରୁତ୍ୱାରୋପ କରେ। ଜାତୀୟ ସୁରକ୍ଷା ପ୍ରାଥମିକତା ଅନୁଯାୟୀ ଦ୍ରୁତ, ସମନ୍ୱିତ ଏବଂ ନିର୍ଣ୍ଣାୟକ ଅପରେସନ୍ କରିବା ପାଇଁ ଏହାର ପ୍ରସ୍ତୁତିକୁ ପୁନଃନିର୍ଦ୍ଦିଷ୍ଟ କରୁଛି।

## ଏୟାର ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

# ରୋଗୀ, ଡାକ୍ତରଙ୍କ ସମେତ ୭ ମୃତ

ରାଞ୍ଚି, ୨୪।୨

ଦୁର୍ଘଟଣାଗସ୍ତ ହେଲା ଏୟାର ଆମ୍ବୁଲାନ୍ସ। ବିମାନରେ ଥିବା ୭ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଝାଡଖଣ୍ଡରୁ ଦିଲ୍ଲୀ ଯାଉଥିବା ଏହି ଏୟାର ଆମ୍ବୁଲାନ୍ସରେ ଥିବା ସମସ୍ତ ୭ଜଣ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଛି। ପୋଡିଯାଇଥିବା ଜଣେ ରୋଗୀଙ୍କୁ ନେଇ ଝାଡଖଣ୍ଡରୁ ଦିଲ୍ଲୀ ବାହାରିଥିଲା ଏୟାର ଆମ୍ବୁଲାନ୍ସ ଉଡାଣର କିଛି ସମୟ ପରେ ବିମାନଟି ସୋମବାର ରାତିରେ ଝାଡ଼ଖଣ୍ଡର ଛତ୍ରା ଜିଲ୍ଲାର ସିମରିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ରୋଗୀ, କ୍ରୁ ସଦସ୍ୟଙ୍କ ସହ ବିମାନରେ ଥିବା ୭ ଜଣଙ୍କର ଜୀବନ ଯାଇଛି।



ଦୁର୍ଘଟଣାର କିଛି ଘଣ୍ଟା ପରେ ଏହା ନିଶ୍ଚିତ ହୋଇଛି। ପୂର୍ବରୁ ରିପୋର୍ଟରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ କଥା (ପୃଷ୍ଠା ୭ରେ)

## ମାର୍ଚ୍ଚ ୧୯ରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ

କଟକ, ୨୪।୨ : ନ୍ୟୁଜ୍ ବ୍ୟୁରୋ

ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ହିନ୍ଦୀ ଓ ସଂସ୍କୃତ ପରୀକ୍ଷା ଶେଷ ହୋଇଛି। ଏଥିରେ କେହି ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ୍ ବା ଏକ୍ସପେଲ ହୋଇନଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଓଡ଼ିଆ, ଇଂରାଜୀ ଓ ହିନ୍ଦୀ, ସଂସ୍କୃତ ବିଷୟ ପରୀକ୍ଷା ଶେଷ ହେବା ପରେ ଏହି ତିନୋଟି ବିଷୟର ଉତ୍ତର ଖାତା ମଙ୍ଗଳବାରଠୁ ରାଜ୍ୟର ୩୧୨ଟି ଯାକ ନୋଡାଲ୍ ସେଣ୍ଟରରୁ ସଂଗ୍ରହ ପାଇଁ ପ୍ରସ୍ତୁତି ଆରମ୍ଭ ହେବାକୁ ଯାଉଛି। ତିନୋଟି ବିଷୟର ଉତ୍ତର ଖାତା ଏବଂ ଓଏମ୍‌ଆର ସିଟ୍ ଗୁଡ଼ିକ ପୁଲିସ ସହାୟତାରେ କଡ଼ା ସୁରକ୍ଷା ବଳୟରେ ମୂଲ୍ୟାୟନ କେନ୍ଦ୍ର (ଭାଲ୍ୟୁଏସନ ସେଣ୍ଟର)କୁ ଦିନେ ଦୁଇଦିନ ମଧ୍ୟରେ ପହଞ୍ଚାଇବା ପାଇଁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ରହିଛି। ଅନ୍ୟପକ୍ଷରେ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ମାର୍ଚ୍ଚ ୧୯ ତାରିଖରୁ ଆରମ୍ଭ ହେବ। ଏହି ମୂଲ୍ୟାୟନ ପ୍ରକ୍ରିୟା ଏପ୍ରିଲ୍ ୨ ତାରିଖ ସୁଦ୍ଧା ଶେଷ କରିବା ପାଇଁ ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ମାଟ୍ରିକ୍ ସହ ଷ୍ଟେଟ୍ ଓପନ୍ ସ୍କୁଲ୍ ସାର୍ଟିଫିକେଟ୍ (ଏସ୍‌ଓଏସସି)ଓ ସଂସ୍କୃତ ମଧ୍ୟମା ଖାତା ଦେଖା ପାଇଁ ୩୦ ଟି ଜିଲ୍ଲାରେ ସମୁଦାୟ ୫୦ଟି ମୂଲ୍ୟାୟନ କେନ୍ଦ୍ର ହୋଇଛି। ଏଥିରୁ ୪୭ଟି ହାଇସ୍କୁଲ୍‌ରେ ମାଟ୍ରିକ୍ ଖାତା ଦେଖିବା ଲାଗି ବ୍ୟବସ୍ଥା ରହିଥିବା ବେଳେ ଦୁଇଟି କେନ୍ଦ୍ରରେ ଏସ୍‌ଓଏସସି ଓ ଗୋଟେ କେନ୍ଦ୍ରରେ ମଧ୍ୟମା ଖାତା ଦେଖା ହେବ। ମୂଲ୍ୟାୟନରେ ସ୍ୱଚ୍ଛତା ବଜାୟ ରଖିବା କେଉଁ ନୋଡାଲ୍ ସେଣ୍ଟରରୁ ଉତ୍ତର (ପୃଷ୍ଠା ୭ରେ)

# ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ଋଷୀଙ୍କ ଠାରୁ ଧାନ କିଣାଯିବ

ଭୁବନେଶ୍ୱର, ୨୪।୨

ନ୍ୟୁଜ୍ ବ୍ୟୁରୋ

ଆଜି ବିଧାନସଭାରେ "ଧାନମଣ୍ଡିରେ କଟନି, ଛଟନି, ଏମ୍‌ଏସ୍‌ପି ମିଳୁନି, ଋଷୀ ହେଉଛନ୍ତି ହତାଶ" ଅଭିଯୋଗ ଦର୍ଶାଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ଅଶୋକ ଦାସ ଓ ତାରାପ୍ରସାଦ ବାହିନୀପତିଙ୍କ ଦ୍ୱାରା ଆଗତ ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଉତ୍ତର ରଖିଥିଲେ। ତେବେ ମନ୍ତ୍ରୀ ଉତ୍ତର ଦେବା ଆରମ୍ଭ କରିବା ମାତ୍ରେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଏହାର ପ୍ରତିବାଦ ଜଣାଇଥିଲେ। ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ କେଶରୀ ଦେବ ଦର୍ଶାଇଥିଲେ ହଟ୍ଟଗୋଳ ଜନିତ କାରଣରୁ ଗୃହ ଋଲିବା ଅବସ୍ଥାରେ ନଥିଲେ ମଧ୍ୟ ବାଚସ୍ପତି ଏହାକୁ ଚଳାଉଛନ୍ତି। ଋଷୀଙ୍କ ସମସ୍ୟା ଉପରେ ଆଲୋଚନା ପାଇଁ ସରକାର ଋହୁଁନାହାଁନ୍ତି। ତେଣୁ ଏହାର ପ୍ରତିବାଦରେ ଆମ୍ଭେମାନେ କକ୍ଷତ୍ୟାଗ କରୁଛୁ ବୋଲି ସେ କହିଥିଲେ। ଏହାପରେ ବିଜେଡ଼ିର ବିଧାୟକମାନେ କକ୍ଷତ୍ୟାଗ କରିଥିଲେ।

ବିରୋଧୀ ଦଳର ଅଭିଯୋଗକୁ ଦୃଢ ଭାବରେ ଖଣ୍ଡନ କରି ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ ଯେ, ରାଜ୍ୟ ସରକାର ଋଷୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରୁଛନ୍ତି। ସମସ୍ତ ଯୋଗ୍ୟ ପଞ୍ଜିକୃତ ଋଷୀଙ୍କ ଠାରୁ ଧାନ କିଣାଯିବ ବୋଲି ଯାହା କୁହାଯାଇଥିଲା ତାହା ନିଶ୍ଚିତ ଭାବେ ପାଳନ କରାଯିବ। କୌଣସି ଜଣେ ହେଲେ ଋଷୀଙ୍କ ଧାନ ଲ୍ୟାପ୍ସ କରିବ ନାହିଁ। ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଋଷୀଙ୍କ ଠାରୁ ଧାନ କିଣାଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ମନ୍ତ୍ରୀ କହିଥିଲେ ପୂର୍ବ ବର୍ଷ ଅପେକ୍ଷା ୨୦୨୪-୨୫ ବର୍ଷରେ ରାଜ୍ୟ ସରକାର ୧୯ ଲକ୍ଷ ୭୩ ହଜାର ଋଷୀଙ୍କ ଠାରୁ ୯୨ ଲକ୍ଷ ୬୪ ହଜାର ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି। ଯାହା ରାଜ୍ୟ ଇତିହାସରେ ଏକ ମାଇଲ (ପୃଷ୍ଠା ୭ରେ)

## ଆତ୍ମସମର୍ପଣ କଲେ ଦେଶର ୪ବଡ଼ ମାଓନେତା

କୋରୁକୋଣ୍ଡା, ୨୪।୨

ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ଜିଲ୍ଲା ସୀମାନ୍ତ ପଡ଼ୋଶୀ ରାଜ୍ୟ ତେଲେଙ୍ଗାନାରେ ନକ୍ସଲବାଦରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଦେଖିବାକୁ ମିଳିଛି। ଚାରି ଜଣ ଟପ କ୍ୟାଡର ମାଓନେତା ହିଂସା ପରିତ୍ୟାଗ କରି ମୁଖ୍ୟସ୍ରୋତକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରୀ ସୂଚନା ଅନୁଯାୟୀ, ପଲିଟବ୍ୟୁରୋ ସଦସ୍ୟ ଦେବଜୀ ଓରଫ ଟିପିରି ତିରୁପତି, କେନ୍ଦ୍ରୀୟ କମିଟି ସଦସ୍ୟ ମାଲା ରାଜିରେଡ଼ି ଓରଫ ସଂଗ୍ରାମ, ଟିଏସସି ସଚିବ ଦାମୋଦର ଏବଂ ଡିକେଏସଜେଡସି (ପୃଷ୍ଠା ୭ରେ)

## ଏକାଳ ପଖାଳ



ଦାନ୍ତ ଦେଖେଇକି ହେଁ ହେଁ ହେଲେ
ମ୍ୟାଚ୍ ଯାଉଛ ହାରି
ଅନ୍ୟଟିମ୍ ପାଇଁ ମୁଣ୍ଡିଆ ମାରୁଛ
ଜିତିଯାଉ କଣ କରି...
ଫୁସ୍‌କା ବେଲୁନ୍ ପରି
ବଡ ମ୍ୟାଚ୍‌ରେ ତୁଛା ବାହାସ୍ଫୋଟ
କିନ୍ତୁ ହେଇଯା'ନ୍ତି ଘୋରି।

# ଭୁବନେଶ୍ୱରରେ କାଳବୈଶାଖୀ: ହୋର୍ଡିଂ ଭୁଶୁଡ଼ି ଜଣେ ମୃତ



ଭୁବନେଶ୍ୱର, ୨୪।୨

ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଅପରାହ୍ନରେ ଟ୍ୱିନ୍‌ସିଟି କଟକ-ଭୁବନେଶ୍ୱରରେ ଅଚାନକ କାଳବୈଶାଖୀ ତାଣ୍ଡବ ରଚିଛି। ଏଥିଯୋଗୁ ଅଚାନକ ପାଗ ପରିବର୍ତ୍ତନ ସହିତ ବିଭିନ୍ନ ସ୍ଥାନରେ ଝଡ଼ ତୋଫାନ ଓ ବର୍ଷା ହୋଇଥିଲା। ପାତ୍ରପଡ଼ା ଆଇଗିଣିଆ ଦୁର୍ଗାମଣ୍ଡପ ପାଖରେ ଏକ ବଡ଼ ହୋର୍ଡିଂ ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ଦୁଇ ଜଣ ଆହତ ହୋଇଛନ୍ତି। ବର୍ଷାରୁ ରକ୍ଷା ପାଇବା ପାଇଁ ସେମାନେ ହୋର୍ଡିଂ ତଳେ ଆଶ୍ରୟ ନେଇଥିବା ବେଳେ ଏହି ଅଘଟଣ ଘଟିଛି। ଏଥିରେ ଏକାଧିକ ଦୋକାନ ଘର ମଧ୍ୟ ଭାଙ୍ଗିଯାଇଛି।

କାଳବୈଶାଖୀ ଯୋଗୁଁ ସହରର ବିଭିନ୍ନ ଅଞ୍ଚଳରେ ଜୋରଦାର ପବନ ବହିବା ସହିତ ଗଛ, ବିଦ୍ୟୁତ ଖୁଣ୍ଟ ଓ କିଛି ଘରଦ୍ୱାରା କ୍ଷତିଗ୍ରସ୍ତ ହୋଇଛି। ଅନେକ ସ୍ଥାନରେ ରାସ୍ତାରେ ପାଣି ଜମି ଜଳାର୍ଣ୍ଣବ ସୃଷ୍ଟି ହୋଇଥିଲା, ଯାହା ଫଳରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ବଙ୍ଗୋପସାଗରରେ ସୃଷ୍ଟ ଟ୍ରଫ୍ ଲାଇନ୍ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ସୋମବାର ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହୋଇଥିବା ବେଳେ (ପୃଷ୍ଠା ୭ରେ)

## ଲଘୁଚାପ କ୍ଷେତ୍ର ପ୍ରଭାବରେ ୫ ଜିଲ୍ଲାରେ ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୪।୨

ନ୍ୟୁଜ୍ ବ୍ୟୁରୋ

ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ପ୍ରଭାବରେ ଦୁଇ ଦିନ ହେଲା ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ବିଶେଷ କରି କୋରାପୁଟ, ସୁବର୍ଣ୍ଣପୁର ବରଗଡ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ତେବେ ବୁଧବାର ୫ ଜିଲ୍ଲାରେ ବର୍ଷା ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେହି ଜିଲ୍ଲାଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଏବଂ କେନ୍ଦୁଝର। ଏସବୁ ଜିଲ୍ଲାରେ ବିଜୁଳି ଓ ଘଡଘଡି ସହ ବର୍ଷା ଏବଂ ପବନ ହେବାର ସମ୍ଭାବନା ରହିଛି।



ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି। ଏଥିସହ ଗାଙ୍ଗେୟ ପଶ୍ଚିମବଙ୍ଗରୁ ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶକୁ ଏକ ଟ୍ରଫ ଲାଇନ ସମୁଦ୍ର ପତ୍ତନଠାରୁ ୦.୯ କିମି ଉଚ୍ଚତାରେ ଓଡ଼ିଶା ଦେଇ ଗତି କରୁଛି। (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୨୫ ଫେବୃୟାରୀ ୨୦୨୬ ବୁଧବାର





# ବିଭିନ୍ନ ସ୍ଥାନରୁ ବ୍ୟାପକ ଗଞ୍ଜେଇ ଜବତ, ୭ ଗିରଫ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜାତୀୟ ରାଜପଥ ନଂ ୫୭ର ବାମଣ୍ଡା ନିକଟରୁ ବୌଦ୍ଧ ପୋଲିସ ଏକ କାର୍ ସହ ଗଞ୍ଜେଇ ଜବତ କରି ଜଣଙ୍କୁ ଗିରଫ କରିଛ । ମିଳିଥିବା ସୂଚନା ଅନୁଯାୟୀ କୌଣସି ବିଶେଷ ସୂତ୍ରରୁ ଖବରପାଇ ଆଦର୍ଶ ଥାନା ପୋଲିସ ବାମଣ୍ଡା ନିକଟରେ ଚଢଉକରି ଉକ୍ତି ପ୍ରସାଦ ଦାସ, ଗ୍ରାମ- ବାଣପୁରଙ୍କୁ ଗିରଫ କରିଥିଲେ । ଏକ କାର୍‌ରେ ଅବୈଧ ଗଞ୍ଜେଇ ପରିବହନ କରୁଥିଲେ। ତଲାସି ସମୟରେ ଉକ୍ତ ଗାଡ଼ିରୁ ଗଞ୍ଜେଇ ଜବତ ହୋଇଥିବା ସହ ଗାଡ଼ିଟିକୁ ମଧ୍ୟ ଜବତ କରାଯାଇଛି। ଅବୈଧ ଗଞ୍ଜେଇ ଚାଲାଣର ଉତ୍ସ ଓ ଗନ୍ତବ୍ୟ ସମ୍ପର୍କରେ ତଦନ୍ତ ଚାଲିଥିବା ଆଇଆଇସି ନଳିନୀ କାନ୍ତ ଦାସ ସୂଚନା ଦେଇଛନ୍ତି । ସେହିପରି ବୌଦ୍ଧ ଥାନା ପୋଲିସ ଦ୍ୱାରା ବଘିଆପଡା-ଲାଣ୍ଡିବନ୍ଧ ରାସ୍ତାର ପଚ୍ଛାଇ ନିକଟରେ ଚଢଉକରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଉକ୍ତ ଘଟଣାରେ ୬ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି । ତଦନ୍ତରେ ପ୍ରକାଶ ପାଇଛି ଯେ ଅଭିଯୁକ୍ତମାନେ ପ୍ରାୟ ୧୪ କ୍ୱିଣ୍ଟାଲ୍ ଗଞ୍ଜେଇ ପରିବହନ ପାଇଁ ଯୋଜନା କରି ସେଠାରେ ଏକତ୍ରିତ ହୋଇ ଗଞ୍ଜେଇ ଚାଲାଣକାରୀଙ୍କୁ ଅପେକ୍ଷା କରିଥିଲେ। ଏହି ସମୟରେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢଉ କରିଥିଲା ।





# ମଦ ବିକ୍ରି ବିରୋଧରେ ମହିଳାମାନଙ୍କ ବିକ୍ଷୋଭ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଅବକାରୀ ଥାନା ଅଞ୍ଚଳରେ ଖୋଲାଖୋଲି ଭାବେ ଚୋରା ମଦ ବିକ୍ରିହେବା ଓ ମଦ ଖାଇ ରାସ୍ତା ଉପରେ ଉତ୍ପାତ କରିବା ସାଧାରଣରେ ଦେଖିବାକୁ ମିଳୁଛି। ଏବେ ମହିଳାମାନେ ସବୁଆଡେ ତୀବ୍ର ବିରୋଧ କରିବା ଆରମ୍ଭ କରିଛନ୍ତି। ଜାରକା ଓ ଜାମୁବଣିଆ ଗ୍ରାମର ମହିଳାମାନେ ମଦ ପିଇବା ଦ୍ୱାରା ସେମାନଙ୍କ ପରିବାର ଉଜୁଡିଗଲାଣି ବୋଲି ପ୍ରତିବାଦକରି ଧର୍ମଶାଳା ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସୋମବାର ଦିନ ଗଙ୍ଗାଧରପୁର ପଞ୍ଚାୟତ ପଲାର ଗ୍ରାମର ମହିଳାମାନେ ନାକ ପୋଲଛକ ଓ ପଲାର ଗ୍ରାମରେ ଚୋରାମଦ ବିକ୍ରିକୁ ବିରୋଧକରି ରାସ୍ତା ଅବରୋଧ କରି ବସି ରହିଥିଲେ। ଘଟଣାସ୍ଥଳରେ ଧର୍ମଶାଳା ପୋଲିସ ପହଞ୍ଚି ବୁଝାସୁଝା କରିଥିଲେ। ପରେ ମହିଳାମାନେ ଏକ ଶୋଭାଯାତ୍ରାରେ ଯାଇ ଜାରକା ଠାରେ ଥିବା ଅବକାରୀ ଅଧିକାରିଣୀ ଶୁଭଶ୍ରୀ ଚକ୍ରଙ୍କୁ ଦ୍ୱିଜ ଦାବିପତ୍ର ପ୍ରଦାନ କରିଥିଲେ।

# ଧାନ ଉଠୁନି ମଣ୍ଡିରୁ:ଚାଷୀ ହତାଶ, ସରିଲାଣି ଟୋକନ୍ ଅବଧି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୨୧ ଗୋଟି କୃଷି ସମବାୟ ସମିତି ମଧ୍ୟରୁ ମାତ୍ର ୮-୧୦ଟି ମଣ୍ଡିରେ ଧାନ କିଣା ଠିକ୍ ଭାବରେ ଚାଲିଥିବା ବେଳେ ଅଧିକାଂଶ ମଣ୍ଡିରେ ମିଲର ଧାନ ନେଉନଥିବା ଫଳରେ ଚାଷୀମାନେ ହତାଶ ହୋଇ ବସିଛନ୍ତି । ଏବଂ ସେମାନଙ୍କ ଟୋକନ୍ ଅବଧି ମଧ୍ୟ ସରିଲାଣି । ଏନେଇ ସୋମବାର ମହାକାଳପଡା ବ୍ଲକ ଅନ୍ତର୍ଗତ ତେରଗାଁ ସୋସାଇଟିର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କ ମଣ୍ଡିରୁ ମିଲର ଧାନ ନେଉନଥିବାରୁ ଚାଷୀମାନେ ଧାନ ଦେଇପାରୁ ନାହାଁନ୍ତି । ଏବଂ ମିଲର ମାନେ ଅଖା ମଧ୍ୟ ଦେଉନାହାଁନ୍ତି । ଚାଷୀ ଧାନ ଦେଇପାରୁ ନଥିବାରୁ ସେମାନଙ୍କ ଟୋକନ ଅବଧି ମଧ୍ୟ ସରିଲାଣି । ତୁରନ୍ତ ସେମାନଙ୍କ ମଣ୍ଡିରୁ ମିଲର ଧାନ ଉଠାଇବା ସହିତ ଟୋକନ ଅବଧି ସରିଯାଇଥିବା ଚାଷୀମାନେ କିଭଳି ଧାନ ଦେଇପାରିବେ ସେନେଇ କୃଷି ସମବାୟ ସମିତିର ପଞ୍ଜିକରଣ ଚାଷୀ ପ୍ରହଲ୍ଲାଦ ପାଣି, ବିପିନ କୁମାର ଦାସ, ମେଘାନନ୍ଦ ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ବିଜୟ କୁମାର ଖଟୁଆ, ହୃଷିକେଶ ଦାସ ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

## ///// ଶୈଳବାଳାଙ୍କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ /////

# କଲେଜ ପରିସରରେ ଆଲୋଚନା କରିବାକୁ ଛାତ୍ରୀମାନଙ୍କ ଦାବି

**କଟକ, ନ୍ୟୁଜ୍ ବ୍ୟୁରୋ**



ଐତିହାସିକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବିରେ ଚାଲିଥିବା ଆନ୍ଦୋଳନ ଏକ ନୂଆ ମୋଡ଼ ନେଇଛି। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ମହାବିଦ୍ୟାଳୟ ପରିସରରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବାରଥିଲା । ମାତ୍ର ପ୍ରଶାସନିକ ଅଧିକାରୀମାନେ ଅନୁପସ୍ଥିତ ରହିବାରୁ ଏହି ବୈଠକ ହୋଇପାରିନାହିଁ। ଅପରାହ୍ନ ୪ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ କରିବାକୁ ପ୍ରଶାସନ ପକ୍ଷରୁ କୁହାଯିବା ପରେ ଏଭଳି ନିଷ୍ପତ୍ତିକୁ ନେଇ ଆନ୍ଦୋଳନକାରୀମାନେ ଅସନ୍ତୋଷ ଜାହିର କରିଛନ୍ତି। ଆଲୋଚନା କଲେଜ କ୍ୟାମ୍ପସ୍‌ରେ କରିବା ପାଇଁ ଛାତ୍ରୀମାନେ ଦାବି କରିଛନ୍ତି । ଆମେ କାହିଁକି ସେଠାକୁ ଯିବୁ? କଲେଜ କ୍ୟାମ୍ପସ୍‌ରେ ହିଁ ଆଲୋଚନା କରାଯାଉ ବୋଲି ଆନ୍ଦୋଳନକାରୀ ଛାତ୍ରୀମାନେ ଅଡି ବସିଛନ୍ତି। ସେହିପରି ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗରେ ମନ୍ତ୍ରୀଙ୍କ ପ୍ରତିକ୍ରିୟାକୁ ନେଇ ସମାଲୋଚନା କରିଛନ୍ତି ଛାତ୍ରୀ। ବିଶ୍ୱବିଦ୍ୟାଳୟ ଦାବି ଏବେକାର ନୁହେଁ । ବହୁ ପୁରୁଣା ଦାବି । ମନ୍ତ୍ରୀ କାହିଁକି ଆଲୋଚନା କରିବାକୁ କଲେଜ ଆସୁନାହାନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ଶୈଳବାଳା ବହୁ ପୁରାତନ ମହିଳା କଲେଜ ଓ ତାହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରାଯିବା ଦରକାର । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରୀମାନେ ଦାବି କରିଛନ୍ତି । ସେହିପରି ଶୈଳବାଳା କଲେଜ ଛାତ୍ରୀଙ୍କ ଆନ୍ଦୋଳନକୁ ସମର୍ଥନ କରିଛନ୍ତି ମଧୁବାବୁ ସ୍ମୃତି ସଂଗଠନ। ସଂଗଠନର ସଭାପତି ନଟବର ଶତପଥୀ କହିଛନ୍ତି, ମହାବିଦ୍ୟାଳୟର ଛାତ୍ରୀ ଏବଂ ମଧୁବାବୁ ସ୍ମୃତି ସଂଗଠନର ପ୍ରତ୍ୟେକ ସଦସ୍ୟ ଏହି କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳୁ ବୋଲି ଦାବି କରୁଛୁ । ମଧୁବାବୁଙ୍କ ସ୍ମୃତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ କରିବା ନିହାତି ଜରୁରୀ । ମହାବିଦ୍ୟାଳୟର ୧୫ ଏକର ସମ୍ପତ୍ତି ଅଛି । ଏଥିରେ ବିଶ୍ୱବିଦ୍ୟାଳୟ ହୋଇପାରିବ। ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ । ଜିଲ୍ଲା ପ୍ରଶାସନ ମହାବିଦ୍ୟାଳୟ ପରିସରକୁ ଆସି ଆଲୋଚନା କରୁ ବୋଲି ସେ ଦାବି କରିଛନ୍ତି । ପ୍ରଶାସନ ପକ୍ଷରୁ ଛାତ୍ରୀ ପ୍ରତିନିଧିଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଆଲୋଚନା କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମାତ୍ର ଆନ୍ଦୋଳନରତ ଛାତ୍ରୀମାନେ ଏହି ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଛାତ୍ରୀମାନେ ଜିଦ୍ ଧରିଛନ୍ତି ଯେ, 'ଆମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯିବୁ ନାହିଁ। ଯାହାବି ଆଲୋଚନା ହେବ, ତାହା ମହାବିଦ୍ୟାଳୟ ପରିସରରେ ହିଁ ହେବା ଦରକାର।' ପ୍ରଶାସନ କଲେଜକୁ ଆସି ସବୁ ପକ୍ଷଙ୍କ ଉପସ୍ଥିତିରେ ନିଷ୍ପତ୍ତି ନେବାକୁ ସେମାନେ ଦାବି କରିଛନ୍ତି । ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ଦାବିରେ ଚାଲିଥିବା ଆନ୍ଦୋଳନରେ ଅନେକ ଅବସରପ୍ରାପ୍ତ ଅଧ୍ୟାପକ ଅଧ୍ୟାପିକାମାନେ କଲେଜ କ୍ୟାମ୍ପସ୍ ମଧ୍ୟରେ ଧାରଣାରେ ବସି ଆନ୍ଦୋଳନ କରୁଛନ୍ତି। କର୍ତ୍ତୃପକ୍ଷ ଏହାର ସମାଧାନ ନକରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବାକୁ ମଧୁବାବୁ ସ୍ମୃତି ସଂଗଠନ ଚେତାବନୀ ଦେଇଛି।

# "ମାତୃଭାଷା ହିଁ ବ୍ୟକ୍ତିତ୍ୱ ବିକାଶର ଶ୍ରେଷ୍ଠ ମାଧ୍ୟମ"

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ବିଶ୍ୱମାତୃଭାଷା ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ଆନୁକୂଲ୍ୟରେ 'ବ୍ୟକ୍ତିତ୍ୱ ଗଠନରେ ମାତୃଭାଷାର ଭୂମିକା' ଶୀର୍ଷକ ଯୁବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ତଥା ସ୍ତମ୍ଭକାର ଦେବେନ୍ଦ୍ର ନାଥ ରାଉତ ମୁଖ୍ୟବକ୍ତା ଭାବରେ ଆଭାଷୀ ମାଧ୍ୟମରେ ଯୋଗଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳର ପ୍ରାୟ ୨୫ଟିରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ହଜାର ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥିଲେ। ତାଙ୍କର ବକ୍ତବ୍ୟରେ ମାତୃଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଏହା ଚିନ୍ତନ, ଭାବନା, ସଂସ୍କୃତି, ନୀତି ଓ ପରିଚୟର ଆଧାର ସହିତ ବ୍ୟକ୍ତିତ୍ୱ ବିକାଶର ଶ୍ରେଷ୍ଠ ମାଧ୍ୟମ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରେ ପ୍ରାରମ୍ଭିକ ଶିକ୍ଷାରେ ଓଡ଼ିଆକୁ ସୁଦୃଢ କରାଯାଇ କ୍ରମାଗତ ଭାବେ ଇଂରାଜୀ ଓ ଅନ୍ୟ ଭାଷାକୁ ଅନ୍ତର୍ଭୁକ୍ତ କରାଗଲେ ଛାତ୍ରଛାତ୍ରୀମାନେ ବୌଦ୍ଧିକ କ୍ଷେତ୍ରରେ ସକ୍ଷମ, ଭାବନାତ୍ମକ ଭାବେ ସୁସ୍ଥ, ସାମାଜିକ ଭାବେ ଆତ୍ମବିଶ୍ୱାସୀ ଓ ନୀତିଗତ ଭାବେ ସୁନାଗରିକ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଓଡ଼ିଶାର ବିକାଶ ଓଡ଼ିଆ ଭାଷାର ମଜବୁତ ଭିତ୍ତିଭୂମି ସହ ବହୁଭାଷୀ ଦକ୍ଷତା ଯୋଗୁଁ ସମ୍ଭବ ହୋଇପାରିବ ବୋଲି ସେ ଯୋଗଦେଇଥିବା ଦଶ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦମ୍ଭୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କଲେଜର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଏହି ଗୁରୁତ୍ୱପୂର୍ଣ୍ଣ କର୍ମଶାଳାରେ ସକ୍ରୀୟ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆମ ଗୌରବ ଆମ କଲେଜ ପରିଚାଳନା ସଂଗଠନ ତରଫରୁ ଚୈତାଳି ସୋମ ପରିଚାଳନା କରିଥିବା ବେଳେ, ଏହାର ମୁଖ୍ୟ ପ୍ରସାଶନିକ ଅଧିକାରୀ ଧିରେନ୍ଦ୍ର ନାଥ କରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ସ୍ୱାତୀ ପ୍ରଭା ମିଶ୍ର, ଅଭିରାମ ଜେନା, ପ୍ରିତିନନ୍ଦ ମହାପାତ୍ର ଉପସ୍ଥିତ ଥିଲେ।

# ସ୍ତ୍ରୀର ଅନ୍ତରଙ୍ଗ ଫଟୋ ଭାଇରାଲ୍ କଲା ସ୍ୱାମୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ତ୍ରୀର ଅନ୍ତରଙ୍ଗ ଫଟୋ ଓ ଭିଡିଓ ଭାଇରାଲ୍ କରିଦେଲା ସ୍ୱାମୀ । ଏନେଇ ଭରତପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ପୀଡିତା ଜଣକ ପ୍ରେମ ବିବାହ କରିଥିଲେ। ପରେ ଯୌତୁକକୁ ନେଇ ଦୁଇ ପରିବାର ଭିତରେ ଝଗଡା ହୋଇଥିଲା। ଯାହାକୁ ନେଇ ପତ୍ନୀଙ୍କୁ ଘରୁ ବାହାର କରିଦେଇଥିଲେ ଅଭିଯୁକ୍ତ। ଏବେ କିଛି ଅଶ୍ଳୀଳ ଫଟୋକୁ ଏଡିଟ୍ କରି ଭାଇରାଲ୍ କରୁଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ପତ୍ନୀ। ପୋଲିସ ଅଭିଯୁକ୍ତ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଆଇଟି ଆକ୍ଟରେ ମାମଲା ରୁଜୁ କରି ତନାଘନା ଚଳାଇଛି ପୋଲିସ ।

# ଗ୍ରାସିମ୍ ଲଜିଷ୍ଟିକ୍ସରେ 'ଅଦୃଶ୍ୟ' ବୁଝାମଣା:ସ୍ଥାନୀୟ ପରିବହନ ସଂଘର ସ୍ୱାର୍ଥକୁ ନେଇ ପ୍ରଶ୍ନବାଚୀ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ସ୍ଥିତ ଗ୍ରାସିମ୍ ଇଣ୍ଡଷ୍ଟ୍ରିର ପରିବହନ ବ୍ୟବସ୍ଥାରେ ଏବେ ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଛି, ଯେଉଁଠାରେ ଲଜିଷ୍ଟିକ୍ସ ବିଭାଗର କିଛି ନିର୍ଦ୍ଦିଷ୍ଟ ନିଷ୍ପତ୍ତି ସ୍ଥାନୀୟ ଗଞ୍ଜାମ ପରିବହନ ସଂଘର ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଇଛି। ଅଭିଯୋଗ ହେଉଛି ଯେ, ଲଜିଷ୍ଟିକ୍ସ ମୁଖ୍ୟଙ୍କ ପରିଚାଳନା ଅଧୀନରେ ଏବେ ଏଭଳି ସଂସ୍ଥାଗୁଡ଼ିକୁ ପ୍ରାଧାନ୍ୟ ଦିଆଯାଉଛି ଯେଉଁମାନଙ୍କର କ୍ଷେତ୍ର ସ୍ତରରେ କୌଣସି ନିଜସ୍ୱ ଭିତ୍ତିଭୂମି ବା ଗାଡ଼ି ନାହିଁ, ଅଥଚ ସେମାନେ କୌଣସି ବାଧାବିଘ୍ନ ବିନା କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଯେଉଁ ସମନ୍ୱୟ ରକ୍ଷାକାରୀ ସଂସ୍ଥା ସ୍ଥାନୀୟ ଟ୍ରକ୍ ମାଲିକ ଓ ସଂଘ ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରି ସୁରୁଖୁରୁରେ କାର୍ଯ୍ୟ ଚଳାଉଥିଲେ, ତାଙ୍କୁ କିଛି ବିବାଦୀୟ କାରଣ ଦର୍ଶାଇ କାର୍ଯ୍ୟରୁ ଦୂରେଇ ରଖାଯିବା ପଛରେ ଏକ ବଡ଼ ଧରଣର 'ଅନୁକମ୍ପା' କାରବାର ବା ମନମୁଖୀ ନିଷ୍ପତ୍ତି ଥିବା ସନ୍ଦେହ କରାଯାଉଛି । ଏହି ପାତରଅନ୍ତର ନୀତି ଯୋଗୁଁ ସ୍ଥାନୀୟ ପରିବହନକାରୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ବେଳେ, କମ୍ପାନୀର ଏହି ଆଭ୍ୟନ୍ତରୀଣ ପରିଚାଳନା ଶୈଳୀ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଓ ଅସନ୍ତୋଷର ବିଷୟ ପାଲଟିଛି, ଯାହା ଆଗାମୀ ଦିନରେ କମ୍ପାନୀ ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିପାରେ।

# ଏସ୍‌ସିବି ଅସ୍ଥିଶଲ୍ୟ ବିଭାଗରେ ୬ଟି ନୂତନ କ୍ୟାବିନ୍ ଉଦ୍‌ଘାଟିତ

**କଟକ, ନ୍ୟୁଜ୍ ବ୍ୟୁରୋ**



ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ନୂତନ ଅସ୍ଥିଶଲ୍ୟ କୋଠାର ୫ମ ମହଲାରେ ୬ଟି ନୂତନ କ୍ୟାବିନ୍ ଉଦ୍ଘାଟିତ ହୋଇଛି । ଏହି ନୂତନ କ୍ୟାବିନ୍‌ଗୁଡ଼ିକ ରୋଗୀମାନଙ୍କ ପାଇଁ ସୁବିଧାଜନକ ଚିକିତ୍ସା ପରିବେଶ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହି ଅବସରରେ ଡିନ୍ ଏବଂ ପ୍ରିନ୍ସିପାଲ୍ ପ୍ରଫେସର ଡ଼ଃ ଲୁସି ଦାସ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡ଼ଃ ଗୌତମ ସତପଥୀ, ରେଜିଷ୍ଟ୍ରାର (ପ୍ରଶାସନ) ସୁବାଷ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ଅସ୍ଥିଶଲ୍ୟ ବିଭାଗର ଏଚ୍ଓଡି ଡ଼ଃ ନିର୍ମଳ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଅଧୀକ୍ଷକ ଡ଼ଃ ଜ୍ୟୋତିର୍ମୟ ନାୟକ, ହସ୍ପିଟାଲ୍ ପରିଚାଳକ ଏବଂ ଅସ୍ଥିଶଲ୍ୟ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ଅସ୍ଥିଶଲ୍ୟ ବିଭାଗରେ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହି ନୂତନ କ୍ୟାବିନ୍‌ଗୁଡ଼ିକ ରୋଗୀମାନଙ୍କୁ ଉତ୍ତମ ସେବା ଓ ସୁବିଧା ଯୋଗାଇବ। ନୂତନ ସୁବିଧା ସହିତ ରୋଗୀମାନେ ଅଧିକ ସୁବିଧାଜନକ ଓ ଆରାମଦାୟକ ପରିବେଶରେ ଚିକିତ୍ସା ନେଇପାରିବେ।

# ବିଶିଷ୍ଟ ଶିକ୍ଷାବିତ୍ ଚତୁର୍ଭୁଜ ଚକ୍ରବର୍ତ୍ତୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୋମବାର ୧୧ଟା ସମୟରେରେ ଖୁଆଡ ଗ୍ରାମ ସ୍ଥିତ ସ୍ୱର୍ଗତ ଚତୁର୍ଭୁଜ ଚକ୍ରବର୍ତ୍ତୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ତଥା ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ତାଙ୍କ ବାସଭବନରେ ଦିଲ୍ଲିପ କୁମାର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ଆହ୍ୱାନ୍ କରିଥିଲେ ଜ୍ୱାଇଁ ବିବେକ ରଂଜନ ପଣ୍ଡା, ଜ୍ୟେଷ୍ଠ ପୁତ୍ର ଆୟୁର୍ବେଦିକ ଡ଼ାକ୍ତର ଚନ୍ଦ୍ର ଶେଖର ଚକ୍ରବର୍ତ୍ତୀ, ମୁଖ୍ୟ ଅତିଥି ଭାବରେ ଶିକ୍ଷାବିତ୍ ତଥା ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହ ଚେୟାରମେନ୍ ଅଧ୍ୟକ୍ଷ ଶିକ୍ଷାବିତ୍ ଡ଼ଃ ଅଜିତ କୁମାର ମହାନ୍ତିଙ୍କ ତଥା ଅନ୍ୟ ଅତିଥି ଦ୍ୱାରା ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ଏବଂ ବକ୍ତବ୍ୟରେ ସ୍ୱର୍ଗତ ଚତୁର୍ଭୁଜ ଚକ୍ରବର୍ତ୍ତୀ ୧୯୭୧ ମସିହାରୁ ୧୯୮୨ ମସିହା ପର୍ଯ୍ୟନ୍ତ ଜଳେଶ୍ୱର ପଞ୍ଚାୟତ ସମିତିର ଅଧ୍ୟକ୍ଷ ଥିଲେ। ରାଜନୀତିକୁ ଆସିବା ପୂର୍ବରୁ ଅଲାଲପୁର ଏମ୍ଇ ବିଦ୍ୟାଳୟ, ଜମାଳପୁର ହାଇସ୍କୁଲ, ହଳଦୀ ପଦା ଉଚ୍ଚ ବିଦ୍ୟାଳୟରେ ବେଶ୍ କିଛି ଦିନ ଶିକ୍ଷକତା କରିଥିଲେ। ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ପ୍ରତିମୂର୍ତ୍ତି ଉନ୍ମୋଚନ ତଥା ଶ୍ରଦ୍ଧାଞ୍ଜଳି ସଭାରେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଉକ୍ତ ଗ୍ରାମର କୌଣସି ଏକ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ବିଇଓ, ଜଳେଶ୍ୱର ଲଲାଟେନ୍ଦୁ କେଶରୀ ଜେନା ସମ୍ମାନୀତ ଅତିଥି ପ୍ରଦୀପ କୁମାର ମିଶ୍ର, ଅନ୍ୟତମ ଅତିଥି ଭାବରେ ଅଂଶୁମୋଚନ ଘୋଷ, ଭାବରେ ଅନ୍ୟତମ ଅତିଥି ଭାବରେ ଅଶ୍ୱିନୀ କୁମାର ପାଢ଼ୀ, ଅନ୍ୟତମ ଅତିଥି ଭାବରେ ଅଞ୍ଜନ କୁମାର ଘୋଷ, ଗତିକୃଷ୍ଣ ଦଳେଇ, ଦୁର୍ଗାଶଙ୍କର ଆଶ, ସର୍ବେଶ୍ୱର ଦାସ, ବୁବୁ ଚକ୍ରବର୍ତ୍ତୀ, ପଞ୍ଚାନନ ଜେନା, ଫଲ୍ଗୁ ଦାସ, ଗଦାଧର ଚକ୍ରବର୍ତ୍ତୀ, ଡ. ସଞ୍ଜିତ କୁମାର ସାହୁ, ଡଃ ଅରୋବିନ୍ଦ ମିଶ୍ର, ଶ୍ରୀ ନାଥ ପାଢ଼ୀ, ମକରନ୍ଦ ନନ୍ଦୀ, ପ୍ରଜ୍ୱଳ କୁମାର ପାତ୍ର, ଗୋପୀନାଥ ସାହୁ, ରାମେଶ୍ୱର ପାତ୍ର, ଶିବ ଶଙ୍କର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, କେଦାର ଚନ୍ଦ୍ର ପାଳ, ସୁଜୟ କୁମାର ନନ୍ଦୀ, ସମୀର କୁମାର ନନ୍ଦୀ। ଶେଷରେ ତାଙ୍କର ଜ୍ୟେଷ୍ଠପୁତ୍ର ଚନ୍ଦ୍ରଶେଖର ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଏଜେନ୍ସିର ଶୋଷଣରେ ଦିଗହରା ହେଲେ ସ୍ୱିପର୍ ଗୀତା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ବ୍ୟାସନଗର ସହର ସ୍ଥିତ ଯାଜପୁର ରୋଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସ୍ୱିପର ଗୀତା ବେହେରା ନାମକ ଜଣେ ମହିଳା ଦୀର୍ଘ ୪ ମାସ କାର୍ଯ୍ୟ କରି ଏବେ ଏଜେନ୍‌ସିର ଶୋଷଣରେ ଦିଗହରା ହୋଇପଡିଛନ୍ତି । ତେବେ ଗୀତାଙ୍କୁ ନା ମିଳୁଛି ଦରମା ନା ମିଳୁଛି ଜଏନିଂ ଲେଟର । ଓଲଟା ଚାକିରୀ ଦେବାକୁ କହି ଏଜେନ୍‌ସି ଗୀତଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଇଛନ୍ତି । କିନ୍ତୁ ସେଇ ୫ ହଜାର ଟଙ୍କା ବି ଏଯାଏଁ ମିଳୁନି ବୋଲି କହନ୍ତି ଗୀତା । ଘଟଣାକୁ ନେଇ ମାନସିକ ଦୁଶ୍ଚିନ୍ତାର ଶିକାର ହୋଇ ଏବେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି ଗୀତା । ଅଭିଯୋଗ ଅନୁଯାୟୀ ଯାଜପୁର ରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱିପର୍ ଯୋଗାଉଥିବା ଏକ ଏଜେନ୍‌ସି ଦୀର୍ଘ ବର୍ଷ ଧରି ସ୍ୱିପର୍ ଯୋଗାଉଛି । ଏହି ଏଜେନ୍‌ସି ନାମରେ ଅନେକ ଅଭିଯୋଗ ରହିଥିବା ବେଳେ ପୁନର୍ବାର ଏହି ଏଜେନ୍‌ସି ନାମରେ ସାଂଘାତିକ ଅଭିଯୋଗ ହୋଇଛି । ଗୀତା ବେହେରା ନାମକ ଜଣେ ଗରିବ ମହିଳାଙ୍କୁ ମେଡ଼ିକାଲ୍‌ରେ ନିଯୁକ୍ତି ଦେବାକୁ କହି ତାଙ୍କଠାରୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ କିନ୍ତୁ ଗୀତା ଗରିବ ଶ୍ରେଣୀର ହୋଇଥିବାରୁ ପ୍ରଥମେ ୫ ହଜାର ଟଙ୍କା ଏଜେନ୍‌ସିକୁ ଦେଇଥିଲେ ଓ ପରେ ଦରମା ମିଳିଲେ ୧୦ ହଜାର ଟଙ୍କା ଦେବେ ବୋଲି ଚୁକ୍ତି ହୋଇଥିଲା । ପରେ ଗୀତାଙ୍କୁ ଏକ ନକଲି ପରିଚୟ ପାତ୍ର ଏଜେନ୍‌ସି ଦେଇ ଗୀତାଙ୍କୁ ଦୀର୍ଘ ୪ ମାସ ଧରି କାର୍ଯ୍ୟ କରେଇଥିଲେ । କିନ୍ତୁ ଦୁଃଖର ବିଷୟ ଏଯାଏଁ ଗୀତାଙ୍କୁ କୌଣସି ଦରମା ମିଳିନାହିଁ କି ଏଜେନ୍‌ସିକୁ ପଚାରିଲେ ବାହାର କରିଦେବାକୁ ଚେତାବନୀ ଦେଉଛି ବୋଲି କହନ୍ତି ଗୀତା। ତେବେ ଭଡାଘରେ ରହି ୨ ନାବାଳିକାଙ୍କୁ ପ୍ରତିପୋଷଣ କରିବାରେ ଅସମର୍ଥ ହୋଇପଡିଛନ୍ତି ଗୀତା। ସେପଟେ ଆର୍ଥିକ ସମସ୍ୟା ଭିତରେ ଗୀତା ଛଟପଟ ହଉଥିବା ବେଳେ ଘରଭଡା ନଦେଲେ ଘରୁ ବାହାରି ଯିବାକୁ ଘର ମାଲିକ ଚେତାବନୀ ଦେଇଛି । ଘଟଣାକୁ ନେଇ ଏବେ ମାନସିକ ଦୁଶ୍ଚିନ୍ତାରେ ଶିକାର ହୋଇ ମେଡିକାଲ୍ ଆଗରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି ଗୀତା ବେହେରା । ଏ ଘଟଣାକୁ ନେଇ ମେଡିକାଲ୍ ଅଫିସରଙ୍କୁ ପଚାରିବାରୁ ଗୀତାଙ୍କ ନାମରେ କୌଣସି ନିଯୁକ୍ତି ନାହିଁ ଏବଂ ପୂର୍ବରୁ ସରୋଜିନୀ ନାମକ ସ୍ୱିପରଙ୍କୁ ବାହାର କରିଥିବାରୁ ପ୍ରତିବଦଳରେ ଗୀତାଙ୍କୁ କାର୍ଯ୍ୟ କରିବାକୁ ଏଜେନ୍‌ସି କହିଛି ବୋଲି କହନ୍ତି । ଅନ୍ୟପଟେ ମେଡ଼ିକାଲ୍‌ରେ ୮ ଜଣ ସ୍ୱିପର୍ କାମ କରୁଛନ୍ତି କିନ୍ତୁ ବିଲ୍ ହେଉଛି ୧୨ ଜଣଙ୍କର ବୋଲି ଅଭିଯୋଗ ଆସିଥିବା କଥା ପଚାରିବାରୁ ଆମ୍ଭେ କେବଳ ୮ ଜଣ ସ୍ୱିପରଙ୍କୁ ନେଇ କାମ କରୁଛୁ ଏବଂ ବିଲ୍ ମଧ୍ୟ ୮ ଜଣଙ୍କର କରୁଛୁ ବୋଲି କହନ୍ତି ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ । ତେବେ ଏଜେନ୍‌ସି ଉପରେ ତୁରନ୍ତ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଅଞ୍ଚଳରେ ଦାବି ହୋଇଛି।



# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ:ସହସ୍ରାଧିକ ଭକ୍ତଙ୍କ ସମାଗମ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶ୍ରୀଜଗନ୍ନାଥ ମନ୍ଦିର ପୁନଃ ପ୍ରତିଷ୍ଠା ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ରମ୍ଭା ଗ୍ରାମବାସୀଙ୍କ ସହଯୋଗରେ ନିମନ୍ତ୍ରିତ ପତ୍ର ୬ଦିନ ସୂଚିତ ପ୍ରକାରେ ବିରୁଲିଗଡ଼ ରାଜା ମହେନ୍ଦ୍ର ବିକ୍ରମ ସିଂ ଦେଓ ଉପସ୍ଥିତି ଓ ପୂଜ୍ୟ ସ୍ୱାମୀ ଶ୍ରୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧ୍ୟକ୍ଷତାରେ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଦୀକ୍ଷା ଗ୍ରହଣ, ଅଙ୍କୁରା ରୋପଣ, ବନଯାଗ ରତ୍ନମୁଦ, କଳସ ଯାତ୍ରା, ନାମ ଯଜ୍ଞ, ଜ୍ଞାନ ଯଜ୍ଞ, ଘୃତ ଯଜ୍ଞ, ଅନ୍ନଯଜ୍ଞ ଓ ଗୋ ପୂଜନ ଅନୁଷ୍ଠିତ ହୋଇଥିଲା। ତତ୍ ସହିତ ବୈଦିକ ରୀତିରେ ଦେବତା ମହାସ୍ନାନ, ଶୟନ, ଦେବତା ପ୍ରାଣ ପ୍ରତିଷ୍ଠା, ହରିବୋଲ ହୁଳହୁଳିରେ ଦେବତା ରତ୍ନ ସିଂହାସନ ଆରୋହଣ, ଧୋଜ ଭ୍ରମଣ, ଯମୁନା ସ୍ନାନ, ନଗର ଭ୍ରମଣ ଓ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ପ୍ରସାଦ ସେବନ ହୋଇଥିଲା । ମୁଖ୍ୟ ଆକର୍ଷଣ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜାତୀୟ କଂଗ୍ରେସ ବରିଷ୍ଠ ନେତା ଅନେକ ନାମିଦାମୀ ସାମିଲ ହେବା ସହ ଦେଶ ଓ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ତଥା ଭାରତର ଚାରିଧାମ ଭିତରୁ ଅନେକ ସାଧୁ ସନ୍ଥ ତଥା ସହଯୋଗୀ ମାନଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଘଣ୍ଟ ମୃଦଙ୍ଗ, ବାଦ୍ୟ ବାଜଣାରେ ଓ ପୁଷ୍ପ ବୃଷ୍ଟି କରାଯାଇ ଯଜ୍ଞସ୍ଥଳକୁ ପାଛୋଟି ନିଆଯାଇଥିଲା । ରମ୍ଭା ସହର କିଛି ସମୟ ପାଇଁ ଗେରୁଆ ବସ୍ତ୍ର, ସହ ବାବାଜୀ ମାନଙ୍କ ସଂସ୍କୃତ ଶ୍ଳୋକ ଏବଂ ଜୟ ଜଗନ୍ନାଥ ଧ୍ୱନି ସତରେ ସହର ଉତ୍ସବ ମୁଖର ହୋଇଉଠିଥିଲା । ଦୀର୍ଘ ଦିନର ଗ୍ରାମବାସୀଙ୍କ ତପସ୍ୟା ଆଜି ସାକାର ହୋଇଥିବାରୁ ସ୍ୱାମୀ ଶଙ୍କରା ନନ୍ଦ ଗିରି ମହାରାଜଙ୍କୁ କୋଟି ପ୍ରଣାମ ଜଣାଇଥିଲେ । କାର୍ଯ୍ୟକ୍ରମ ଭିତରେ ଅନେକ ପଦ ପଦାଧିକାରୀଙ୍କୁ ନିମନ୍ତ୍ରଣ ସହିତ ସମ୍ବର୍ଦ୍ଧନା ମଧ୍ୟ ଲକ୍ଷ୍ୟ କରାଯାଇଥିଲା ।

# ମାର୍ଚ୍ଚରେ ମା' କଳସୀଙ୍କ ମଣ୍ଡେଇ ଯାତ୍ରା

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଠାରେ ଚଳିତ ବର୍ଷ ହେବାକୁ ଥିବା ପ୍ରସିଦ୍ଧ ମାଁ କଳସୀ ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ନିମନ୍ତେ ସୋମବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ମାଁ କଳସୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗାଁ ମୁଖିଆ (ଗାଉଣ୍ଟିଆ) କମଲସିଂ ରାଜପୁତ, ଇନ୍ଦଲ ଗଣ୍ଡ, ବିଲୁସିଂ ରାଜପୁତ, କିରଣ ପଟ୍ଟନାୟକ, ଶ୍ରୀରାମ ସୁନାନୀ, ମାଳିସିଂ ପାତ୍ର, ଡଟ ବାରିକ, ରଘୁନାଥ ମାଳି, ଦିବାକର ନାୟକ ପ୍ରମୁଖଙ୍କ ସମେତ ସାତପାଲି ଗ୍ରାମର ସମସ୍ତ ସିଆନ ମୁଖିଆ, ପୂଜାରୀ, ଶିରହା, ନେଙ୍ଗୀ ପାତ୍ର, ଦଣ୍ଡସେନା, ଗାଇଁତା, ଧୁରୁଆ, ସାମପୁରିଆ, ସମରଥ, ଡେଙ୍ଗୁରମୁଣ୍ଡୀଆ ତଥା ଗ୍ରାମର ଭଦ୍ରବ୍ୟକ୍ତି ଓ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ । ସୋମବାର ଅପରାହ୍ନ ୩ଟା ସମୟରେ ଆରମ୍ଭ ହୋଇ ଏହି ବୈଠକରେ ଗତବର୍ଷ ମଣ୍ଡେଇ ଯାତ୍ରାର ସମସ୍ତ ଆୟ ବ୍ୟୟ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ଚଳିତ ବର୍ଷର ସାତପାଲି ଗ୍ରାମର କଳସୀ ମଣ୍ଡେଇ ପୂଜା କାର୍ଯ୍ୟକ୍ରମ ନିମନ୍ତେ ସର୍ବସମ୍ମତି କ୍ରମେ ନୂତନ ପରିଚାଳନା କମିଟି ଗଠନ ହୋଇଥିଲା । ସଭାପତି ଭାବେ ଦେବେନ୍ଦ୍ର ମିଶ୍ରଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସୁଶାନ୍ତ ସାମନ୍ତରାୟ ଓ ଦିଲ୍ଲିପ ସିଂ ରାଜପୁତଙ୍କୁ ମନୋନୀତ କରାଯାଇଥିଲା । ସେହିଭଳି ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ରାଇ, ସହ ସମ୍ପାଦକ ଭାବେ ମଧୁ ନାୟକ ଓ ରିଙ୍କୁ ଶ୍ରୀବାସ୍ତବ ମନୋନୀତ ହୋଇଥିଲେ । କୋଷାଧ୍ୟକ୍ଷ ଭାବେ ସାଇ କ୍ରିଷ୍ଣା ମୋନାନୀତ ହୋଇଥିବା ସହିତ ସହଯୋଗୀ ଭାବେ ଜିତୁ ଶ୍ରୀବାସ୍ତବ ମନୋନୀତ ହୋଇଥିଲେ । ଚଳିତ ବର୍ଷ ମାର୍ଚ୍ଚ ୨୪ ତାରିଖ ଠାରୁ ମାଁ କଳସୀ ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହେବା ସହିତ ଗ୍ରାମ ପରିକ୍ରମା ମଧ୍ୟ ଆରମ୍ଭ ହେବ ବୋଲି ସମୟ ନିର୍ଦ୍ଧାରଣ କରାଯାଇଛି । ମାର୍ଚ୍ଚ ୩୧ ତାରିଖ ଦିନ ଠାରୁ ଆରମ୍ଭ ହୋଇ ୪ ଦିନ ଧରି ମଣ୍ଡେଇ (ମେଳା)ର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି କରାଗଲା।

# ଫଗୁ ଦଶମୀରେ ହେବ ଶ୍ରୀ ଶ୍ୟାମ ପ୍ରଭୁଙ୍କ ଭବ୍ୟ ଜାଗରଣ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଭାରତର ଦ୍ୱିତୀୟ ଧାମ ଶ୍ରୀ ଶ୍ୟାମ ଧାମ ଭଟଲିଙ୍କ ଆରାଧ୍ୟ ବାବା ଶ୍ୟାମଙ୍କ ପାବନ ଫାଲ୍ଗୁନ ଦଶମୀ ଅବସରରେ ବରଗଡ଼ ସହରରେ ଅବସ୍ଥିତ 'ସ୍ୱୟଂ ସିଦ୍ଧା ଭବନ'ରେ ଶ୍ରୀ ଶ୍ୟାମ ପରିବାର ପକ୍ଷରୁ ଭବ୍ୟ ଶ୍ରୀ ଶ୍ୟାମ ଫାଗୁନ ମହୋତ୍ସବ ଓ ଜାଗରଣ ଆୟୋଜିତ ହେବ । ଶ୍ରୀ ଶ୍ୟାମ ପରିବାରର ଅଧ୍ୟକ୍ଷ କିଶନ ଲାଲ ଅଗ୍ରୱାଲଙ୍କ ତଥ୍ୟ ଅନୁସାରେ, ଫାଲ୍ଗୁନ ଦଶମୀ ସନ୍ଧ୍ୟା ୬ଟାରେ ବାବା ଶ୍ୟାମଙ୍କ ଭବ୍ୟ ଅଲୌକିକ ଶୃଙ୍ଗାର କରାଯିବ ଏବଂ ଯଜମାନ ମାନଙ୍କ ଦ୍ୱାରା ବିଧିବତ ପୂଜା-ଅର୍ଚ୍ଚନା ସମ୍ପନ୍ନ ହେବ। ଅଖଣ୍ଡ ଜ୍ୟୋତି ପ୍ରଜ୍ୱଳିତ କରି ଭକ୍ତମାନଙ୍କୁ ବାବା ଶ୍ୟାମଙ୍କ ଦିବ୍ୟ ଦର୍ଶନର ସୁଯୋଗ ଦିଆଯିବ । ଏହାପରେ ଭାରତର ସୁପ୍ରସିଦ୍ଧ ଭଜନ ଗାୟକ ରତିକ ଗୁପ୍ତା (ଦିଲ୍ଲୀ), ଭାବନା ସ୍ୱରାଞ୍ଜଳି (ଦିଲ୍ଲୀ), ରାଜୀବ ପୁରୀ (ସମ୍ବଲପୁର), ସୁରେଶ ମୁନ୍ଦଡା (ସମ୍ବଲପୁର) ଏବଂ କୋଲକାତାର ଦିବ୍ୟ ଝାଙ୍କି ତାନିଆ ଏଣ୍ଡ ଗ୍ରୁପ୍ ତାଙ୍କ ଭକ୍ତିମୟ ସଂଗୀତ ପ୍ରସ୍ତୁତି ଦ୍ୱାରା ଅଧରାତି ପର୍ଯ୍ୟନ୍ତ ଭକ୍ତମାନଙ୍କୁ ଭକ୍ତି ରସରେ ମଗ୍ନ କରିବେ । ପାବନ ଫାଲ୍ଗୁନ ଏକାଦଶୀ ପ୍ରଭାତ ୩ଟାରେ କାର୍ଯ୍ୟକ୍ରମ ସ୍ଥଳରୁ ଭଟଲି ଧାମ ପର୍ଯ୍ୟନ୍ତ ଭବ୍ୟ ନିଶାନ ପଦଯାତ୍ରାରେ ବିଦାୟ ସମାରୋହ ଅନୁଷ୍ଠିତ ହେବ । ଯେଉଁ ଭକ୍ତମାନେ ବାବା ଶ୍ୟାମଙ୍କୁ ନିଶାନ ଅର୍ପଣ କରିବାକୁ ଇଚ୍ଛୁକ ସେମାନେ ଶ୍ରୀ ଶ୍ୟାମ ପରିବାର, ବରଗଡ଼ ସହ ସମ୍ପର୍କ କରି ନିଶାନ କୂପନ ସଂଗ୍ରହ କରିପାରିବେ। କାର୍ଯ୍ୟକ୍ରମ ସମୟରେ ବାବା ଶ୍ୟାମଙ୍କୁ ଛପ୍ପନ ଭୋଗ ଅର୍ପଣ କରାଯିବ । ସେପରି ସବାମଣି ପ୍ରସାଦ ଓ ଭକ୍ତମାନଙ୍କ ପାଇଁ ବିଶାଳ ଭଣ୍ଡାରାର ବ୍ୟବସ୍ଥା ରହିଛି। ବାହାରରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଶ୍ରୀ ବ୍ରାହ୍ମଣ ସାଂସ୍କୃତିକ ପରିଷଦରେ ରହିବା ବ୍ୟବସ୍ଥା କରାଯାଇଛି। ଶ୍ରୀ ଶ୍ୟାମ ପରିବାରର ସଚିବ ନିର୍ମଳ ଅଗ୍ରୱାଲ ସମସ୍ତ ଶ୍ରଦ୍ଧାଳୁଙ୍କୁ ବିଶେଷ ଅନୁରୋଧ କରିଛନ୍ତି ଯେ, ବହୁ ସଂଖ୍ୟାରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରନ୍ତୁ ।



# ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଅଗ୍ରଗଣ୍ୟ ସ୍ୱାଧୀନତା ସେନାନୀ, ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ, ସାହିତ୍ୟିକ ଓ କବି ଆଚାର୍ଯ୍ୟ ହରିହର ଦାଶଙ୍କ ପ୍ରତିମୂର୍ତ୍ତି ଛେଣ୍ଡ ଅଞ୍ଚଳର ଚିନ୍ମୟ ବିଦ୍ୟାଳୟ (ଇଏମ୍) ସମୀପସ୍ଥ ଆଚାର୍ଯ୍ୟ ହରିହର ଛକରେ ଭବ୍ୟ ଉତ୍ସବ ମାଧ୍ୟମରେ ଉନ୍ମୋଚନ କରାଯାଇଛି। ଏହି ଅବସର ଅଞ୍ଚଳବାସୀଙ୍କ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଭାବେ ପରିଗଣିତ ହୋଇଛି। ଏହି ଅବସରରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ଉଦ୍‌ଘାଟକ ଭାବେ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଉରକେଲା ମହାନଗର ନିଗମର କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନା ଦସ୍ତଗୀର ଉପସ୍ଥିତ ଥିଲେ। ସମ୍ମାନିୟ ଅତିଥିମାନଙ୍କ ମଧ୍ୟରେ ରୋଟାରି ଇଣ୍ଟରନ୍ୟାସନାଲର ପୂର୍ବତନ ଡିଜି ରୋଟେରିୟାନ୍ ମଞ୍ଜିତ ସିଂହ ଅରୋରା, ରୋଟାରି କ୍ଲବ ଅଫ୍ ରାଉରକେଲା ଭାଇବ୍ରାଣ୍ଟର ଅଧ୍ୟକ୍ଷା ଡା. (ପ୍ରଫେସର) ମିନତୀ ପଣ୍ଡା, ଚିନ୍ମୟ ବିଦ୍ୟାଳୟ (ଇଏମ୍)ର ଅଧ୍ୟକ୍ଷା ଶର୍ମିଷ୍ଠା କବିଶତପଥୀ, ଅଧିବକ୍ତା ସୁଜୟ ପାଣି ଓ ପୂର୍ବତନ ଆର୍‌ଏମ୍‌ସି ଅଧ୍ୟକ୍ଷା ରଶ୍ମିବାଳା ମିଶ୍ର ଉପସ୍ଥିତ ଥିଲେ ।

# ଏମ୍‌କେସିଜିରେ ଟ୍ରମା କେୟାର ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାପାଇଁ ପ୍ରୟାସ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଥିବା ଟ୍ରମା କେୟାର ସେଣ୍ଟରକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ପାଇଁ କର୍ତ୍ତୃପକ୍ଷ ପ୍ରୟାସ ଆରମ୍ଭ କରିଛନ୍ତି । ବର୍ତ୍ତମାନ ଏମ୍‌କେସିଜିରେ ନ୍ୟୁରୋ ସର୍ଜରୀ, ସିଟିଭିଏସ୍, ପ୍ଲାଷ୍ଟିକ୍ ସର୍ଜରୀ ଭଳି ବିଭାଗ ସକ୍ରିୟ ଭାବେ କାମ କରୁଥିବାରୁ ୨୦ ବର୍ଷ ପୁରୁଣା ଏହି ଟ୍ରମା କେୟାର ସେଣ୍ଟରକୁ ପୁନଃ ସକ୍ରିୟ କରିବାକୁ ଯୋଜନା ହୋଇଛି । ଏ ନେଇ ଏମ୍‌କେସିଜିର ଅଧିକ୍ଷକ ପ୍ରଫେସର ଡ଼ା. ଦୁର୍ଗାମାଧବ ଶତପଥୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ମୁଖ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ଯୋଜନା ଅନୁସାରେ ୨୦୦୬ରେ ଏମ୍‌କେସିଜି ମେଡ଼ିକାଲ୍‌ର କାଜୁଆଲିଟି ସମ୍ମୁଖରେ ୨ ମହଲା ବିଶିଷ୍ଟ ଟ୍ରମା କେୟାର ସେଣ୍ଟର ସ୍ଥାପନ ହୋଇଥିଲା । ଲକ୍ଷ୍ୟ ଥିଲା ଜାତୀୟ ରାଜପଥ ୧୬ ଓ ୫୯ ସମେତ ଆଖପାଖରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଆସୁଥିବା ରୋଗୀ ସହ ଅନ୍ୟ ଗୁରୁତର ରୋଗୀଙ୍କୁ ଜୀବନ ରକ୍ଷାକାରୀ ଚିକିତ୍ସାସେବା ଯୋଗାଇଦେବା । ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କ ୧ ଘଣ୍ଟା ତଥା ଗୋଲ୍ଡେନ୍ ଆୱାର ମଧ୍ୟରେ ଟ୍ରମା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇପାରିଲେ ସେମାନଙ୍କ ଜୀବନ ବଞ୍ଚି ଯିବାର ଯଥେଷ୍ଟ ସମ୍ଭାବନା ରହିଥାଏ । ସେହିକ୍ରମରେ ଏହି ଟ୍ରମା କେୟାର ସେଣ୍ଟରରେ ସେତେବେଳେ ସମସ୍ତ ପ୍ରକାର ସରଞ୍ଜାମ ଉପଲବ୍ଧ କରାଯାଇଥିଲା । ହେଲେ ଦୀର୍ଘ ବର୍ଷ ଧରି ଏଠାରେ ନ୍ୟୁରୋ ସର୍ଜରୀ ଓ ସିଟିଭିଏସ୍ ଭଳି ବିଭାଗ ଅଚଳ ହୋଇ ରହିଥିବାରୁ ଟ୍ରମା କେୟାର ସେଣ୍ଟର ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନଥିଲା । କାଳକ୍ରମେ ଏହି ଟ୍ରମା କେୟାର ସେଣ୍ଟରରେ ଅସ୍ଥିଶଲ୍ୟ ବିଭାଗ ଓ ଦନ୍ତ ଚିକିତ୍ସା ବିଭାଗର ରୋଗୀଙ୍କୁ ରଖି ଚିକିତ୍ସା କରାଯାଇଥିଲା । ହେଲେ ଗତବର୍ଷ ଏମ୍‌କେସିଜିରେ ସିଟିଭିଏସ୍ ଏବଂ ନ୍ୟୁରୋସର୍ଜରୀ ବିଭାଗ ଖୋଲିଥିଲେ ମଧ୍ୟ ଏହି ଟ୍ରମା କେୟାର ସେଣ୍ଟର ପାଇଁ ଆବଶ୍ୟକ ଡ଼ାକ୍ତର ଓ କର୍ମଚାରୀ ଅଭାବ ଲାଗି ରହିଛି । ଟ୍ରମା କେୟାର ସେଣ୍ଟର ପାଇଁ ସର୍ଜରୀ, ଅସ୍ଥିଶଲ୍ୟ, ନ୍ୟୁରୋସର୍ଜରୀ, ନିଶ୍ଚେତକ, ଦନ୍ତ ସର୍ଜରୀ, ସିଟିଭିଏସ୍ ଭଳି ଡ଼ାକ୍ତରଙ୍କ ଏକ ୨୪ ଘଣ୍ଟିଆ ଟିମ୍ ଆବଶ୍ୟକ ଥିବାବେଳେ ୨୬ ଜଣ ନର୍ସିଂ ଅଫିସର, ୧୮ ଜଣ ଆଟେଣ୍ଡାଣ୍ଟ, ୧୩ ଜଣ ସୁଇପର, ୨ ଜଣ ଫାର୍ମାସିଷ୍ଟଙ୍କ ଆବଶ୍ୟକତା ରହିଛି । ଏମ୍‌କେସିଜିରେ ଅନ୍ୟ ବିଭାଗର ଡ଼ାକ୍ତର ଓ କର୍ମଚାରୀ ଉପଲବ୍ଧ ଥିଲେ ମଧ୍ୟ ନିଶ୍ଚେତକ ବିଭାଗରେ ଡ଼ାକ୍ତର ଓ ନର୍ସିଂ ଅଫିସର ଅଭାବ ଲାଗି ରହିଛି । ଯେଉଁଥିପାଇଁ ଟ୍ରମା କେୟାର ସେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାରେ ସମସ୍ୟା ରହିଛି ବୋଲି ବୈଠକରେ ଉପସ୍ଥିତ ବିଭାଗୀୟ ମୁଖ୍ୟମାନେ କହିଥିଲେ । ସେହି କ୍ରମରେ ଏମ୍‌କେସିଜିରେ ତୁରନ୍ତ ଅଧିକ ନିଶ୍ଚେତକ ଡ଼ାକ୍ତର ଓ ନର୍ସିଂ ଅଫିସର ନିଯୁକ୍ତି ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି କୁହାଯାଇଛି ।



# ଭୂ-ଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ପତ୍ତି ଜବତପାଇଁ ବାଣିଜ୍ୟିକ ଅଦାଲତଙ୍କ ନିର୍ଦ୍ଦେଶ




**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଭୂ-ଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ପତ୍ତି ଜବତ ମାମଲାରେ ଅଫିସ ଉପକରଣ ଜବତ କରିବାକୁ ବାଣିଜ୍ୟିକ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାର୍ଚ୍ଚ ୧୦ତାରିଖ ଶୁଦ୍ଧା ଜବତ ପ୍ରକ୍ରିୟା ଶେଷ କରିବା ତଥା ୯କୋଟି ୪୪ଲକ୍ଷର ବକେୟା ପଇଠ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସିଲଭେସା ସଂସ୍ଥାର ଆବେଦନ ଆଧାରରେ ଏହି ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଗତ ୧୮ ତାରିଖରେ ଜବତ ସମୟରେ ହାଇଡ୍ରାମା ଦେଖିବାକୁ ମିଳିଥିଲା । ଜବତ ଭୟରେ ଅଫିସରେ ତାଲା ଝୁଲାଇ ବାହାରେ ବୁଲିଥିଲେ ସରକାରୀ କର୍ମଚାରୀ । କୋର୍ଟଙ୍କ ନିର୍ଦ୍ଦେଶକୁ ଏଡ଼ାଇବା ପାଇଁ ଏକ ଅଭାବନୀୟ ପନ୍ଥା ଆପଣାଇଥିଲା ସରକାରୀ ବିଭାଗ । ବକେୟା ୯ କୋଟି ୪୪ ଲକ୍ଷ ଟଙ୍କା ପୈଠ ନକରିବାରୁ ସମ୍ପତ୍ତି ଜବତ ପାଇଁ କୋର୍ଟ ବେଲିଫ୍ ପହଞ୍ଚିବା ପୂର୍ବରୁ ଭୂ-ଲେଖ ଓ ସର୍ବେକ୍ଷଣ ନିର୍ଦ୍ଦେଶକଙ୍କ (Director of Land Records & Surveys) କାର୍ଯ୍ୟାଳୟରେ ତାଲା ପକାଇ କର୍ମଚାରୀମାନେ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା । ଫଳରେ ଜବତ ପ୍ରକ୍ରିୟା ସ୍ଥଗିତ ରହିଥିଲା । ସାଧାରଣତଃ ସକାଳ ୧୦ଟାରେ ସରକାରୀ କାର୍ଯ୍ୟାଳୟ ଖୋଲିବା କଥା କିନ୍ତୁ କଟକ ବାଣିଜ୍ୟିକ ଅଦାଲତଙ୍କ (Commercial Court) କଠୋର କାର୍ଯ୍ୟାନୁଷ୍ଠାନକୁ ଏଡ଼ାଇବା ପାଇଁ ଗତ ୧୮ ତାରିଖରେ ଅଫିସ ପ୍ରକୋଷ୍ଠ ଗୁଡ଼ିକରେ ଅପରାହ୍ନ ପର୍ଯ୍ୟନ୍ତ ତାଲା ଝୁଲିଥିଲା । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, କର୍ମଚାରୀମାନେ ନିଜ ନିଜ ଚେୟାରରେ ବସିବା ପରିବର୍ତ୍ତେ ଅଫିସ ବାହାରେ ବୁଲାବୁଲି କରୁଥିବା ଦେଖିବାକୁ ମିଳିଥିଲା । 'ସିଲଭେସା ଇନ୍ଫୋଟେକ୍' ସଂସ୍ଥାର ୯.୪୪ କୋଟିର ବକେୟା ପାଇଁ କୋର୍ଟ ଅଫିସର ସମସ୍ତ କମ୍ପ୍ୟୁଟର, ପ୍ରିଣ୍ଟର ଏବଂ ଆସବାବପତ୍ର ଜବତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେପଟେ କର୍ମଚାରୀ ଅଫିସରେ ତାଲା ପଡ଼ିଥିବା ଜାଣି କୋର୍ଟଙ୍କ ୱାରେଣ୍ଟ ଧରି ବେଲିଫ୍ ଜବତ ପ୍ରକ୍ରିୟା ପାଇଁ ପହଞ୍ଚିଥିଲେ ମଧ୍ୟ କୌଣସି କର୍ମଚାରୀ ଅଫିସ ତାଲା ଖୋଲିନଥିଲେ କିମ୍ବା ସହଯୋଗ କରିନଥିଲେ । ଫଳରେ ବେଲିଫଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଥିଲା । ତେବେ ଏହି ସମ୍ପୂର୍ଣ୍ଣ ଘଟଣା ବିଷୟରେ ସେ କୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଏହି ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ଆଇନଜୀବୀ ଜ୍ୟୋତିର୍ମୟ ପ୍ରସାଦ ବେହେରା ।

## ୨୦୨୫ ବାର୍ଷିକ ଅପରାଧ ରିପୋର୍ଟ

# ରାଜ୍ୟରେ ପ୍ରତିଦିନ ଘଟୁଛି ୪ ହତ୍ୟା, ୮ ବଳାତ୍କାର, ୬୦ ଚୋରି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅପରାଧର ରାଜଧାନୀ ପାଲଟିଛି ଭୁବନେଶ୍ୱର । ବଳାତ୍କାର ଓ ଲୁଟ୍ ଘଟଣାରେ ବାଲେଶ୍ୱର ଓ ଭୁବନେଶ୍ୱର ସବୁଠାରୁ ଆଗୁଆ ରହିଛି । ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏସ୍‌ସିଆର୍‌ବି)ର ଏହି ରିପୋର୍ଟ ସରକାର ଓ ପୋଲିସ ପ୍ରଶାସନ ପାଇଁ ସତର୍କ ଘଣ୍ଟି ବଜାଇଛି । କେବଳ ଭୁବନେଶ୍ୱର କି ବାଲେଶ୍ୱର ନୁହେଁ, ରାଜ୍ୟରେ ଦିନକୁ ପାଖାପାଖି ୪ଟି ହତ୍ୟା, ୮ଟି ବଳାତ୍କାର, ୧୮ଟି ସିନ୍ଧି ଚୋରି ଓ ୬୦ଟି ଚୋରି ହେଉଛି । ୨୦୨୪ ତୁଳନାରେ ଗତବର୍ଷ ଲୁଟ୍, ଠକେଇ, ସିନ୍ଧିଚୋରି, ଦଙ୍ଗା ଓ ବଳାତ୍କାର କମିଥିଲେ ବି ହତ୍ୟା, ଦୁର୍ଘଟଣା ଓ ଚୋରି ୨୦୨୫ରେ ଢେର୍ ବଢ଼ିଥିବା ଏସ୍‌ସିଆର୍‌ବି ରିପୋର୍ଟ କହୁଛି । ଗତବର୍ଷ ୧୬% ଚୋରି ଓ ୩୫% ହତ୍ୟା ବଢ଼ିଥିବା ରିପୋର୍ଟ ଦର୍ଶାଇଛି । ୨୦୨୪ରେ ରାଜ୍ୟର ବିଭିନ୍ନ ଥାନାରେ ୧୨୫୮ ହତ୍ୟା ମାମଲା ରୁଜୁ ହୋଇଥିଲା । ୨୦୨୫ରେ ଏହି ସଂଖ୍ୟା ପହଞ୍ଚିଥିଲା ୧୩୦୪ରେ । ହତ୍ୟାରେ ଗଞ୍ଜାମ ପୋଲିସ୍ ଜିଲ୍ଲା ପ୍ରଥମ ସ୍ଥାନରେ ଥିଲା । ଉକ୍ତ ଜିଲ୍ଲାରେ ୬୯ଟି ହତ୍ୟା ମାମଲା ରୁଜୁ ହୋଇଥିଲା । ୬୦ଟି ହତ୍ୟା ମାମଲା ରୁଜୁ କରି ଦ୍ୱିତୀୟରେ ରହିଥିଲା ଭୁବନେଶ୍ୱର ୟୁପିଡି । ୨୦୨୪ ତୁଳନାରେ ୨୦୨୫ରେ ୩୫% ଅଧିକ ହତ୍ୟାକାଣ୍ଡ ଘଟିଥିଲା । ରାଜ୍ୟରେ ୨୦୨୪ରେ ୩୦୫୫ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ୨୦୨୫ରେ ୨୯୯୪ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ଅର୍ଥାତ୍ ଦିନକୁ ପ୍ରାୟ ୮ ଜଣ ମହିଳା ବଳାତ୍କାରର ଶିକାର ହୋଇଥିଲେ । ବଳାତ୍କାରରେ ରେକର୍ଡ କରିଛି ବାଲେଶ୍ୱର । ଉକ୍ତ ଜିଲ୍ଲାରେ ୧୯୬ଟି ମାମଲା ରୁଜୁ ହୋଇଛି । ଦ୍ୱିତୀୟରେ କମିଶନରେଟ୍ ପୋଲିସ ଭୁବନେଶ୍ୱର । ୨୦୨୫ରେ ଭୁବନେଶ୍ୱର ୟୁପିଡିରେ ୧୭୦ଟି ବଳାତ୍କାର ମାମଲା ରୁଜୁ ହୋଇଥିଲା । ତୃତୀୟ ସ୍ଥାନରେ ରହିଛି ମୟୂରଭଞ୍ଜ । ଏହି ଜିଲ୍ଲାରେ ୧୬୯ଟି ବଳାତ୍କାର ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା । ୨୦୨୪ ମସିହାରେ ୩୫୬ଟି ଡକାୟତି ହୋଇଥିବା ରାଜ୍ୟର ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା । ୨୦୨୫ ମସିହାରେ ଡକାୟତି ସଂଖ୍ୟା ମାତ୍ର ୩ଟି କମିଥିଲା । ଗତବର୍ଷ ରାଜ୍ୟରେ ୩୫୩ଟି ଡକାୟତି ହୋଇଥିବା ଅଭିଯୋଗ ହୋଇଥିଲା । ବାଲେଶ୍ୱର ପୋଲିସ ଜିଲ୍ଲାରେ ସର୍ବାଧିକ ୩୭ଟି ଡକାୟତି ହୋଇଥିଲା । ଦ୍ୱିତୀୟ ସ୍ଥାନରେ ଥିଲା ଅନୁଗୁଳ ପୋଲିସ୍ ଜିଲ୍ଲା । ଏହି ଜିଲ୍ଲାରେ ୨୫ଟି ଡକାୟତି ମାମଲା ରୁଜୁ ହୋଇଥିଲା । ୨୦୨୪ରେ ୨୫୮୨ ଲୁଟ୍ (ଲୁଣ୍ଠନ) ମାମଲା ରୁଜୁ ହୋଇଥିଲା । ଗତବର୍ଷ ରାଜ୍ୟରେ ଲୁଟ୍ ମାମଲା ଢେର୍ କମିଥିଲା । ୨୦୨୫ରେ ରାଜ୍ୟ ମାତ୍ର ୧୮୦୨ଟି ଲୁଟ୍ ହୋଇଥିବା ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଥିଲା । ସର୍ବାଧିକ ୨୦୨ଟି ଲୁଟ୍ ମାମଲା ଭୁବନେଶ୍ୱର ୟୁପିଡିରେ ରୁଜୁ ହୋଇଥିଲା । ଦେଓଗଡ଼ରେ ମାତ୍ର ୫ଟି ମାମଲା ରୁଜୁ ହୋଇଥିଲା । ସେହିଭଳି ୨୦୨୪ରେ ମାତ୍ର ୧୭ ହଜାର ୮୦୫ଟି ଚୋରି ହୋଇଥିଲା । ତେବେ ୨୦୨୫ରେ ଏହା ରେକର୍ଡ ଭାଙ୍ଗିଛି । ଏହିବର୍ଷ ୨୧ ହଜାର ୧୯୬ଟି ଚୋରି ହୋଇଥିବା ବିଭିନ୍ନ ଥାନାରେ ଅଭିଯୋଗ ହୋଇଥିଲା । ପୂର୍ବ ବର୍ଷ ଅପେକ୍ଷା ୧୬% ଚୋରି ବଢ଼ିଛି । ଦିନକୁ ପାଖାପାଖି ୬୦ଟି ଚୋରି ହୋଇଥିବା ରିପୋର୍ଟ କହୁଛି । ୯ଟି ଚୋରି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି । ଚୋରି ମାମଲାରେ ବି ଭୁବନେଶ୍ୱର ପ୍ରଥମ ସ୍ଥାନରେ ଅଛି । ଭୁବନେଶ୍ୱରରେ ୨୧୬୧ଟି ଚୋରି ହୋଇଥିବା ଜଣାପଡିଛି । ଦ୍ୱିତୀୟରେ ବାଲେଶ୍ୱରରେ ୧୬୫୬ଟି ଓ ତୃତୀୟରେ ମୟୂରଭଞ୍ଜରେ ୧୪୭୯ଟି ଚୋରି ମାମଲା ରୁଜୁ ହୋଇଥିଲା । ୨୦୨୫ରେ ସିନ୍ଧି ଚୋରି କମିଛି । ଗତବର୍ଷ ୬୨୮୨ଟି ମାମଲା ରୁଜୁ ହୋଇଥିଲା । ୨୦୨୪ରେ ସିନ୍ଧିଚୋରି ସଂଖ୍ୟା ଥିଲା ୬୪୦୮ । ୨୦୨୫ରେ ସିନ୍ଧିଚୋରି ମାମଲାରେ ପ୍ରଥମ ସ୍ଥାନରେ ଥିଲା ପୁରୀ । ଏହି ଜିଲ୍ଲାରେ ଗତବର୍ଷ ୩୫୮ଟି ସିନ୍ଧିଚୋରି ହୋଇଥିଲା । ଦ୍ୱିତୀୟ ସ୍ଥାନରେ ଅଛି ଯାଜପୁର । ୨୦୨୪ରେ ୧୪୭୧ଟି ଦଙ୍ଗାଜନିତ ମାମଲା ରୁଜୁ ହୋଇଥିଲା । ୨୦୨୫ରେ ରାଜ୍ୟରେ ମାତ୍ର ୧୦୯୫ଟି ଦଙ୍ଗା ମାମଲା ରୁଜୁ ହୋଇଛି । ସର୍ବାଧିକ ୧୩୩ଟି ଦଙ୍ଗା କୋରାପୁଟରେ ହୋଇଛି । ଏହାଛଡ଼ା ୨୦୨୪ରେ ୧୨ ହଜାର ୩୭୫ଟି ଦୁର୍ଘଟଣା ଘଟିଥିଲା । ଗତବର୍ଷ ଦୁର୍ଘଟଣା ସଂଖ୍ୟା ୧୨୭୮୨ରେ ପହଞ୍ଚିଥିଲା । ସବୁଠାରୁ ଚିନ୍ତାର ବିଷୟ ହେଉଛି ମହିଳା ହିଂସା । ରାଜ୍ୟରେ ମହିଳା ନିର୍ଯାତନା ଓ ମହିଳା ବିରୋଧୀ ଅପରାଧ ନିୟନ୍ତ୍ରଣ କରିବା ପୋଲିସ୍ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି । ମହିଳା ହିଂସାଜନିତ ୧୪୦ଟି ମାମଲାକୁ ଗତବର୍ଷ ରେଡ୍‌ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଥିବା ଜଣାପଡିଛି ।

# ସୁଧ କରବାରର କରୁଣ ପରିଣତି:ମୃଦୁ ପାନୀୟରେ ବିଷ ଦେଇ ହତ୍ୟା ଅଭିଯୋଗ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**





ଟଙ୍କା ସୁଧ କାରବାରକୁ ନେଇ ଚକ୍ରାନ୍ତ କରି ଘରକୁ ଡାକି ମୃଦୁ ପାନୀୟରେ ବିଷ ମିଶାଇ ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ଏହା ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ଗୋଠପଦା ଗ୍ରାମରେ । ଆଜିବି ଚାଲିଛି ସାହୁକାରୀ ରାଜ୍ । ଗୋଠପଦା ଗ୍ରାମର ରଞ୍ଜନ ବେହେରା ଅଳ୍ପ ବୟସ ଯୁବକ ସେହି ଗ୍ରାମର ଅନ୍ୟ ସାହିର ବାବୁଲି ମହାନ୍ତିଙ୍କ ପୁଅ ଆଶିଷ ରଞ୍ଜନ ମହାନ୍ତିଙ୍କ ଠାରୁ ନିଜର ଶାଢି ଦୋକାନ ପାଇଁ କିଛି ହାତ ଉଧାରୀ ସୁଧକୁ ଆଣିଥିଲେ । କିଛି ଟଙ୍କା ସୁଝିଥିଲେ । ପରେ ବେପାର ମାନ୍ଦା ହେବାରୁ କିଛି ଟଙ୍କା ବାକି ରହିଯାଇଥିଲା । କିଛିଦିନ ତଳେ ସୁଧିଆ ବେପାରୀ ଆଶିଷ ଏବଂ ସୁଧକୁ ନେଇଥିବା ରଞ୍ଜନଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏଥିରେ ରାଗିକାରୀ ଆଶିଷ ମହାନ୍ତି ରଞ୍ଜନ ବେହେରାଙ୍କୁ କହିଥିଲେ ତତେ ଦେଖିନେବି ମଜା ଚଖେଇବି ସାରା ଦୁନିଆ ଜାଣିବ । ଏକଥାକୁ ରଞ୍ଜନ ଦେହକୁ ନନେଇ ଭୁଲିଗଲା ଭଳି ରହିଥିଲେ । କିନ୍ତୁ ରଞ୍ଜନ ନିଜ ସ୍ତ୍ରୀଙ୍କୁ ଏକଥା ଜଣେଇଥିଲେ । ଗତ ୧୮ ତାରିଖରେ ଆଶିଷ ମହାନ୍ତି ଚକ୍ରାନ୍ତ କରି ରଞ୍ଜନ ବେହେରାଙ୍କୁ ନିଜ ଘରକୁ ସୁଧ ହିସାବ ପାଇଁ ଡାକିଥିଲେ ଏବଂ ରଞ୍ଜନ ବେହେରା ସେଠାରେ ପହଞ୍ଚିଲା ପରେ ତାଙ୍କୁ ମୃଦୁ ପାନୀୟ ଥଣ୍ଡା ପିଇବାକୁ ଦେଇଥିଲେ । ରଞ୍ଜନ ପିଇବାର ଠିକ୍ ୨୦ ମିନିଟ୍ ପରେ ରଞ୍ଜନ ବେହେରାଙ୍କ ଛାତିରେ ଜଳାପୋଡା ଅନୁଭବ କରିଥିଲେ । ଶ୍ୱାସ ରୁନ୍ଧି ହେଇଯାଉଥିଲା । ଅସୁସ୍ଥ ଅନୁଭବ କରିବାରୁ ଘର ଲୋକ ସମସ୍ତେ ମିଶି ତାଙ୍କୁ ଡାକ୍ତରଖାନା ନେଇଯାଇଥିଲେ । ପରେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରିବାକୁ ଡାକ୍ତର ପରାମର୍ଶ କରିଥିଲେ । ଡାକ୍ତରଖାନାରେ ଡାକ୍ତର ସ୍ପଷ୍ଟ କରିଥିଲେ ଯେ ମୃଦୁ ପାନୀୟରେ ବିଷ ମିଶାଇ ପିଇଥିବାରୁ ଦେହ ଆଗକୁ ଆଗ ଭୀଷଣ ଖରାପ ଦିଗକୁ ଗତି କରୁଛି । ସ୍ତ୍ରୀ କାବେରୀ ବିଶ୍ୱାଳ ସ୍ୱାମୀ ରଞ୍ଜନ ବେହେରା ଆଶିଷ ମହାନ୍ତି ନିଜ ଘରକୁ ସୁଧ ଟଙ୍କା ହିସାବ କରିବାକୁ ଡାକି ଥିବାରୁ ସ୍ୱାମୀ ମନ୍ଦ ଉଦ୍ଦେଶ୍ୟ ବୁଝିନପାରି ଆଶିଷ ମହାନ୍ତିଙ୍କ ଘରକୁ ଯାଇଥିଲେ । ସେଠାରୁ ଆସିବା ପରେ ହିଁ ସ୍ୱାମୀ ରଞ୍ଜନ ବେହେରାଙ୍କ ଦେହ ବେଳକୁ ବେଳ ବିଗିଡିଥିଲା । ଏହା ଅନୁଭବ କରି ତାଙ୍କ ସ୍ତ୍ରୀ କାବେରୀ ବିଶ୍ୱାଳ ନିକଟସ୍ଥ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଆଶିଷଙ୍କୁ ଥାନାକୁ ଆଣି ଅନୁସନ୍ଧାନ ଜାରି ରଖିଥିଲେ । ୨୨ ତାରିଖ ସନ୍ଧ୍ୟାବେଳେ ଡାକ୍ତର ରଞ୍ଜନ ବେହେରାଙ୍କୁ ମୃତ ଘୋଷଣା କରିଥିଲେ । ୨୩ ତାରିଖ ଦିନ ତାଙ୍କର କଟକ ବଡ ମେଡିକାଲ୍‌ରେ ପୋଷ୍ଟ ମର୍ଟମ୍ ହୋଇଥିଲା । ଏଥିରେ ପ୍ରଶ୍ନ ଉଠେ ୧୮ ତାରିଖରୁ ୨୩ ତାରିଖ ଦିନ ୧୧ଟା ପର୍ଯ୍ୟନ୍ତ କେଶ୍ ରୁଜୁ ହେଇସାରିଲା ପରେ ବି କୋର୍ଟ ଫରୱାର୍ଡ କଣ ପାଇଁ କଲେନାହିଁ ବିରିଡି ଭାରପ୍ରାପ୍ତ ଥାନା ଅଧିକାରିଣୀ ସୁଜାତା ବେହେରା । ୨୪ ଘଣ୍ଟାରୁ ଅଧିକ ଆସାମୀଙ୍କୁ ଥାନାରେ ରଖିବାକୁ ଅଧିକାର ନଥିବା ଆଇନ୍‌ରେ ଥିବାବେଳେ ନିଜେ ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ବେହେରା ଆଇନ୍ ଉଲ୍ଲଂଘନ କଲେ କେଉଁ ଆଧାରରେ ଏବଂ କାହା ସ୍ୱାର୍ଥରେ ? ଏତେ ଏତେ ଟଙ୍କା ସୁଦ୍ଧ କାରବାର କରିବାକୁ ଶୁଦ୍ଧିଆ ଆଶିଷ ମହାନ୍ତିଙ୍କ ପାଖରେ ସରକାରୀ ଅନୁମୋଦନ ସୁଦ୍ଧ ଲାଇସେନ୍ସ ଥିଲା କି? ଏସବୁ ଯାଞ୍ଚ କରିବା ପୋଲିସଙ୍କ କାମ ନୁହେଁକି ? ଚକ୍ରାନ୍ତ କରି ମୃଦୁ ପାନୀୟରେ ବିଷ ମିଶେଇ ରଞ୍ଜନ ବେହେରାଙ୍କୁ ପିଇବାକୁ ଦେବାରେ ଆଶିଷ ମହାନ୍ତିଙ୍କ ପରିବାରର ଅନ୍ୟ କେହି ଜାଣିପାରିଲେନି କିପରି ? ଏହାବି ସନ୍ଦେହ ଘେରରେ ଏବଂ ତଦନ୍ତ ସାପେକ୍ଷ । ଆଶିଷ ମହାନ୍ତିଙ୍କୁ ଏହି ସୁଦ୍ଧ କାରବାରରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷରେ କିଏ ସାହାଯ୍ୟ କରୁଥିଲେ ? ସେମାନେ ବି ଆଇନ୍ ଅନୁସାରେ ଦଣ୍ଡିତ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି । ଦେଖିବାକୁ ବାକି ରହିଲା ରଞ୍ଜନଙ୍କ ପରିବାରଙ୍କୁ ନ୍ୟାୟ କେବେ ମିଳୁଛି ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଜେପି ନେତ୍ରୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲାରେ ବିକାଶର ନୂତନ ଧାରା ଆରମ୍ଭ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱାଧିନ ବିଜେପି ପରିଚାଳିତ ରାଜ୍ୟ ସରକାର ଜିଲ୍ଲାର ବିକାଶ ପାଇଁ ବହୁମୁଖୀ ଯୋଜନା କାର୍ଯ୍ୟାନ୍ୱୟନ କରିଥିବା ବେଳେ ଏଥିପାଇଁ ଚଳିତ ଆର୍ଥିକ ବର୍ଷରେ ବଜେଟ୍‌ରେ ମଧ୍ୟ ଅର୍ଥ ଅନୁଦାନ ପ୍ରାବଧାନ ରଖାଯାଇଥିବା ଘୋଷଣା ହେବାପରେ ସବୁ ମହଲରେ ଆନନ୍ଦ ଖେଳିଯାଇଛି । କେନ୍ଦ୍ରାପଡାରେ ନୂତନ ବିଶ୍ୱ ବିଦ୍ୟାଳୟ ସ୍ଥାପନ କରିବା, ଶ୍ରୀ ବଳଦେବଜୀଉ ମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକାରୀ କରିବା, ମହାକାଳପଡାରେ ମହାନଦୀ ମୁହାଣରେ ନଦୀ ଭିତିକ ବନ୍ଦର ସହ ଜାହାଜ ତିଆରି କାରଖାନା ସ୍ଥାପନ କରିବା ଓ ୧୦୦ ଶଯ୍ୟା ବିଶିଷ୍ଟ ଦାତବ୍ୟ ଚିକିତ୍ସାଳୟ ସ୍ଥାପନ ପାଇଁ ସରକାରୀ ଭୂମି ଯୋଗାଇଦେବା ଏବଂ ସେଥିରେ ଭୂମି ପୂଜନ କାର୍ଯ୍ୟକ୍ରମ ସରିଥିବା ଅବସରରେ ବିଜେପି ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି । ମାହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ ଓ ବରିଷ୍ଠ ନାରୀନେତ୍ରୀ ଡ଼ଃ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ସଂଯୋଜନାରେ ଶତାଧିକ ବିଜେପି ନାରୀନେତ୍ରୀ ଓ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗଭୀର କୃତଜ୍ଞତା ଜ୍ଞାପନ କରିବା ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶ୍ରୀ ବଳଦେବଜୀଉଙ୍କ ଫଟୋଚିତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ସିରିଜ୍ ଦୁର୍ଘଟଣା, ଜଣେ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ରବିବାର ରାତି ୮ଟାରେ ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୁଦୁଗୁଦା ସାନନାଲିଆ ନିକଟରେ ସିରିଜ୍ ଦୁର୍ଘଟଣା ଘଟି ଜଣେ ଗୁରୁତର ଆହତ ହୋଇଛନ୍ତି । ସେହିପରି ଗୋଟିଏ ବୋଲେରୋ, ଗୋଟିଏ ସ୍କର୍ପିଓ, ଗୋଟିଏ କାର୍ ଓ ବାଇକ୍ କ୍ଷତିଗ୍ରସ୍ତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ସହର ନିକଟ ଟୁଟୁସିଙ୍ଗା ଗ୍ରାମରୁ ବିବାହ ସାରି ଏକ ବରଯାତ୍ରୀ ବୋଲେରୋ ସୋନପୁର ଆଡକୁ ଯାଉଥିବାବେଳେ ସାମ୍ନାପଟୁ ଆସୁଥିବା ଗୋଟିଏ ସ୍କର୍ପିଓ, କାର୍ ଓ ବାଇକ୍‌କୁ ଧକ୍କା ଦେଇ ଦୁର୍ଘଟଣା ଘଟାଇଥିଲା । ଫଳରେ ବୋଲେରୋ ଡ୍ରାଇଭର ସୁବଳୟା ଥାନା ବୁଢୀପାଲି ଗ୍ରାମର ଦେବେନ୍ଦ୍ର ବେହେରା ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟ ଗାଡି ଗୁଡିକର ଯାତ୍ରୀମାନେ ସୁରକ୍ଷିତ ଥିବା ସୂଚନା ମିଳିଛି ।

# ବିଜେବି କଲେଜର ସ୍ୱୟଂଶାସିତ ମାନ୍ୟତା ୧୦ ବର୍ଷ ବଢ଼ିଲା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ଗତ ୨୦୨୨ ମସିହାରୁ ସରିଥିଲା । କଲେଜର ସ୍ୱୟଂଶାସିତ ମାନ୍ୟତାକୁ ଆସନ୍ତା ୧୦ ବର୍ଷ ଯାଏ ବୃଦ୍ଧି କରାଯାଇଛି । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ୨୦୨୨-୨୩ରୁ ୨୦୩୧-୩୨ ଶିକ୍ଷାବର୍ଷ ଯାଏ ସ୍ୱୟଂଶାସିତ ମାନ୍ୟତା ବଳବତ୍ତର ରହିବ ବୋଲି ଏନେଇ ୟୁଜିସି ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଜଣାଇଦିଆଯାଇଛି । ୟୁଜିସିର ଚିଠି ଅନୁଯାୟୀ, ଗତ ଜାନୁଆରୀ ୩୦ ତାରିଖରେ ୟୁଜିସି ଷ୍ଟାଣ୍ଡିଂ କମିଟି ବୈଠକର ସୁପାରିସ୍‌କୁ ଭିତ୍ତି କରି ଏହି ଅନୁମୋଦନ ଦିଆଯାଇଛି । ୟୁଜିସି ନିୟମାବଳୀ ୨୦୨୩ ଅନୁଯାୟୀ ୨୦୨୨ରୁ ୨୦୨୫ ମଧ୍ୟରେ ଥିବା ବ୍ୟବଧାନକୁ 'ଏକ୍ସ ପୋଷ୍ଟ ଫାକ୍ଟୋ' ଅନୁମୋଦନ ଜରିଆରେ ନିୟମିତ କରାଯାଇଛି । ସ୍ୱୟଂଶାସିତ ମାନ୍ୟତା ସଂପ୍ରସାରଣ ଫଳରେ ମହାବିଦ୍ୟାଳୟ ନିଜସ୍ୱ ପାଠ୍ୟକ୍ରମ ପ୍ରସ୍ତୁତି କରାଯାଉଛି । ନୂତନ ବିଷୟ ପ୍ରଚଳନ ଓ ପରୀକ୍ଷା ପରିଚାଳନା କ୍ଷେତ୍ରରେ ପୂର୍ବଭଳି ସ୍ୱାଧୀନତା ଉପଭୋଗ କରିପାରିବ । ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଆସନ୍ତା ୩୦ ଦିନ ମଧ୍ୟରେ ଏହି ସମ୍ପ୍ରସାରଣ ନେଇ ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସୂଚନାଯୋଗ୍ୟ, ରାଜ୍ୟର ଏଥିରୁ ୩୧ଟି ମହାବିଦ୍ୟାଳୟ ନିଜର ସ୍ୱୟଂଶାସିତ ମହାବିଦ୍ୟାଳୟ ମାନ୍ୟତା ହରାଇସାରିଲେଣି । ଏହାକୁ ନବୀକରଣ କରିବା ପାଇଁ ମଧ୍ୟ ଆଗ୍ରହୀ ହେଉନାହାନ୍ତି । ମାନ୍ୟତା ନଥିବାରୁ ମିଳୁଥିବା ଗ୍ରାଣ୍ଟ ମଧ୍ୟ କମୁଛି । ସ୍ୱୟଂଶାସିତ ମାନ୍ୟତା ନଥାଇ ନିଜେ ପରୀକ୍ଷା ପରିଚାଳନା କରିବା ଆଇନ୍ ଉଲ୍ଲଂଘନ । ଫଳରେ ୟୁଜିସିର କନ୍‌ଫର୍ମେଣ୍ଟ ଅଫ୍ ଅଟୋନୋମସ୍ ଷ୍ଟାଟସ୍ ଓପନ୍ କଲେଜ, ମେଜର୍ସ ଫର୍ ମେଣ୍ଟେନାନ୍ସ ଅଫ୍ ଷ୍ଟାଣ୍ଡାର୍ଡସ୍ ଇନ୍ ଅଟୋନୋମସ୍ କଲେଜ ନିୟମାବଳୀ ୨୦୨୩ ନିୟମକୁ ଭାଙ୍ଗୁଛନ୍ତି । ଏହାକୁ ନେଇ ୟୁଜିସି ପକ୍ଷରୁ ବାରମ୍ବାର ତାଗିଦ୍ କରଯାଉଛି ।

# ସୁପର ମାର୍କେଟ୍‌ରେ ନିଆଁ ଲାଗି ଜଳିଗଲା ଲକ୍ଷାଧିକ ଟଙ୍କାର ସାମଗ୍ରୀ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଧଉଳି ଥାନା ଶିଶୁପାଳଗଡ଼ ସ୍ଥିତ ନୂଆଗାଁ ନିକଟରେ ଥିବା ସୁପର ମାର୍ଟର ତୃତୀୟ ମହଲାରେ ସୋମବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡର କାରଣ ଜଣାପଡିନଥିଲେ ମଧ୍ୟ ବିଦ୍ୟୁତ୍ ସର୍ଟ ସର୍କିଟ୍‌ରୁ ଏଭଳି ହୋଇଥିବା ଅନୁମାନ କରାଯାଉଛି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ପ୍ଲାଷ୍ଟିକ୍, ଷ୍ଟିଲ୍ ଆଦି ଘରୋଇ ଉପକରଣ ଜଳିଯାଇଥିବା ଜଣାପଡିଛି । ଭୁବନେଶ୍ୱର, କଞ୍ଚନା ଓ ବାଲିଅନ୍ତା ଅଗ୍ନିଶମ ବିଭାଗର ୭ଟି ଗାଡି ସମେତ ରୋବଟ୍ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଛି । ମାର୍ଟ ଭିତରେ ଅଧିକ ପ୍ଲାଷ୍ଟିକ୍ ସାମଗ୍ରୀ ଥିବାରୁ ରୋବଟ ମନିଟରିଙ୍ଗ ମାର୍ଟ ଭିତରେ ପଶି ନିଆଁକୁ ଆୟତ କରିଥିଲା । ଅନ୍ୟପକ୍ଷରେ ଉକ୍ତ ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ମହଜୁଦ ଥିଲା ନା ନାହିଁ ତଦନ୍ତ କରାଯାଉଛି । ସୂଚନା ଅନୁଯାୟୀ, ରାତି ପ୍ରାୟ ସାଢେ ୧୦ଟାରେ ହଠାତ୍ ମାର୍ଟର ତୃତୀୟ ମହଲାରୁ ନିଆଁ ବାହାରିଥିଲା । ସେହି ସମୟରେ ମାର୍ଟ ବନ୍ଦ ଥିଲା । ନିଆଁ ଧିରେ ଧିରେ ବ୍ୟାପିଯାଇଥିଲା । କ୍ଷଣିକ ଭିତରେ ହୁତ୍ ହୁତ୍ ହୋଇ ଜଳିଉଠିଥିଲା । ଫଳରେ ମାର୍ଟରେ ଥିବା ପ୍ଲାଷ୍ଟିକ୍, ଷ୍ଟିଲ୍ ଆଦି ଉପକରଣ ଜଳିଯାଇଥିଲା । ପ୍ରାୟ ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିବାରେ ଅଗ୍ନିଶମ ବାହିନୀ ସଫଳ ହୋଇଥିଲା ।

# ଘରୁ ଲୁଟିନେଲେ ୭୦ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର

**ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ରାତି ଅଧରେ ମାରଣାସ୍ତ୍ର ଦେଖାଇ ଛଅ ଜଣ ଦୁର୍ବୃତ୍ତ ଘରୁ ଲୁଟି ନେଲେ ୭୦ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର । ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ କୋଚନିଆମ୍ବାର ଅମୁଲ୍ୟ ଜେନାଙ୍କ ଘରେ । ଗତ ତିନିମାସ ତଳେ ଜମି ବିକ୍ରି କରି ଘରେ ରଖିଥିଲେ ୭୦ ଲକ୍ଷ ଟଙ୍କା । ଗତ ରାତିରେ ଅମୁଲ୍ୟ ଜେନା ଏକୁଟିଆ ଶୋଇଥିବା ସମୟରେ ବିଳମ୍ବିତ ରାତିରେ ଘର କବାଟ ତାଡି ୬ ଜଣ ଦୁର୍ବୃତ୍ତ ଭିତରକୁ ପଶିଥିଲେ ଏବଂ ବେକରେ ଭୁଜାଲି ରଖି ଗାଳି ଗୁଲଜ କରି ହାତ ଗୋଡ଼ ବାନ୍ଧି ଅଲମିରାରୁ ୭୦ ଲକ୍ଷ ଟଙ୍କା ଓ ସୁନା ମୁଦି ୧୪ଟି ଓ ସୁନା ଲକେଟ୍ ତିନୋଟି ଓ ମା'ଙ୍କ କାନ ଫୁଲ ଲୁଟି ନେଇଛନ୍ତି । ଟଙ୍କା ଲୁଟିନେବା ପରେ ଅମୁଲ୍ୟଙ୍କ ହାତ ଗୋଡ଼ ବାନ୍ଧି ଘରେ ଛାଡିଦେଇ ପଳେଇଯାଇଥିଲେ । ବହୁ କଷ୍ଟରେ ମୁକୁଳି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ । ପରେ ଉମରକୋଟ ପୋଲିସକୁ ଖବର ଦେଇଥିଲେ । ସକାଳୁ ଉମରକୋଟ ପୋଲିସ ପହଞ୍ଚି ତଦନ୍ତ କରୁଛି ଅନ୍ୟପଟେ ନବରଙ୍ଗପୁରରୁ ସାଇଣ୍ଟିଫିକ୍ ଟିମ୍ ଆସିବେ ଓ ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।




# ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ୨୧୫ ଜଣଙ୍କ ମାଗଣା ଚକ୍ଷୁ ପରୀକ୍ଷା

**ଯୋଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ସଂସ୍ଥା ଜିନ୍ଦଲ୍ ଫାଉଣ୍ଡେସନ୍‌ର ପ୍ରମୁଖ କାର୍ଯ୍ୟକ୍ରମ 'ଦୃଷ୍ଟି' ଅଧିନରେ ଏବଂ କେନ୍ଦୁଝରର ଏଲ୍.ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ ସହଯୋଗରେ ବଡ଼ବିଲ୍ ପେଲେଟ୍ ପ୍ଲାଣ୍ଟ, ଟେନ୍ସା ମାଇନ୍ସ ଓ କାଶିଆ ମାଇନ୍ସ ଅଞ୍ଚଳରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହୋଇଯାଇଛି । ପେଲେଟ୍ ପ୍ଲାଣ୍ଟ ପାର୍ଶ୍ୱବର୍ତ୍ତୀ ଦେଓଝର ଗ୍ରାମ ପଞ୍ଚାୟତରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ପେଲେଟ୍ ପ୍ଲାଣ୍ଟ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ ଉଦ୍‌ଘାଟନ କରିଥିଲେ । ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ଗ୍ରାମର ବହୁ ବିଶିଷ୍ଟ ଲୋକ ଓ ସିଏସ୍‌ଆର୍ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ଶିବିରରେ ୨୧୪ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ । ଟେନ୍‌ସାରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରରେ ୧୦୫ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଏଥିରେ ସରକାରୀ ଅଧିକାରୀ, ସ୍ଥାନୀୟ ଜନପ୍ରତିନିଧି, ଟେନ୍‌ସା ମାଇନ୍ସର ଅଧିକାରୀ ଉପସ୍ଥିତ ଥିଲେ । କାଶିଆ ମାଇନ୍ସରେ ଆୟୋଜିତ ଚକ୍ଷୁ ଚିକିତ୍ସା ଶିବିରକୁ ଜିନ୍ଦଲ୍ ଷ୍ଟିଲ୍‌ର ବିକେଟିଆର କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ର ଉଦ୍‌ଘାଟନ କରିଥିଲେ । ଏଥିରେ ସ୍ଥାନୀୟ ଲୋକ ପ୍ରତିନିଧି, ବଡ଼ବିଲ ଓ ବାସୁଦେବପୁର ଗୋଷ୍ଠୀ ଚକିତ୍ସା କେନ୍ଦ୍ରର ବରିଷ୍ଠ ଅଧିକାରୀଙ୍କ ସମେତ ଗ୍ରାମବାସୀ, କାଶିଆ ମାଇନ୍ସର ଅଧିକାରୀ, ସିଏସ୍‌ଆର୍ ଅଧିକାରୀ ଓ ସ୍ୱାସ୍ଥ୍ୟ ସଙ୍ଗିନୀ ଉପସ୍ଥିତ ଥିଲେ । ଏଥିରେ ମୋଟ୍ ୩୪୦ ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ । ସେମାନଙ୍କ ମଧ୍ୟରୁ ୨୪୦ ଜଣଙ୍କୁ ମାଗଣା ଚଷମା ପ୍ରଦାନ କରାଯାଇଥିଲେ । ପାରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା ଓ ସଂସ୍କୃତିର ବିକାଶ ଓ ସୁରକ୍ଷା ପାଇଁ ଜିନ୍ଦଲ୍ ଫାଉଣ୍ଡେସନ୍ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛି । ନିୟମିତ ଭାବେ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ ପାରିପାର୍ଶ୍ୱିକ ଅଞ୍ଚଳର ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଜିନ୍ଦଲ୍ ଫାଉଣ୍ଡେସନ୍‌ର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୫।୦୨।୨୦୨୬, ଫାଲ୍‌ଗୁନ ଦି୧୩ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୬।୧୨।୨୩** **ଚନ୍ଦ୍ରୋଦୟ- ଦିଘ ୧୧।୪୩।୨୮**

**ନବମୀ-** ରାଘ ୨।୪୩ ପର୍ଯ୍ୟନ୍ତ, ରୋହିଣୀ ନକ୍ଷତ୍ର ଦିଘ ୧।୪୧ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୧୨।୫୬ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । ରାଘ ୧୨।୫୬ ଗତେ ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । ରାଘ ୧୨।୫୬ ଗତେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୨।୪୩ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୫ ଗତେ ଦିଘ ୭।୪୭ ମଧ୍ୟେ । ଦିଘ ୧।୫୬ ଗତେ ଦିଘ ୫।୦୨ ମଧ୍ୟେ ।

**ମେଷ:** ମନରେ ସରସତା ରହିବା ସହିତ କର୍ମକ୍ଷେତ୍ରରେ ଅଗ୍ରଗତି କରିବେ । ପରିଶ୍ରମର ପରିମାଣ ଅତିମାତ୍ରାରେ ବଢ଼ିବ । ପାରିବାରିକ ଶାନ୍ତି ଲାଭ ହେବ । ଆୟ ଓ ବ୍ୟୟ ସମାନ ରହିବ । ଦୂରଯାତ୍ରା କରିପାରନ୍ତି । ମନ ଭଲ ରହିବ ।

**ବୃଷ:** କର୍ମକ୍ଷେତ୍ରରେ ବିରକ୍ତି ବଢ଼ିବ । ସହଯୋଗୀମାନଙ୍କ ସହଯୋଗ ମତିଭ୍ରମ କରିବ । ପଥଭ୍ରଷ୍ଟର ସମ୍ଭାବନା । ଆୟର ପରିମାଣ ବଢ଼ିବ । ପରିବାରରେ କଳହ ସୃଷ୍ଟିର ଆଶଙ୍କା । ଅସାବଧାନତାରୁ ଦ୍ରବ୍ୟ ନଷ୍ଟ ହେବାର ସୂଚନା ।

**ମିଥୁନ:** ଭୟ ଉପରେ ଆପଣ ବିଜୟ ହାସଲ କରିବେ । ଉତ୍ତମ ଫଳ ଲାଭ ହେବ । ଆୟର ପରିମାଣ କମିଯିବ । ପାରିବାରିକ ଆନନ୍ଦ ବଜାୟ ରହିବ । ପରିଶ୍ରମ ଅଧିକ ହେବ । ଶତ୍ରୁ ନାଶ ହେବାର ସୂଚନା ରହିଛି ।

**କର୍କଟ:** ମନରେ ଆନନ୍ଦ ଆସିବ । କର୍ମକ୍ଷେତ୍ରରେ ପ୍ରସନ୍ନ ଭାବ ରହିବ । ସାହାଯ୍ୟ ସହଯୋଗ ପାଇ ପ୍ରଗତି ପଥେ ଅଗ୍ରସର ହେବେ । ଆୟ ବଢ଼ିବ । ପରିବାରରେ ସୁଖ ଶାନ୍ତି ଲାଭ କରିବାର ସୂଚନା ମଧ୍ୟ ।

**ସିଂହ:** କର୍ମକ୍ଷେତ୍ରରେ କର୍ମଚାରୀ ତଥା ଭାଇମାନଙ୍କ ସାହାଯ୍ୟ ସହାନୁଭୂତି ଲାଭ କରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଘରେ ଦ୍ୱନ୍ଦ୍ୱର ସୂଚନା । ମନରେ ବିରକ୍ତି ଭାବ ଜାଗ୍ରତ ହେବ । ମହିଳାମାନେ ସୁଖୀ ହେବେ ।

**କନ୍ୟା:** ସୁସ୍ଥତା ଅନୁଭବ କରିବେ । କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶଂସା ଲାଭ । ବନ୍ଧୁ ସହଯୋଗ ପ୍ରାପ୍ତି ହେବ । ବିଶ୍ରାମ ନେବାକୁ ପସନ୍ଦ କରିବେ । ଆୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ରହିବ ।

**ତୁଳା:** କର୍ମକ୍ଷେତ୍ରରେ ଅଶାନ୍ତି । କାର୍ଯ୍ୟ କରିବେନାହିଁ । ମନରେ ବାଧା ଆସିବ । ଶାରୀରିକ ଅସୁସ୍ଥତା ଭୋଗିବେ । ବ୍ୟୟର ପରିମାଣ ବଢ଼ିବ । ଆୟ ସ୍ଥିର ରହିବ । କୌଣସି ସୁସମ୍ବାଦ ପ୍ରାପ୍ତିର ସମ୍ଭାବନା ରହିଛି ।

**ବିଛା:** ଆଜି ଦିନଟି ସେତେ ଭଲରେ ଯିବନାହିଁ । ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । କର୍ମହାନୀ ଅଯଥା ବାଦବିବାଦର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଜଞ୍ଜାଳ ।

**ଧନୁ:** ମନରେ ଅହଂକାର ଆସିବ । ସହଯୋଗୀ ବା କୁଟୁମ୍ବଙ୍କ କ୍ରୋଧ ସୃଷ୍ଟି ହେବ । ଆଶାନତି ବଢ଼ିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିଲେ ମଧ୍ୟ ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇବ । ମହିଳାମାନେ ଗର୍ବୀ ହେବେ ।

**ମକର:** ନୀତି ବହିର୍ଭୁତ କାର୍ଯ୍ୟ କରିବେ । କୂଟନୀତିରେ ସଫଳ ପ୍ରାପ୍ତ ହେବ । ଦୂର ସ୍ଥାନକୁ ଯାତ୍ରା କରିବେ । ଲାଭବାନ୍ ହେବେ । ରୋଜଗାର ଭଲ ହେବ । ପରିବାରରେ ଶାନ୍ତି ପାଇବେ । ଦେହ ଓ ମନ ଭଲ ରହିବ ।

**କୁମ୍ଭ:** ଦିନଟି ସେତେ ଭଲ ନୁହେଁ । ପରିଶ୍ରମ ତୁଳନାରେ ଫଳ ପ୍ରାପ୍ତି ହେବନାହିଁ । ଦୂରଯାତ୍ରା କିନ୍ତୁ କାର୍ଯ୍ୟ ହାନୀ । ଆୟରେ ଅଗ୍ରଗତି ହେବ । ପରିବାର ମଧ୍ୟରେ ଜଞ୍ଜାଳ ରହିବନାହିଁ । ମହିଳାମାନେ ସୁଖୀ ହେବେ ।

**ମୀନ:** ହସ ଖୁସିରେ ଦିନ କାଟିବେ । କର୍ମକ୍ଷେତ୍ରରେ ସାଫଲ୍ୟତା ପ୍ରାପ୍ତି ହେବ । ଦୂରଯାତ୍ରା କରି ଆୟରେ ପ୍ରଗତି ଘଟାଇବେ । ଲୋକପ୍ରିୟତା ବୃଦ୍ଧି ପାଇବ । ପରିବାରରେ ଦୁଶ୍ଚିନ୍ତାର ଆଶଙ୍କା । ମନ ଅସ୍ଥିର ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୬।୦୨।୨୦୨୬, ଫାଲ୍‌ଗୁନ ଦି୧୪ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ ୬।୧୧।୪୨** **ଚନ୍ଦ୍ରୋଦୟ- ଦିଘ ୧୨।୪୫।୩୬**

**ଦଶମୀ-** ରାଘ ୧୨।୩୫ ପର୍ଯ୍ୟନ୍ତ, ମୃଗଶିରା ନକ୍ଷତ୍ର ଦିଘ ୧୨।୧୩ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧୨।୩୫ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୧୪ ଗତେ ଦିଘ ୭।୪୫ ମଧ୍ୟେ । ଦିଘ ୧୦।୫୨ ଗତେ ଦିଘ ୧।୧୧ ମଧ୍ୟେ । **ପର୍ବୋତ୍ସବ-** ସୁଦଶା ବ୍ରତ, ଫଗୁ ଦଶମୀ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କେବେବି ହୋଇପାରେ ଇରାନ ଉପରେ ଆମେରିକାର ଆକ୍ରମଣ

ଏବେ ଠାରୁ ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ (US-Iran Conflict) କରିପାରେ ଆମେରିକା। ୨୦୦୩ ଇରାକ ଅନୁପ୍ରବେଶ ପରେ ଆମେରିକା ପ୍ରଥମଥର ପାଇଁ ମଧ୍ୟପ୍ରାଚ୍ୟରେ ନିଜର ସବୁଠାରୁ ବିଶାଳ ଏୟାର ପାୱାର ଦେଖାଇଛି। ଫୁଲାଫୁଲା ଯୁଦ୍ଧ ବିମାନ ଠାରୁ ଆରମ୍ଭ କରି ଯୁଦ୍ଧ ତୋପକୁ ମଧ୍ୟପ୍ରାଚ୍ୟରେ ଖଞ୍ଜିବାରେ ଲାଗିଛି ଆମେରିକା। ଏଫ-୩୫ ଓ ଏଫ ୨୨ ଯୁଦ୍ଧ ବିମାନ ସମେତ ସେଗୁଡ଼ିକୁ ସହାୟତା ପାଇଁ ସ୍ୱତନ୍ତ୍ର ଏୟାରକ୍ରାଫ୍ଟକୁ ଆମେରିକା ମଧ୍ୟପ୍ରାଚ୍ୟରେ ଠୁଳ କରୁଛି। ଆମେରିକା ପକ୍ଷରୁ ଦ୍ୱିତୀୟ ବିମାନ ବାହାକ ତୋପରେ ଆକ୍ରମଣ ଓ ଇଲେକ୍ଟ୍ରୋନିକ ଯୁଦ୍ଧ ବିମାନକୁ ଭର୍ତ୍ତି କରି ମଧ୍ୟପ୍ରାଚ୍ୟକୁ ପଠା ଯାଉଛି। ସେହିପରି ଆକାଶ ପଥରେ ବଡ଼ ଧରଣର ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କମାଣ୍ଡ ଓ କଣ୍ଟ୍ରୋଲ ଏୟାରକ୍ରାଫ୍ଟ ମଧ୍ୟ ଆମେରିକାରୁ ମଧ୍ୟପ୍ରାଚ୍ୟ ଆଡ଼କୁ ଉଡ଼ାଣ ଭରିଛି। ଆମେରିକା ବାୟୁ ସେନା ଓ ନୌସେନା ସଂପୂର୍ଣ୍ଣ ଆକ୍ରମଣ ମୁଦ୍ରାରେ ରହିଥିବା ବେଳେ କେବଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ସେମାନେ ଅପେକ୍ଷା କରିଛନ୍ତି। ଟ୍ରମ୍ପ ଗ୍ରୀନ ସିଗ୍ନାଲ ଦେବା କ୍ଷଣି ଇରାନ ଉପରେ ଭୟଙ୍କର ଷ୍ଟ୍ରାଇକ କରିବ ଆମେରିକା। ରିପୋର୍ଟ ଅନୁସାରେ, ଟ୍ରମ୍ପ ଏଯାଏ ଇରାନ ଉପରେ ଆକ୍ରମଣ କରାଯିବ କି ନାହିଁ, ତା' ନିଷ୍ପତ୍ତି ନେଇ ନାହାନ୍ତି। କିନ୍ତୁ ଯଦି ସେ ଆକ୍ରମଣର ଅନୁମତି ଦିଅନ୍ତି, ତା'ହେଲେ ଇରାନର ଆଣବିକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ। ସେହିପରି ଇରାନରେ ଶାସନ ପରିବର୍ତ୍ତନ ହେବ। ଏହାବାଦ ମଧ୍ୟପ୍ରାଚ୍ୟରେ ସବୁଠାରୁ ବଡ଼ ଯୁଦ୍ଧକୁ ପୂରା ବିଶ୍ୱ ସାମ୍ନା କରିବ। ବିମାନ ଟ୍ରାକିଂ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଆମେରିକାର ଏକାଧିକ ଯୁଦ୍ଧ ଓ ସହାୟତା ବିମାନ ଜୋର୍ଡାନରେ ଥିବା ମୁୱାଫକ ସଲ୍ଟି ଓ ସାଉଦି ଆରବରେ ଥିବା ପ୍ରିନ୍ସ ସୁଲତାନ ଏୟାର ବେସ୍‌ରେ ପହଞ୍ଚି ସାରିଛନ୍ତି। ସେହିପରି ଆହୁରି ଅନେକ ବିମାନ ମଧ୍ୟପ୍ରାଚ୍ୟକୁ ଉଡ଼ାଣ ଭରିଛନ୍ତି। ଏଫ-୩୫, ଏଫ ୧୫, ଏଫ-୧୬, ଏଫ-୨୨ ରାପ୍ଟର, ଇ-୩ ଏୟାରବର୍ଣ୍ଣ ୱାର୍ଣ୍ଣିଂ ଓ କଣ୍ଟ୍ରୋଲ ସିଷ୍ଟମ ଏବଂ ଇ-୧୧ ବ୍ୟାଟେଲଫିଲ୍ଡ ଏୟାରବର୍ଣ୍ଣ କମ୍ୟୁନିକେସନ ନୋଡ ଯୁଦ୍ଧ ବିମାନଗୁଡ଼ିକ ଇରାନ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ବୁଧବାର Flightradar୨୪ରୁ ଜଣାପଡ଼ିଥିଲା ଯେ ମଧ୍ୟପ୍ରାଚ୍ୟ ଓ ଏହାର ଆଖପାଖ ଅଞ୍ଚଳରେ ବେଶ କିଛି ସମୟ ଧରି ଏକାଧିକ KC-୧୩୫ ବିମାନ ପଇଁତରା ମାରିଥିଲା। ଏହା ବ୍ୟତୀତ E ୩ ଏୟାରବର୍ଣ୍ଣ ୱାର୍ଣ୍ଣିଂ ଓ କଣ୍ଟ୍ରୋଲ ସିଷ୍ଟମ ଏବଂ କାର୍ଗୋ ବିମାନକୁ ମଧ୍ୟ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳିଛି।

ସମ୍ଭାବ୍ୟ ଅପରେସନରେ ସହାୟତା କରିବା ପାଇଁ ଆମେରିକା ନୌସେନା ମଧ୍ୟ ମଧ୍ୟପ୍ରାଚ୍ୟ ଓ ପୂର୍ବ Mediterranean ସମୁଦ୍ରରେ ୧୩ଟି ଜାହାଜ ମୁତୟନ କରିଛି। ଏହା ମଧ୍ୟରେ ବିମାନ ବାହକ USS Abraham Lincoln ଓ ବାଲାଷ୍ଟିକ ମିସାଇଲକୁ ଧ୍ୱଂସ କରିପାରୁ ଥିବା ୯ଟି ଯୁଦ୍ଧ ତୋପ ରହିଛନ୍ତି।

ଦ୍ୱିତୀୟ ବିମାନ ବାହାକ ଯୁଦ୍ଧ ତୋପ USS Gerald R. Ford ଓ ୪ଟି ବିଧ୍ୱଂସାକାରୀ ଜାହାଜ ମଧ୍ୟ ମଧ୍ୟପ୍ରାଚ୍ୟ ଆଡ଼କୁ ଆସୁଛନ୍ତି। ଟିମ ଟ୍ରମ୍ପ ଅତିରିକ୍ତ ଭାବେ ଭୂପୃଷ୍ଠ ଭିତ୍ତିକ ଏୟାର ଡିଫେନ୍ସକୁ ମଧ୍ୟ ମଧ୍ୟପ୍ରାଚ୍ୟର ବିଭିନ୍ନ ଅଞ୍ଚଳରେ ମହଜୁଦ କରି ରଖିଛନ୍ତି।

# ବରବରୀ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ମହାଭାରତ ଯୁଦ୍ଧର ମହାବୀର ଘଟୋତ୍କଚଙ୍କ ପୁତ୍ର ଥିଲେ ବରବରୀ। ତାଙ୍କ ମା'ଙ୍କ ନାମ ଥିଲା ମୌରଭି। ଭୀମ ଓ ହିଡ଼ିମ୍ବାଙ୍କ ପ୍ରପୌତ୍ର ବରବରୀ। ମହାବୀର କର୍ଣ୍ଣଙ୍କ ଅବ୍ୟର୍ଥ ବାଣରେ ଘଟୋତ୍କଚଙ୍କର ଯୁଦ୍ଧକ୍ଷେତ୍ରରେ ହିଁ ମୃତ୍ୟୁ ହୋଇଯାଇଥିଲା। ହସ୍ତିନାକୁ ଆସିବା ପୂର୍ବରୁ ମାତା ମୌରଭିଙ୍କ ପାଖରେ ବରବରୀ ଶପଥ ନେଇଥିଲେ ଯେ ଯୁଦ୍ଧକ୍ଷେତ୍ରରେ ସେ ଦୁର୍ବଳଙ୍କ ପକ୍ଷରେ ହିଁ ଲଢ଼ିବେ। ପୁଣି ପିତାମହୀ ହିଡ଼ିମ୍ବା ତାଙ୍କୁ ଆଶୀର୍ବାଦ ଦେଇ କହିଥିଲେ ଯେ ପାଣ୍ଡବ ରକ୍ଷକ ଶ୍ରୀକୃଷ୍ଣଙ୍କୁ ପ୍ରଥମେ ସେ ଯେପରି ସାକ୍ଷାତ କରିବାକୁ ଭୁଲି ନଯାଏ। ମହାଭାରତ ଭଳି ଏତେ ବିଶାଳ ଯୁଦ୍ଧ ସମାଗମରେ ତାଙ୍କୁ ପାଇବା କିପରି ସମ୍ଭବ ବୋଲି ପ୍ରଶ୍ନ ପଚାରନ୍ତେ ହିଡ଼ିମ୍ବା କହିଥିଲେ ଜଗତର ପ୍ରତ୍ୟେକ ଅନ୍ତରରେ ଯିଏ ବିଦ୍ୟମାନ ତାଙ୍କୁ ଚିହ୍ନିବାର ଆବଶ୍ୟକତା ନାହିଁ। ସେ ତୋ ପାଖରେ ହିଁ ଆସି ପହଞ୍ଚିଯିବେ। ପିତାମହୀଙ୍କ ଆଶୀର୍ବାଦକୁ ପାଥେୟ କରି ବରବରୀ ପହଞ୍ଚିଥିଲେ ଯଥା ସ୍ଥାନରେ। ଗଙ୍ଗାନଦୀ କୂଳର ଏକ ଅଶ୍ୱସ୍ତ ବୃକ୍ଷ ମୂଳରେ ବସିଥିବା ବେଳେ ସମ୍ମୁଖରେ ପହଞ୍ଚିଥିଲେ ଜଣେ ଅତି ବୃଦ୍ଧ ବ୍ରାହ୍ମଣ। ବରବରୀ ତାଙ୍କୁ ଯଥୋଚିତ ସମ୍ମାନ ଦେବାପରେ ନିଜର ପରିଚୟ ବି ଦେଇଥିଲେ। ବୃଦ୍ଧ ବ୍ରାହ୍ମଣଙ୍କଠାରୁ ମହାଭାରତ ଯୁଦ୍ଧ ଅଠରଦିନ ହେବାର କଥା ଶୁଣିବା ପରେ ଯୁବକ ବରବରୀଙ୍କର ମୁହଁରେ ହସ ଫୁଟିଉଠିଲା। ସେ କହିଥିଲେ ଏହିଭଳି ଯୁଦ୍ଧ ସମାପ୍ତ ତାଙ୍କ ନିମନ୍ତେ କେତୋଟି ମୁହୂର୍ତ୍ତ ମାତ୍ର ଆବଶ୍ୟକ ଓ ସେଭଳି ବିଶାଳ ସମର ସଜ୍ଜା ହେବାର ଶୁଣି ସେ ଆଶ୍ଚର୍ଯ୍ୟ ହେଲେ। ଏପରି ଉତ୍ତର ଓ ତାହା ସହିତ ତାଙ୍କର ହେୟଜ୍ଞାନ ଦେଖି ଆଗନ୍ତୁକ ବୃଦ୍ଧ ବ୍ରାହ୍ମଣଙ୍କର ଚକ୍ଷୁ ଆଶ୍ଚର୍ଯ୍ୟରେ ବିସ୍ତାରିତ ହୋଇଗଲା। ତାହାର କାରଣ ଜାଣିବାକୁ ଚାହିଁବାରୁ ବରବରୀ କହିଥିଲେ ଯେ ତାଙ୍କ ପାଖରେ ମାତ୍ର ତିନିଗୋଟି ବାଣ ରହିଛି। ପ୍ରଥମ ବାଣରେ ଶତ୍ରୁ ପକ୍ଷର ସମସ୍ତ ଯୋଦ୍ଧା ଚିହ୍ନିତ ହୋଇଯିବେ। ଦ୍ୱିତୀୟ ବାଣରେ ଚିହ୍ନିତ ହୋଇଥିବା ଯୋଦ୍ଧାମାନଙ୍କର ବିନାଶ ଓ ତୃତୀୟର ପ୍ରୟୋଗରେ ଯେଉଁସବୁ ଚିହ୍ନିତ ନହୋଇ ବଳକା ଥିବେ ସେମାନଙ୍କୁ ନିଶ୍ଚିହ୍ନ କରିଦେବ। ଅର୍ଥାତ୍ ପ୍ରଥମ ବାଣରେ ଯେଉଁମାନଙ୍କୁ ଧ୍ୱଂସ କରିବାକୁ ଚାହିଁଥିବେ ସେମାନେ କେବଳ ଚିହ୍ନିତ ହେବାସହ ଅନ୍ୟ ଦୁଇଟି ସେମାନଙ୍କର ବିନାଶ ହେବା ନିମନ୍ତେ ଉଦ୍ଦିଷ୍ଟ। ସମସ୍ତ ବାଣ ସେମାନଙ୍କର ଲକ୍ଷ୍ୟ ଭେଦ କରିବା ପରେ ତାହା ପୁଣି ତାଙ୍କ ତୂଣୀରକୁ ପୁଣି ଫେରିଆସିବ।

ଏପରି କଥାରେ ଚମତ୍କୃତ ହେଲେ ଆଗନ୍ତୁକ ବୃଦ୍ଧ ବ୍ରାହ୍ମଣ। କୌତୂହଳ ଦେଖାଇ ପରୀକ୍ଷା ଦେବା ନିମନ୍ତେ ତାଙ୍କୁ ପ୍ରବର୍ତ୍ତାଇ ଥିଲେ। ସେପରି ଆହ୍ୱାନକୁ ଗ୍ରହଣ ବି କରିନେଇଥିଲେ ବରବରୀ। ବୃଦ୍ଧ ବ୍ରାହ୍ମଣ ସମ୍ମୁଖରେ ଥିବା ଅଶ୍ୱସ୍ଥ ଗଛର ଶୁଖିଲା ପତ୍ର ସଂଖ୍ୟା କେତେ ବୋଲି ତାଙ୍କୁ ପଚାରିଥିଲେ। ନିଜ ବାଣ ଶକ୍ତିର ପରିଚୟ ଦେବା ପୂର୍ବରୁ ଆଖି ବୁଜି ଧ୍ୟାନରେ ବସିଗଲେ ବରବରୀ। ଏପରି ସୁଯୋଗରେ ଅଶ୍ୱସ୍ତ ଗଛରୁ ପତ୍ରଟିଏ ତୋଳି ବୃଦ୍ଧ ବ୍ରାହ୍ମଣ ନିଜ ବାମ ଗୋଡ଼ର ପାଦ ତଳେ ଚାପି ରଖିଦେଲେ। ପ୍ରଥମ ଶର ଛାଡ଼ିବାରୁ ଗଛରେ ଶୁଖିଲା ପତ୍ର କେତେ ଅଛି ତାହାର ସଂଖ୍ୟା ନିର୍ଣ୍ଣୟ ପରେ ବୃଦ୍ଧ ବ୍ରାହ୍ମଣ ଦେବତାଙ୍କ ପାଦ ପାଖରେ ତାହା ଆସି ଘୂରି ବୁଲିଥିଲା। ଏହାର କାରଣ ବ୍ରାହ୍ମଣ ଦେବତା ପଚାରିବାରୁ ବରବରୀଙ୍କ ଉତ୍ତର ଥିଲା ଯେ ଆପଣଙ୍କ ବାମ ଗୋଡ଼ ତଳେ ପତ୍ରଟିଏ ରହିଯାଇଛି। ସେଥିପାଇଁ ଶର ପାଦ ପାଖରେ ଘୂରି ବୁଲୁଛି। ବ୍ରାହ୍ମଣ ଦେବତା ପାଦ ଘୁଞ୍ଚାଇ ଦେବା ପରେ ଶର ଦ୍ୱାରା ପତ୍ରଟି ଚିହ୍ନିତ ହୋଇଗଲା। ଏପରି ଚମତ୍କାରିତାରେ ବୃଦ୍ଧ ବ୍ରାହ୍ମଣ ସ୍ଥିର କରିନେଲେ ଯେ ବରବରୀଙ୍କ ନିଜ ବଳରେ ତାହା ନ ହୋଇ ଶିବଙ୍କଠାରୁ ତପସ୍ୟା ଦ୍ୱାରା ପ୍ରାପ୍ତ ବାଣମାନଙ୍କର ଏପରି କରିବାରେ ମହାଶକ୍ତି ରହିଛି। ବରବରୀ କେବଳ ଥିଲେ ମାଧ୍ୟମ। ପାଣ୍ଡବମାନେ ଯୁଦ୍ଧରେ ଜିତିଗଲେ ବି ସେମାନଙ୍କୁ ଯଦି ଲୁଚାଇ ଦିଆଯାଏ ତେବେ ବି ବରବରୀଙ୍କ ବାଣ ସେମାନଙ୍କୁ ଛାଡ଼ିବ ନାହିଁ।

ବୃଦ୍ଧ ବ୍ରାହ୍ମଣ ବରବରୀଙ୍କୁ ପଚାରିଲେ ଯଦି ଯୁଦ୍ଧ କରିବା ପାଇଁ ଆସିଛ ତେବେ କାହା ପକ୍ଷରେ ?

ବର୍ବରୀ କହିଲେ- ଯେଉଁ ପକ୍ଷ ଦୁର୍ବଳ। ଅର୍ଥାତ କୌରବକୁଳର ୧୧ ଅକ୍ଷୌହିଣୀ ସୈନ୍ୟ ଥିବାବେଳେ ପାଣ୍ଡବମାନଙ୍କର ମାତ୍ର ସାତଲକ୍ଷ। ତେଣୁ ପାଣ୍ଡବମାନେ ହିଁ ଦୁର୍ବଳ। ପୁଣି ମୋର ପିତାମହମାନେ ଏହି ଦଳ ସହ ସମ୍ପୃକ୍ତ। ବ୍ରାହ୍ମଣ ପଚାରିଲେ- ଯଦି ମାତାଙ୍କ ନିକଟରେ ଶପଥ କରିଆସିଛ ଦୁର୍ବଳମାନଙ୍କ ପକ୍ଷରେ ରହିବ ଓ ତାହାହେଲେ ପାଣ୍ଡବମାନେ ଜିତିଗଲେ କୌରବମାନେ ତ ଦୁର୍ବଳ ହୋଇଯିବେ। ତେବେ ତୁମେ କଣ ପାଣ୍ଡବମାନଙ୍କ ବିପକ୍ଷରେ ଯାଇପାରିବ ?

ବରବରୀ କହିଲେ- ତାହା ହିଁ ତ ମୋର ଶପଥ। ପାଣ୍ଡବମାନେ ସବଳ ହେଲେ ମୁଁ ନିଶ୍ଚୟ କୌରବ ପକ୍ଷ ନେବି ଓ ମୋ ବାଣର ଶକ୍ତିରୁ ପାଣ୍ଡବକୁଳ କଦାପି ବର୍ତ୍ତିଯାଇପାରିବେ ନାହିଁ।

ବୃଦ୍ଧ ବ୍ରାହ୍ମଣ ଚିନ୍ତା କଲେ ଯେଉଁ ପକ୍ଷରେ ବରବରୀ ରହିଯିବ ଅନ୍ୟ ପକ୍ଷ ନିଶ୍ଚିତ ଦୁର୍ବଳ ହେବାସହ ପୁଣି ସେହି ପକ୍ଷକୁ ସେ ନିଶ୍ଚୟ ଆଦରି ନେବ। ଏପରି ସବଳ ଓ ଦୁର୍ବଳ ହୋଇ ସମସ୍ତ ପାଣ୍ଡବ ଓ କୌରବ ସୈନ୍ୟ କେତୋଟି ମୁହୂର୍ତ୍ତରେ ହିଁ ଶେଷ ହୋଇଯିବେ। ଆଉ ବଞ୍ଚିଥିବ ଶେଷରେ ଏକମାତ୍ର ବରବରୀ। ପୁଣି ଏଥିରେ ଧରାରୁ ଯୋଦ୍ଧାକୁଳ ସମ୍ପୂର୍ଣ୍ଣ ଲୋପ ପାଇଯିବେ। ତେଣୁ ବରବରୀକୁ ଆଗରୁ ହିଁ ଧ୍ୱଂସ କରିଦେବାର ଆବଶ୍ୟକତା ରହିଛି। ଏପରି ଚିନ୍ତାକରି ବୃଦ୍ଧ ବ୍ରାହ୍ମଣ ବରବରୀର ଶିରକୁ ଦାନ ମାଗିବା ନିମନ୍ତେ ସ୍ଥିର କରିନେଲେ। ବରବରୀ ଥିଲେ କ୍ଷତ୍ରିୟ ଓ ପ୍ରଚଣ୍ଡ ଶକ୍ତିଶାଳୀ ବୀର। ଦାନ ଦେବା ହେଉଛି କ୍ଷତ୍ରିୟକୁଳର ଧର୍ମ। ସେ ପୁଣି ପାଣ୍ଡବମାନଙ୍କ ବଂଶଧର। କାହିଁକି ବା ସେ ଦାନ ଦେବାରୁ ଓହରିଯିବେ ? ଗଙ୍ଗାରେ ସ୍ନାନ ସାରି ବ୍ରାହ୍ମଣ ଦେବତାଙ୍କୁ ଦାନ ଦେବା ନିମନ୍ତେ ସୂର୍ଯ୍ୟଙ୍କୁ ଜଳ ତର୍ପଣ କରି ସଂକଳ୍ପ କରିଦେଲେ ବରବରୀ। ମାତ୍ର ଅଦ୍ଭୁତ ଥିଲା ବ୍ରାହ୍ମଣଙ୍କର ମାଗିବାର ଦାନ। ତାହା ଥିଲା ତାଙ୍କର ଶିରକମଳ। ହତଚକିତ ହୋଇଉଠିଲେ ବରବରୀ। ଯେତେବେଳେ ସଂକଳ୍ପ ହୋଇସାରିଛି ଦାନ ଦେବାକୁ ହିଁ ହେବ। ତେବେ ମାତା ମୌରଭି ଓ ମାତାମହୀ ହିଡ଼ିମ୍ବାଙ୍କର ଆଦେଶ ଥିଲା ମହାଭାରତ ଯୁଦ୍ଧର ମହାନାୟକ ତଥା ପାଣ୍ଡବକୁଳ ରକ୍ଷକ ଶ୍ରୀକୃଷ୍ଣଙ୍କୁ ପ୍ରଥମେ ଦର୍ଶନ କରିବା। ବରବରୀ ନିଜ ମାତା ଓ ମାତାମହୀଙ୍କ ଆଦେଶ କଥା ବୃଦ୍ଧ ବ୍ରାହ୍ମଣଙ୍କୁ ଜଣାଇବା ସହ ଥରେ ମାତ୍ର ତାଙ୍କ ଦର୍ଶନ ପାଇଁ ଅନୁମତି ମାଗିଥିଲେ। ତାହା ସହିତ ବ୍ରାହ୍ମଣଙ୍କର ନିଜର ପରିଚୟ ଜାଣିବାକୁ ଚାହିଁଲେ। ଏତିକି କଥାରେ ହସିଉଠିଲେ ବୃଦ୍ଧ ବ୍ରାହ୍ମଣ। ବରବରୀ ଦେଖିଲେ ଯେ ସମ୍ମୁଖରେ ଥିବା ସେ ବୃଦ୍ଧ ବ୍ରାହ୍ମଣ ଆଉ ନାହାନ୍ତି। ତାଙ୍କ ସ୍ଥାନରେ ଆବିର୍ଭୂତ ହୋଇଛନ୍ତି ଜଣେ ଦିବ୍ୟ ଦେବପୁରୁଷ। ତାଙ୍କ ଶ୍ୟାମଳ ବର୍ଣ୍ଣର ଦେହରେ ଦୋଳାୟିତ ହୋଇଥିଲା ବେକରୁ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ବିଭିନ୍ନ ରଙ୍ଗ ଫୁଲର ମାଳମାନ। ମସ୍ତକର କେଶ ଗଭାରେ ଖୋସାଥିବା ବାଙ୍କ ଶିଖଣ୍ଡ ଚୂଳ ଧିର ପବନରେ ଦୋହଲି ବେଶ୍ ସୁନ୍ଦର ଦେଖାଯାଉଥିଲା। କଟୀରେ ପିତାମ୍ବର, ଗୋଟିଏ ହାତରେ କମ୍ବୁ ଧରିଥିବା ବେଳେ ଅନ୍ୟ ହସ୍ତଟି ଅଭୟ ମୁଦ୍ରାରେ ଟେକି ରହିଥିଲା। ମସ୍ତକ ପଛରେ ଘୂରି ବୁଲୁଥିଲା ସହସ୍ର ଶକ୍ତିଶାଳୀ ସୁଦର୍ଶନ ଚକ୍ର। ଯାହାଙ୍କର ବିଚ୍ଛୁରିତ କିରଣରେ ଆଲୋକିତ ହେଉଥିଲା ସମସ୍ତ ଦିଗ। ଶ୍ରୀମୁଖରେ ଉକୁଟି ଉଠୁଥିଲା ମୃଦୁମନ୍ଦହାସ। ବରବରୀଙ୍କ ଚକ୍ଷୁଦ୍ୱୟ ବନ୍ଦ ହୋଇଗଲା। ପୁଣି ଚକ୍ଷୁ ଖୋଲି ଦେଖନ୍ତି ତ ସେହି ଅପୂର୍ବ ରୂପ। ତାଙ୍କ ମୁହଁରୁ ଆପେ ଆପେ ବାହାରି ଆସିଲା, "ହେ ମହାତ୍ମା ! ଆପଣ କିଏ ? ବୃଦ୍ଧ ବ୍ରାହ୍ମଣରୁ ଏ ଅପୂର୍ବ ରୂପ କେଉଁଥିପାଇଁ ? ଆପଣ କଣ ଜଣେ ମାୟାବୀ ?" ମାତ୍ର ଉତ୍ତର ମିଳିଲା ଯେ ତୁମ ମାତା ଓ ମାତାମହୀ ଯାହାଙ୍କୁ ପ୍ରଥମେ ଦେଖିବାକୁ କହିଥିଲେ ମୁଁ ହେଉଛି ସେହି ଦ୍ୱାରକାଧିପତି ଶ୍ରୀକୃଷ୍ଣ। ପାଣ୍ଡବକୁଳର ରକ୍ଷକ ତଥା ତୁମର ପିତାମହ। ଅଜାଣତରେ ହାତ ଯୋଡ଼ି ହୋଇଗଲା ବରବରୀଙ୍କର। ଚକ୍ଷୁରୁ ଲୋତକର ଧାର ବହିଚାଲିଲା। ବରବରୀ କହିଲେ ଯେ ଆପଣଙ୍କ କଥା ପିଲାବେଳରୁ ବହୁ ଶୁଣିଥିଲି ପିତାମହ ! ମାତ୍ର ଦେଖିନଥିଲି। ଯାହାଙ୍କୁ ପାଇବା ପାଇଁ ଯୋଗୀଜନମାନଙ୍କୁ ବର୍ଷ ବର୍ଷ ଧରି ସାଧନା କରିବାକୁ ପଡ଼ିଥାଏ ଆଜି ସେହି ରୂପକୁ ମୁଁ ଏହି ପବିତ୍ର ଗଙ୍ଗା ନଦୀକୂଳରେ ଦେଖିପାରିଲି। ମୁଁ ଧନ୍ୟ ହୋଇଗଲି। ତେବେ ଶିର ଦେବାର ସଂକଳ୍ପ ତ ମୁଁ ନିଶ୍ଚୟ ପାଳନ କରିବି। ମାତ୍ର ମହାଭାରତ ଯୁଦ୍ଧର ଶେଷ ଦିନ ପର୍ଯ୍ୟନ୍ତ ଛେଦିତ ଶିର ବଞ୍ଚି ରହି ମୋତେ ଅଠରଦିନ ଯୁଦ୍ଧ ଦେଖିବାର ବ୍ୟବସ୍ଥା କରିଦିଅନ୍ତୁ ପ୍ରଭୁ। ତଥାସ୍ତୁ କହି ଶ୍ରୀକୃଷ୍ଣ ନିରୁତ୍ତର ରହିଲେ। କ୍ଷଣକ ଭିତରେ ବରବରୀଙ୍କ ଶିରଚ୍ଛେଦନ ସୁଦର୍ଶନଚକ୍ରଦ୍ୱାରା ହୋଇଥିଲା। ମୁଣ୍ଡଟି ତଳକୁ ପଡ଼ିବା ପୂର୍ବରୁ ତାହା ଉଡ଼ିଯାଇ ପର୍ବତ ଉପରେ ଥିବା ଏକ ଶିଳା ସ୍ତମ୍ଭ ଉପରେ ରହିଗଲା। ସେହିଠାରୁ ହିଁ ବରବରୀ ଦେଖିଥିଲେ ଅଠର ଦିନର ଯୁଦ୍ଧ। ଏଥିରେ ପ୍ରଶମିତ ହୋଇଗଲା ସାଗରରେ ଉଠିଥିବା ଉତ୍ତାଳ ଢେଉମାଳ। ସ୍ତବ୍ଧ ହୋଇ ଯାଇଥିବା ସୃଷ୍ଟି ପୁଣି ହେଲା ଚଳଚଞ୍ଚଳ।

ଯୁଦ୍ଧର ଶେଷଦିନ ପାଣ୍ଡବମାନଙ୍କ ମଧ୍ୟରେ ଯୁକ୍ତି ହୋଇଥିଲା ଯେ ଏପରି ବିଜୟ ପାଇଁ କାହାକୁ ଶ୍ରେୟ ଦିଆଯିବ। ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ବଞ୍ଚିଥିବା ସମସ୍ତ ଯୋଦ୍ଧା ପାହାଡ଼ ଉପରେ ସ୍ଥାପିତ ବରବରୀଙ୍କ କଟା ମୁଣ୍ଡ ପାଖକୁ ଯାଇ ସେହି ପ୍ରଶ୍ନଟି ପଚାରିଥିଲେ। ସେଠାରୁ ଉତ୍ତର ମିଳିଥିଲା ଯେ କେବଳ ସୁଦର୍ଶନଚକ୍ରଙ୍କୁ ହିଁ ଏହି ଯୁଦ୍ଧର ବିଜୟ ପାଇଁ ଶ୍ରେୟ ଦିଆଯିବ। ମହାଶକ୍ତିଶାଳୀ ସୁଦର୍ଶନଚକ୍ର ଘୂରି ବୁଲି ଯୁଦ୍ଧରେ ସମସ୍ତ ବିନାଶ କେବଳ ଘଟାଉଥିଲେ। ବରବରୀଙ୍କ କଟାମୁଣ୍ଡକୁ ବହୁ ଆଶୀର୍ବାଦ ଦେଇ ରୂପବତୀ ନଦୀରେ ନିଜେ ଶ୍ରୀକୃଷ୍ଣ ଜଳସମାଧି କରାଇଥିଲେ। ସେହି ସ୍ଥାନଟି ଥିଲା ରାଜସ୍ଥାନ ସିକାର ଜିଲ୍ଲାର ଖାଟୁ ଗ୍ରାମ। ପ୍ରବାଦ ଅଛି ଥରେ ଗୋଟାଏ ଗାଇ ସମାଧି ସ୍ଥଳ ଉପରେ ଚରୁଥିବା ବେଳେ ତାହାର ପହ୍ନାରୁ ଅନବରତ କ୍ଷୀର ସେଠାରେ ବହି ଯାଉଥିଲା। ଏପରି ଚମତ୍କାର ଦେଖି ସ୍ଥାନୀୟ ଲୋକେ ସେହି ସ୍ଥାନକୁ ଖୋଳିବା ପରେ ପ୍ରସ୍ତରର ଏକ ମସ୍ତକ ମାଟିତଳୁ ବାହାରିଲା। ସେତେବେଳ ଖାଟୁର ରାଜା ରୂପସିଂହ ଚୌହାନ ଫାଲଗୁନ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମନ୍ଦିର ନିର୍ମାଣ କରି ପ୍ରସ୍ତର ନିର୍ମିତ ସେହି ମସ୍ତକଟିକୁ ସେଠାରେ ରଖି ପୂଜାର ବ୍ୟବସ୍ଥା କରାଇଥିଲେ। ଖ୍ରୀ.ଅ. ୧୦୨୭ରେ ବର୍ତ୍ତମାନର ଭବ୍ୟ ମନ୍ଦିର ତାଙ୍କରି ଶାସନ କାଳରେ ହିଁ ନିର୍ମାଣ ହୋଇଥିଲା। ରାଜା ରୂପସିଂହ ଚୌହାନ ଓ ତାଙ୍କର ମହାରାଣୀ ନର୍ମଦା କନୱାର ସ୍ୱପ୍ନାଦେଶରେ ଯେଉଁ ସ୍ଥାନ ଖୋଳାଇ ପ୍ରସ୍ତର ମସ୍ତକଟିକୁ ପାଇଥିଲେ ତାହା ଏବେ ଶ୍ୟାମକୁଣ୍ଡ ନାମରେ ପରିଚିତ। ଜୟପୁରଠାରୁ ୮୦କିଲୋମିଟର ଦୂର ଖାଟୁ ସହରରେ ଏହି ମନ୍ଦିର ରହିଛି। ଖ୍ରୀ.ଅ. ୧୭୨୦ରେ ମାରୱାର ଶାସକ ଦିୱାନ ଅଭୟ ସିଂହ ମୂଳ ମନ୍ଦିରକୁ ମରାମତି କରାଇଥିଲେ। ନିର୍ଦ୍ଦିଷ୍ଟ ମାରୱାର ସମ୍ପ୍ରଦାୟର କୁଳଦେବତା ଭାବେ ଖଟୁଶ୍ୟାମ ଦେଶରେ ସର୍ବତ୍ର ପୂଜିତ। ପୁଣି ସେ ସ୍ୱୟଂ ଶ୍ରୀକୃଷ୍ଣ ବୋଲି ତାଙ୍କ ଭକ୍ତମାନଙ୍କର ବିଶ୍ୱାସ ରହିଛି। ଉପର ଆଲୋଚ୍ୟ ମୂଳ ମନ୍ଦିର ପାଖରେ ରହିଛି ଗୋପୀନାଥ ଓ ଗୌରୀଶଙ୍କରଙ୍କର ମନ୍ଦିର ଦ୍ୱୟ। ଏହି ମନ୍ଦିର ସହ ପୂଜିତ ଶିବଲିଙ୍ଗକୁ ଭାଙ୍ଗିଦେବା ନିମନ୍ତେ ଆଉରଙ୍ଗଜେବ କେତେବାର ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ଏଠାରେ ପ୍ରତିବର୍ଷ ପାଳିତ ହୋଇଥାଏ ଫାଲ୍ଗୁନ ମେଳା। ଫଗୁଣ ମାସରେ ବାରରୁ ପନ୍ଦର ଦିନ ପର୍ଯ୍ୟନ୍ତ ଏହି ମେଳା ଲାଗିରହେ ଯାହାକି ଖାଟୁ ଅଞ୍ଚଳରେ ସବୁଠାରୁ ଥାଏ ଆକର୍ଷଣୀୟ। ଏହି ଦିନମାନଙ୍କରେ ଫଗୁ ଖେଳ ପାଇଁ ପ୍ରାୟ ପାଞ୍ଚଲକ୍ଷ ଲୋକଙ୍କର ସମାଗମ ସେଠାରେ ହୋଇଥାଏ। ଭଗବାନ ଶ୍ରୀକୃଷ୍ଣଙ୍କର ଲୀଳା ସମ୍ପର୍କୀୟ ସବୁ ପର୍ବ ମନ୍ଦିରରେ ପାଳନ କରାଯାଇଥାଏ। ଏକ ସାତଜଣିଆ ଟ୍ରଷ୍ଟ ବୋର୍ଡ଼ ଦ୍ୱାରା ମନ୍ଦିର ପ୍ରଶାସନ ପରିଚାଳିତ।

ଭକ୍ତମାନଙ୍କର ଦେଇଥିବା ନାମ

ଭକ୍ତମାନେ ତାଙ୍କୁ ନିମ୍ନୋକ୍ତ ନାମରେ ଡାକିଥାନ୍ତି।

(୧) ବର୍ବରୀକା- ତାଙ୍କ ମାତା ଓ ପିତାଙ୍କ ପ୍ରଦତ୍ତ ନାମ। ମାତ୍ର ଶ୍ରୀକୃଷ୍ଣ ତାଙ୍କୁ ଶ୍ୟାମ ନାମରେ ସଂବୋଧନ କରିଥିଲେ।

(୨) କାମରୁନାଗ- ବର୍ଷାର ଦେବତା। ହିମାଚଳ ପ୍ରଦେଶର ମଣ୍ଡି ଜିଲ୍ଲାରେ ଥିବା କାମରୁ ପର୍ବତ ନିକଟରେ ତାଙ୍କର ମନ୍ଦିର ଥିବାରୁ ଏହି ନାମରେ ସେ ନାମିତ। ସେଠାରୁ ଅଳ୍ପ କିଛି ଦୂରରେ ରହିଛି ତାଙ୍କ ମାତାମହୀ ହିଡୀମ୍ବାଙ୍କ ମନ୍ଦିର ଯିଏ କି ପ୍ରତ୍ୟେକ ହିମାଚଳବାସୀଙ୍କର ଆରାଧ୍ୟା ଦେବୀ।

(୩) ମୌରଭି ନନ୍ଦନ- ମାତାଙ୍କ ନାମ ମୌରଭି ଥିବାରୁ ସେ ଏପରି ନାମରେ ନାମିତ।

(୪) ଶୀଷକି ଦାନି- ଭଗବାନ ଶ୍ରୀକୃଷ୍ଣଙ୍କୁ ବିନା ଦ୍ୱିଧାରେ ନିଜ ମସ୍ତକ ଦାନ କରିଥିବାରୁ ତାଙ୍କର ରହିଛି ଏପରି ନାମ।

(୫) ତନିବାଣଧାରୀ- ଭଗବାନ ଶିବଙ୍କ ଠାରୁ ପ୍ରାପ୍ତ ତିନି ଶକ୍ତି ଯୁକ୍ତ ବାଣ।

(୬) ଲଖାଦତାରୀ- ଭକ୍ତମାନଙ୍କ ମନୋବାଂଛା ସେ ସର୍ବଦା ପୂରଣ କରିଥାନ୍ତି।

(୭) ଲୀଳାକାଅଶ୍ୱାର- ନୀଳ ରଙ୍ଗର ଘୋଡ଼ା ହେଉଛି ତାଙ୍କ ବାହନ।

(୮) ଖଟୁନରେଶ- ଖଟୁ ରାଜ୍ୟର ରାଜା।

(୯) କଳିଯୁଗକା ଅବତାର- କଳିଯୁଗର ଅବତାର

(୧୦) ଶ୍ୟାମ ପ୍ୟାରୀ- ସେ ପ୍ରତ୍ୟେକଙ୍କୁ ଭଲ ପାଇଥାନ୍ତି ଓ ସେହିଭଳି ଭକ୍ତମାନେ ବି।

(୧୧) ବଳୀୟଦେବ- ମହାଶକ୍ତିଶାଳୀ

(୧୨) ମୋରେଚଣ୍ଡିଧାରକ- ମୟୂର ପୁଚ୍ଛରେ ବନ୍ଧାଥିବା ବାଡ଼ି ସର୍ବଦା ହାତରେ ଧରିଥାନ୍ତି।

(୧୩) ଶ୍ୟାମ ବାବା- ସାଧାରଣରେ ଶ୍ରଦ୍ଧା ନାମ।

ତିନି ବାଣର ଗୁରୁତ୍ୱ:

ଏହାର ତତ୍ତ୍ୱ ହେଲା ଯେ ସତ୍ତ୍ୱ, ରଜ ଓ ତମୋଗୁଣ ଏହି ଶରୀର ସହ ସର୍ବଦା ଜଡ଼ିତ। ସତ୍ୱଗୁଣ ଥିବା ବ୍ୟକ୍ତି ସର୍ବଦା ବିଭୁକୃପା ପାଇଥାନ୍ତି। ବରବରୀଙ୍କର ପ୍ରଥମ ବାଣ ହିଁ ସେପରି ଲୋକମାନଙ୍କୁ ପ୍ରଥମେ ଚିହ୍ନଟ କରିଦେଇଥାଏ। ତା'ପର ଅନ୍ୟ ଦୁଇଟି ରଜ ଓ ତମୋଗୁଣର ବିନାଶ ନିମନ୍ତେ ଉଦ୍ଦିଷ୍ଟ। ମହାଭାରତ ମହାସମରରେ କେବଳ ବିନାଶକାରୀ ସୁଦର୍ଶନଙ୍କୁ ଦେଖିବା ହିଁ ଥିଲା ତାଙ୍କ ତପସ୍ୟା ତଥା ସାଧନାର ଶ୍ରେଷ୍ଠତ୍ୱ। ଯାହା ବଳରେ ସେ ଜାଣିପାରିଥିଲେ ଯେ ସେହି ଏକମାତ୍ର ମହାଶକ୍ତି ହିଁ ସମସ୍ତ କାରଣର କାରଣ। ତା'ପରେ ହୋଇଛି ତାଙ୍କର ମହାସମାଧି। ସାଧାରଣଙ୍କ ପକ୍ଷରେ ଯାହା ଅସମ୍ଭବ ତାହା ବରବରୀଙ୍କଠାରେ ଦେଖାଯାଇଥିଲା। ସେଥିପାଇଁ ସେ ପ୍ରଭୁଙ୍କର ପରମଭକ୍ତ ତଥା ତାଙ୍କ ଅଂଶ ଭାବରେ ସର୍ବତ୍ର ପୂଜିତ ହୋଇପାରିଲେ। ପୁଣି କ୍ଷତ୍ରିୟକୁଳ ମର୍ଯ୍ୟାଦା, ପାଣ୍ଡବ ବଂଶର ସ୍ୱାଭିମାନ ତଥା ଭଗବାନ ଶ୍ରୀକୃଷ୍ଣଙ୍କର ପରମଭକ୍ତ ଭାବରେ ନିଜର ଶିର ଛେଦନ କରି ସେ ଯେଉଁ ଆଦର୍ଶ ସ୍ଥାପନ କରିଗଲେ ତାହା ଅନନ୍ୟ। ତେଣୁ ପ୍ରଭୁଙ୍କ ଆଶୀର୍ବାଦ ନେଇ ଶ୍ୟାମ ରୂପରେ ତାଙ୍କର ପୂଜା ହେବା ଯଥାର୍ଥ। ଓଡ଼ିଶାରେ ପ୍ରଚଳିତ ସାରଳା ଦାସଙ୍କ ମହାଭାରତରେ ବର୍ବରୀଙ୍କୁ ବେଲାଲସେନ ନାମରେ ପରିଚିତ କରାଯାଇଛି।

# କାନ୍ତକବିଙ୍କ ଦେହାନ୍ତରେ ବିଧାନସଭାର ଶୋକ



ପ୍ରଭୁକଲ୍ୟାଣ ମହାପାତ୍ର
ମୋ : ୯୯୩୭୭୧୧୩୮୯

ସେ ସଶରୀରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ କିମ୍ବା ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ନ ଥିଲେ ସୁଦ୍ଧା ସେହି ଦୁଇଟି ଲଢ଼େଇର 'ଆତ୍ମା' ଥିଲେ । ସେହି ପୁଣ୍ୟାତ୍ମା ଜଣକ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇ ଆଦ୍ୟ ଯୌବନରୁ ଶଯ୍ୟାଶାୟୀ ହୋଇ ଯାଇଥିଲେ ମଧ୍ୟ ଅଗ୍ନିବର୍ଷୀ ଲେଖା ଓ ଜ୍ୱାଳାମୟୀ ଦେଶାତ୍ମବୋଧକ ସଂଗୀତ ମାଧ୍ୟମରେ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଉଗ୍ର ଉତ୍କଳୀୟ ଚେତନା ଜାଗ୍ରତ କରିଥିଲେ । ସେଇ ମହାନୁଭବ ଜଣକ ବିଧାନସଭା କିମ୍ବା ପାର୍ଲାମେଣ୍ଟର ସଭ୍ୟ ହୋଇନଥିଲେ ହେଁ ତାଙ୍କ ପରଲୋକ ଘଟିବାର ସପ୍ତାହନ୍ତେ ଓଡ଼ିଶା ବିଧାନସଭାରେ ଶୋକ ପ୍ରସ୍ତାବ ଆଗତ ହୋଇଥିଲା । ସେହି ବରପୁତ୍ର ଜଣକ ହେଉଛନ୍ତି – ବିଶିଷ୍ଟ ସାହିତ୍ୟିକ, ସଙ୍ଗୀତଜ୍ଞ, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ସମାଜ ସଂସ୍କାରକ ତଥା ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଲକ୍ଷ୍ମୀକାନ୍ତଙ୍କୁ ରାଜ୍ୟବାସୀ କେବଳ ଜଣେ ପ୍ରଥିତଯଶା କବି ଭାବରେ ହିଁ ଜାଣିଛନ୍ତି । ମାତ୍ର ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନ ଏବଂ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ ତାଙ୍କର ଏବଂ ତାଙ୍କ ପରିବାରର ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆବଶ୍ୟକ ପ୍ରଚାର ପ୍ରସାର ଅଭାବରୁ ସାଧାରଣ ଜନତା ବିଶେଷ ଭାବରେ ଅବଗତ ହୋଇପାରି ନାହାନ୍ତି । କେବଳ ଏତିକି ଉଲ୍ଲେଖ ଯଥେଷ୍ଟ ମନେ ହୁଏ, କାନ୍ତକବିଙ୍କ ପରିବାରର ଲଗାତର ତିନି ପିଢ଼ିର ବିପୁଳ ସଂଖ୍ୟକ ସଭ୍ୟ ଜାତୀୟ ଆନ୍ଦୋଳନରେ ଝାସ ଦେଇ ମୃତ୍ୟୁ ଓ କାରାବରଣ କରିଥିଲେ ଯାହାକି ସମଗ୍ର ଦେଶରେ ଅତୁଳନୀୟ । ସେହିପରି କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' କାଳଜୟୀ ଦେଶାତ୍ମବୋଧକ ସଙ୍ଗୀତ କୋଟି କୋଟି ଓଡ଼ିଆଙ୍କ ହୃଦୟରେ ଦୀର୍ଘ ୨୪ ବର୍ଷ ଧରି ଉଗ୍ର ଉତ୍କଳୀୟ ଜାତୀୟତା ସୃଷ୍ଟି କରିବା ଫଳରେ ୧୯୩୬ ଏପ୍ରିଲ ପହିଲାରେ ଆମେ ଦେଶର ପ୍ରଥମ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ହାସଲ କରିପାରିଲେ । କାରଣ ୧୯୧୨ ମସିହାରେ ହିଁ ଏହି ସଙ୍ଗୀତଟି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନକୁ ତେଜିଥିବା ଉତ୍କଳ ସମ୍ମିଳନୀର ଆବାହନୀ ସଙ୍ଗୀତ ରୂପେ ଗ୍ରହଣ କରାଯାଇଥିଲା ।

ଏହି ମହାମନିଷୀଙ୍କ ସ୍ମୃତି ପ୍ରତି ସମ୍ମାନ ପ୍ରଦର୍ଶନ କରି ଓଡ଼ିଶା ବିଧାନସଭା ତାଙ୍କ ବିୟୋଗର ସପ୍ତାହନ୍ତେ ଅର୍ଥାତ୍ ୧୯୫୩ ମାର୍ଚ୍ଚ ୨ ତାରିଖରେ ଗୃହରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲା । ସେଥିରେ ତଦାନିନ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ, ବିରୋଧୀ ଦଳ ନେତା ଶ୍ରଦ୍ଧାକର ସୁପକାର, ବାଚସ୍ପତି ନନ୍ଦ କିଶୋର ଦାସ ଭାଗ ନେଇ ଅମର ଆତ୍ମାଙ୍କ ଉଦ୍ଦେଶ୍ୟରେ ଗଭୀର ଶୋକାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ସେହି ଶୋକ ପ୍ରସ୍ତାବ ଆଗତ କରି ଉଲ୍ଲେଖ କରିଥିଲେ ,'ଯେହେତୁ କାନ୍ତକବି ସାରା ଓଡ଼ିଶାରେ ସୁପରିଚିତ, ତାଙ୍କ ବିଷୟରେ ମୁଁ ବା ଅଧିକ କ'ଣ କହିବି ? ଏ କଥା ସମସ୍ତେ ଜାଣନ୍ତି ଯେ, ସେ ବହୁଦିନ ଧରି ରୋଗଶଯ୍ୟାରେ ପଡ଼ିଥିଲେ । ତାଙ୍କ ଦେହାନ୍ତରେ ଦୁଃଖ ପ୍ରକାଶ କରିବା ଲାଗି



ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ।'' ସେହିପରି ବିରୋଧୀ ଦଳ ନେତା ଶ୍ରଦ୍ଧାକର ସୂପକାର ଦର୍ଶାଇଥିଲେ 'ଲକ୍ଷ୍ମୀକାନ୍ତ ମହାପାତ୍ର ତାଙ୍କର କବିତା, ଲେଖା ବିଶେଷତଃ ହାସ୍ୟରସ ମାଧ୍ୟମରେ 'ଡଗର' ଓ ଅନ୍ୟାନ୍ୟ ପତ୍ରିକା ସାହାଯ୍ୟରେ ଓଡ଼ିଆ ସାହିତ୍ୟର ସେବା କରି ଆସିଛନ୍ତି । ସେହି ସେବା ବାସ୍ତବିକ ଆମ ଦେଶ ଭୁଲି ପାରିବ ନାହିଁ । ସେ ଯଦିଓ ତାଙ୍କର ଦୈହିକ ଜୀବନରୁ ମୁକ୍ତି ଲାଭ କରିଛନ୍ତି, ତଥାପି ସାହିତ୍ୟିକ ଜଗତରେ ସେ ଚିରଦିନ ଅମର ହୋଇ ରହିବେ । ତାଙ୍କ ମୃତ୍ୟୁରେ କେବଳ ଯେ, ସାହିତ୍ୟ କ୍ଷେତ୍ରରେ ଅପୂରଣୀୟ କ୍ଷତି ଘଟିଛି ତା' ନୁହେଁ, ବରଂ ସାହିତ୍ୟ ଜରିଆରେ ଦେଶର ସାଧାରଣ ମଣିଷ ଚରିତ୍ର, ରାଜନୀତି କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ବ୍ୟଙ୍ଗ ସାହିତ୍ୟ ଜରିଆରେ ସେ ଯେଭଳି ଓଡ଼ିଆ ସାହିତ୍ୟର ସମୃଦ୍ଧି ସାଧନ ଲାଗି ଚେଷ୍ଟା କରିଥିଲେ, ସେହିପରି ଲୋକ ଆମ ଓଡ଼ିଶାରେ ଆଉ ନାହାନ୍ତି । ତେଣୁ ତାଙ୍କ ଦେହାବସାନରେ କେବଳ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନୁହେଁ, ସାଧାରଣ କ୍ଷେତ୍ରରେ ମଧ୍ୟ ଗୋଟିଏ ଅପୂରଣୀୟ କ୍ଷତି ଘଟିଛି ।'' ଅନ୍ୟପକ୍ଷରେ ବାଚସ୍ପତି ନନ୍ଦ କିଶୋର ଦାସ ଜଣାଇଥିଲେ ଯେ, 'କାନ୍ତକବିଙ୍କ କଥା ମୁଁ ବା ଅଧିକ କ'ଣ କହିବି ? ମୁଁ ତାଙ୍କ ବ୍ୟକ୍ତିଗତ ସମ୍ପର୍କରେ ଆସିଛି । ତାଙ୍କର ପ୍ରଧାନ କବିତାଗୁଚ୍ଛ 'ଜୀବନ ସଂଗୀତ' ପୁସ୍ତକ ଆକାରରେ ୧୯୩୧ ମସିହାରେ ଛପା ହୋଇଥିଲା । ମୋର ସେତେବେଳେ ପାରିବାରିକ ଅବସ୍ଥା ଯାହା, ସେହି ଦୃଷ୍ଟିରୁ ସେ ମୋତେ କହୁଥିଲେ – ତୁମକୁ ଲକ୍ଷ୍ୟ କରି ଏହି କବିତା ଲେଖାଯାଇଛି । ତାଙ୍କର ସରସ କବିତା ପରି ମୁଁ ଆଉ ଅନ୍ୟତ୍ର ଦେଖୁ ନାହିଁ । ତାଙ୍କର ଅଭାବ ଯେ, ଓଡ଼ିଆ ଭାଷାରେ ଅପୂର୍ଣ୍ଣ ରହିବ, ସେଥିରେ ତିଳେମାତ୍ର ସନ୍ଦେହ ନାହିଁ । ବର୍ତ୍ତମାନ ମୁଁ ଆଶା କରୁଛି, ଆମର ଆସେମ୍ବ୍ଲି ସଭ୍ୟମାନେ ମିନିଟିଏ କାଳ ଦଣ୍ଡାୟମାନ ହୋଇ ଅମର ଆତ୍ମା ପ୍ରତି ଶ୍ରଦ୍ଧା ଜଣାଇବେ ।'' ଦେଶ ଏବଂ ରାଜ୍ୟ ପାଇଁ ଜୀବନକୁ ତିଳ ତିଳ କରି ଆହୁତି ଦେଇଥିବା କାନ୍ତକବିଙ୍କ ସ୍ମୃତିରକ୍ଷା ଲାଗି ଆମ ସମାଜ କିମ୍ବା ସରକାର କିନ୍ତୁ ଅଦ୍ୟାବଧି ସମୁଚିତ ଧ୍ୟାନ ଦେଇ ନାହାନ୍ତି । ସେଥି ଯୋଗୁଁ ରାଜଧାନୀର ଗୋଟିଏ ପ୍ରମୁଖ ଅଞ୍ଚଳ, ଉଦ୍ୟାନ ଓ ରାଜମାର୍ଗକୁ କାନ୍ତକବିଙ୍କ ନାମରେ ନାମିତ କରିବା ଲାଗି ଅନେକ ସଂଭ୍ରାନ୍ତ ଅନୁଷ୍ଠାନ ସହିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦାବି ଦୀର୍ଘ ୨୫ ବର୍ଷ ଧରି ଅପୂରଣୀୟ ହୋଇ ରହିଛି। ସେହିପରି ଆକାଶବାଣୀ ଓ ଦୂରଦର୍ଶନରେ ପ୍ରତ୍ୟହ ଭୋର ସମୟରେ କାନ୍ତ ସଙ୍ଗୀତ ପରିବେଷଣ, ରାଜଧାନୀରେ ବହୁମୁଖୀ କଲ୍ୟାଣମଣ୍ଡପ ସୁବିଧା ବିଶିଷ୍ଟ 'କାନ୍ତକବି ଭବନ' ନିର୍ମାଣ ଭଳି ଦାବି ପ୍ରତି ମଧ୍ୟ ଆଜି ସୁଦ୍ଧା ସାମାନ୍ୟତମ ଦୃଷ୍ଟି ଦିଆଯାଇ ନାହିଁ । ଏତଦ୍‌ଭିନ୍ନ ବରପୁତ୍ର ଐତିହ୍ୟ ଗ୍ରାମ ପ୍ରକଳ୍ପରେ କାନ୍ତକବିଙ୍କ ନିଜ ଗ୍ରାମ ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ତାଳପଦାସ୍ଥିତ ଆବାସସ୍ଥଳୀର ସଂରକ୍ଷଣ କିମ୍ବା ଉନ୍ନତିକରଣ କାର୍ଯ୍ୟ ଅଧିଗ୍ରହଣ ସତ୍ତ୍ୱେ ତାହା ବିଗତ ଦୁଇବର୍ଷ ଧରି ଆରମ୍ଭ ହୋଇପାରି ନାହିଁ । ଅନ୍ୟ ପକ୍ଷରେ ଭଦ୍ରକ ସହର ସମୀପବର୍ତ୍ତୀ କୋରକୋରା ଠାରେ ନିର୍ମାଣଧୀନ 'କାନ୍ତକବି ସ୍ମାରକୀ ପୀଠ' କାର୍ଯ୍ୟ ମଧ୍ୟ ବିଭିନ୍ନ କାରଣରୁ ଗତ ୫ ବର୍ଷ ଧରି ଅହେତୁକ ମନ୍ଥର ଗତିରେ ଚାଲିଛି । ତେଣୁ ଭଦ୍ରକ ଜିଲ୍ଲାରେ ଏକମାତ୍ର ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ହାସଲ ସମ୍ଭାବନା ଥିବା 'କାନ୍ତକବି ସ୍ମାରକୀ ପୀଠ'ର ବାସ୍ତବ ରୂପାୟନ ଅଚିରେ ଘଟିବା ନେଇ ଗଭୀର ସଂଶୟ ଉପୁଜିଛି । କାରଣ କୋରକୋରା ଠାରେ ଅବସ୍ଥିତ ଶହେ ଏକରରୁ ଊର୍ଦ୍ଧ୍ୱ ପରିମିତ ପ୍ରାକୃତିକ ଜଳାଶୟର ଉନ୍ନତିକରଣ ମାଧ୍ୟମରେ ତହିଁରେ ଜଳକ୍ରୀଡ଼ା, ନୌ- ଚାଳନା, ବୋଟ ହାଉସ, ଇକୋରିଟ୍ରିଟ ଭଳି ବ୍ୟବସ୍ଥା କରାଗଲେ, କାନ୍ତକବି

ସ୍ମାରକୀପୀଠ ସଂଲଗ୍ନ ଏହି ପ୍ରକଳ୍ପଟି ବିଶ୍ୱସ୍ତରୀୟ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜି ପାରିବ । କାନ୍ତକବିଙ୍କ ଶ୍ରଦ୍ଧା ବାର୍ଷିକୀରେ ସେହି ପ୍ରଣମ୍ୟ ଦେଶଭକ୍ତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅନ୍ତରର ଗଭୀରତମ ପ୍ରଦେଶରୁ ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ଋତୁ ପରିବର୍ତ୍ତନ ସହ ବଢୁଛି ଶ୍ୱାସକ୍ରିୟା ସଂକ୍ରମଣ ଜାଣନ୍ତୁ କେଉଁମାନେ ସାବଧାନ ରହିବା ଜରୁରୀ?



ଥଣ୍ଡାଦିନେ ଶ୍ୱାସନଳୀରେ ଭାଇରସ୍ ଅଧିକ ସମୟ ଯାଏ ଜୀବିତ ରହିବା ସହ ବଢିଥାନ୍ତି ମଧ୍ୟ। ଥଣ୍ଡା ଯୋଗୁ ଗୋଟିଏ ଘରେ ଏକାସାଙ୍ଗରେ ଅନେକ ଲୋକ ଦୀର୍ଘ ସମୟ ରହିଥାନ୍ତି । ଫଳରେ ସଂକ୍ରମଣ ବଢି ଚଲେ ।
ଋତୁ ପରିବର୍ତ୍ତନ ହେବା ସହ କାଶ-ଥଣ୍ଡା ଓ ଶ୍ୱାସକ୍ରିୟା ଜନିତ ସଂକ୍ରମଣ ଆଜିକାଲି ବଢିଚାଲିଛି। ଶୀତଦିନେ ଆମର ରୋଗ ପ୍ରତିରୋଧକ ଶକ୍ତି ପ୍ରାୟତଃ କମ୍ ରହିଥାଏ । ଥଣ୍ଡା ପବନ ଓ ଶୁଷ୍କତା ଆମ ଶ୍ୱାସନଳୀର ଆର୍ଦ୍ରତାକୁ ନଷ୍ଟ କରିଦେଇଥାଏ । ବିଶେଷକରି ଆମର ବାୟୁମାର୍ଗରେ ଏକ ସୁରକ୍ଷାତ୍ମକ ତରଳ ପଦାର୍ଥ ରହିଥାଏ, ଯାହା ଭାଇରସ୍ ଓ ବ୍ୟାକ୍ଟେରିଆକୁ ରୋକିବା ସହ ବାହାରକୁ ବାହାର କରି ଦେଇଥାଏ । କିନ୍ତୁ ଶୀତଦିନେ ବିଶେଷକରି ହିଟର୍ ଓ ବ୍ଲୋୟାର୍ ବ୍ୟବହାର ଯୋଗୁ ଏହି ସୁରକ୍ଷାତ୍ମକ ବ୍ୟାରିଗେଟ୍ ଶୁଷ୍କ ହୋଇପଡିଥାଏ । ଫଳରେ ବ୍ୟାକ୍ଟେରିଆ ଓ ଭାଇରସ୍ ଭିତରକୁ ଯିବା ସହ ଶ୍ୱାସନଳୀରେ ଦୀର୍ଘ ସମୟ ଯାଏ ରହିଥାନ୍ତି । ତେଣୁ ସଂକ୍ରମଣର ଆଶଙ୍କା ବଢିଚାଲେ । ଏହାବ୍ୟତୀତ ଥଣ୍ଡାଦିନେ ଶ୍ୱାସନଳୀରେ ଭାଇରସ୍ ଅଧିକ ସମୟ ଯାଏ ଜୀବିତ ରହିବା ସହ ବଢିଥାନ୍ତି ମଧ୍ୟ । ଥଣ୍ଡା ଯୋଗୁ ଗୋଟିଏ ଘରେ ଏକାସାଙ୍ଗରେ ଅନେକ ଲୋକ ଦୀର୍ଘ ସମୟ ରହିଥାନ୍ତି । ଫଳରେ ସଂକ୍ରମଣ ବଢି ଚଲେ । ଋତୁ ପରିବର୍ତ୍ତନର ପ୍ରଭାବ ସମସ୍ତଙ୍କୁ ପ୍ରଭାବିତ କରି ନଥାଏ। କିଛି ଲୋକ ବିଶେଷକରି ଅଧିକ ସତର୍କ ରହିବା ଜରୁରି । ଯେପରିକିଙ୍କ ୧୦ରୁ କମ୍ ବୟସର ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତ ସମ୍ପୂର୍ଣ୍ଣ ବିକଶିତ ହୋଇ ନଥାଏ । ସେହିପରି ୬୫ ବର୍ଷରୁ ଅଧିକ ବୟସଙ୍କ ରୋଗ ପ୍ରତିରୋଧକ ଶକ୍ତି ଦୁର୍ବଳ ହୋଇପଡିଥାଏ । ଏହାବ୍ୟତୀତ ମଧୁମେହ ଓ ହୃଦ୍ରୋଗୀଙ୍କୁ ମଧ୍ୟ ସମସ୍ୟା ହୋଇପାରେ ଶ୍ୱାସରୋଗୀଙ୍କ ପାଇଁ ମଧ୍ୟ ଏହି ସାଧାରଣ ସଂକ୍ରମଣ ଖୁବ୍ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଋତୁ ପରିବର୍ତ୍ତନ ସମୟରେ ଶରୀରରେ ଦେଖା ଦେଉଥିବା ସଙ୍କେତକୁ ଅଣଦେଖା କରନ୍ତୁନି । ଲଗାତାର କାଶ-ଛିଙ୍କ୍ ହେଉଥିଲେ କିମ୍ବା ଶ୍ୱାସ ନେବାରେ ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ । ସାମାନ୍ୟ ସାବଧାନ ରହିଲେ ଫୁସଫୁସକୁ ସୁରକ୍ଷିତ ରଖିପାରିବେ । ଶରୀରକୁ ଜଳଶୁଷ୍କ କରନ୍ତୁନି । ଶ୍ୱାସନଳୀରେ ଆର୍ଦ୍ରତା ବଜାୟ ରହିବ । ବୟସ ଓ ଅନ୍ୟାନ୍ୟ ରୋଗ ଥିବା ଲୋକମାନଙ୍କୁ ଇନଫ୍ଲୁଏଞ୍ଜା ଟୀକା ନିଶ୍ଚୟ ଲଗାନ୍ତୁ । ଥଣ୍ଡା ଦିନେ ବାହାରକୁ ବାହାରିବା ସମୟରେ ଗରମ ପୋଷାକ ନିଶ୍ଚୟ ପିନ୍ଧନ୍ତୁ।

# ଭୁଲରେ ମଧ୍ୟ ଏହିସବୁ ସ୍ଥାନରେ ଫୋନରେ କଥା ହୁଅନ୍ତୁ ନାହିଁ, ନହେଲେ ଭୋଗିବେ

ସ୍ମାର୍ଟଫୋନ୍ ଏବେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ପାଲଟିଗଲାଣି । ଛୋଟ ଛୁଆଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ମୋବାଇଲ ଧରୁଛନ୍ତି । ଲୋକଙ୍କର ଏଭଳି ଅଭ୍ୟାସ ହୋଇଗଲାଣି କି, ମୋବାଇଲ ଛାଡ଼ି ରହିବା ମଧ୍ୟ କଷ୍ଟ ହୋଇଯାଉଛି । ଆମେ ପାର୍କରୁ ଆରମ୍ଭ କରି କାଫେ ସବୁସ୍ଥାନରେ ମୋବାଇଲର ବ୍ୟବହାର କରିଥାଉ ।
ନୂଆଦିଲ୍ଲୀ, ସ୍ମାର୍ଟଫୋନ୍ ଏବେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ପାଲଟିଗଲାଣି । ଛୋଟ ଛୁଆଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତେ ମୋବାଇଲ ଧରୁଛନ୍ତି । ଲୋକଙ୍କର ଏଭଳି ଅଭ୍ୟାସ ହୋଇଗଲାଣି କି, ମୋବାଇଲ ଛାଡ଼ି ରହିବା ମଧ୍ୟ କଷ୍ଟ ହୋଇଯାଉଛି । ଆମେ ପାର୍କରୁ ଆରମ୍ଭ କରି କାଫେ ସବୁସ୍ଥାନରେ ମୋବାଇଲର ବ୍ୟବହାର କରିଥାଉ । ଏମିତିକି ଅନେକ ସମୟରେ ଆପଣ ଲକ୍ଷ କରିଥିବେ କି, ଗୋଟିଏ ଘରେ ପରିବାର ସମସ୍ତ ସଦସ୍ୟ ବସିଥିବେ କିନ୍ତୁ ଯିଏ ଯାହା ମୋବାଇଲରେ ବ୍ୟସ୍ତ ରହିଥିବେ । ତେବେ ଆସନ୍ତୁ ଆମର ଏହି ଆଲେଖ୍ୟ ମାଧ୍ୟମରେ ଜାଣିବା କି, କେଉଁ ସବୁ ସ୍ଥାନରେ ମୋବାଇଲ କଥା ହେବା ଅନୁଚିତ୍ । ଆପଣ ଯେତେବେଳେ ମେଡିକାଲରେ ଥିବେ ରୋଗୀ ଟିକେ ଶାନ୍ତିରେ ରେଷ୍ଟ ନେଉଥିବେ । ଯଦି ସେତେବେଳେ ଆପଣଙ୍କ ପାଖ ଲୋକ ଫୋନରେ ଜୋରରେ କଥା ହୁଏ ଆପଣଙ୍କୁ ବିରକ୍ତ ଲାଗିବା ସ୍ୱାଭାବିକ । କେବଳ ଏତିକି ନୁହେଁ ଏଫଡିଏ ଅନୁସାରେ ଫୋନରୁ ବାହାରୁଥିବା ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ ଇଣ୍ଟରଫେରେନ୍ସ (ଇଏମଆଇ) ଏବଂ ଆରଏଫ ରହିଥାଏ । ଯାହାକି ଅନେକ କ୍ଷତି କରିଥାଏ । ଏଣୁ ମେଡିକାଲ ବେଡରେ ଫୋନରେ ଗପିବା ଅଭ୍ୟାସକୁ ଛାଡ଼ନ୍ତୁ । ଆମେ ସାଧାରଣତଃ ରାସ୍ତାରେ ଚାଲୁଥିବା ସମୟରେ ଫୋନରେ ଗପି ଗପି ଯାଉଥାଉ । କୁହାଯାଏ କି, ଏହା ଏକ ଖରାପ ଅଭ୍ୟାସ । ଆପଣ ଯେତେବେଳେ ଚାଲିଚାଲି ଫୋନରେ କଥା ହୋଇ ଯାଉଛନ୍ତି ସେତେବେଳେ ଆପଣଙ୍କ ଧ୍ୟାନ ମୋବାଇଲରେ ରହିଥାଏ ଆଉ ଆପଣଙ୍କ ଗୋପନୀୟତା ନଷ୍ଟ ହୋଇଥାଏ । ଆପଣ ଫୋନରେ ଯାହା କଥା ହୁଅନ୍ତି ପାଖ ଲୋକେ ମଧ୍ୟ ଶୁଣିଥାନ୍ତି । ଯାହାଦ୍ୱାରା ଆପଣଙ୍କ ସବୁକଥା ଅନ୍ୟମାନେ ଶୁଣିଦିଅନ୍ତି । ଏହାସହ ଗପି ଗପି ଯିବା ସମୟରେ ରାସ୍ତାରୁ ଚୋରି ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥାଏ । ବିମାନରେ ଯାତ୍ରା କରିବା ସମୟରେ କୁହାଯାଏ କି, ମୋବାଇଲକୁ ଏରୋପ୍ଲେନ୍ ମୋଡ କରିବା ପାଇଁ । କିନ୍ତୁ ଅନେକ ଲୋକ ଏହାକୁ ମାନନ୍ତି ନାହିଁ । ଫୋନରେ ଯଦି କଥା ହୁଅନ୍ତି ପାଖ ଲୋକ ବିରକ୍ତ ହେବା ସହପାଇଲଟମାନେ ଭୂମି ନିୟନ୍ତ୍ରଣ ସହିତ ଯୋଗାଯୋଗ କରିବା ପାଇଁ, ଜରୁରୀକାଳୀନ ପରିସ୍ଥିତିରେ ପ୍ରତିକ୍ରିୟା ଦେବା ପାଇଁ କିମ୍ବା ଅବତରଣ ପାଇଁ ସଠିକ୍ ଉଚ୍ଚତା ବିଷୟରେ ତଥ୍ୟ ପାଇବା ପାଇଁ ଆବଶ୍ୟକ କରୁଥିବା ରେଡିଓ ସିଗନାଲଗୁଡ଼ିକରେ ଫୋନ୍ ବାଧା ସୃଷ୍ଟି କରିପାରେ ।ଛୋଟ ଏକ ଭୁଲ୍ ପାଇଁ ବଡ଼ ଅଘଟଣ ମଧ୍ୟ ଘଟିଯାଇପାରେ । ଏଣୁ ଏଥିପ୍ରତି ଧ୍ୟାନଦେବା ଉଚିତ୍ ।
ସାଧାରଣତଃ ଅନେକ ସମୟରେ ସେଲୁନରେ ଥିବା ସମୟରେ ଆପେ ଫେସିଆଲ ସମୟରେ ଫୋନକୁ ଲାଉଡ ସ୍ପିକର ଦେଇ ଗପିଥାଉ । ଏହାଦ୍ୱାରା ଗୋପନୀୟତା ନଷ୍ଟ ହେବା ସହ ସେଲୁନରେ ପାଣି ମାରୁଥିବା ସମୟରେ ମୋବାଇଲରେ ପଶି ଖରାପ ହେବାର ସମ୍ଭାବନା ମଧ୍ୟ ଅଧିକ ରହିଥାଏ । ଏହାସହ ଗାଡ଼ିଚଲାଉଥିବା ସମୟରେ ଅନେକ ଲୋକ ମୋବାଇଲରେ କଥା ହୋଇଥାନ୍ତି । ଯାହାଦ୍ୱାରା ଦୁର୍ଘଟଣା ହେବାର ସମ୍ଭାବନା ଅଧିକ ରହିଥାଏ । ଏଣୁ ଏଭଳି ଅଭ୍ୟାସଠାରୁ ଦୂରେଇ ରହିବାକୁ ପ୍ରୟାସ କରନ୍ତୁ ।

# ଈଶ୍ୱରଙ୍କ ଶ୍ରେଷ୍ଠ କୃତି: ମାନବ ଶରୀର

ଅକ୍ଷୟ ପାଦ: ଗାଡ଼ିର ଟାୟାର ଚାଲିଲେ ଘଷି ହୋଇଯାଏ, କିନ୍ତୁ ଈଶ୍ୱରଙ୍କ କୃପାରୁ ଆମ ପାଦ ଜୀବନସାରା ଦୌଡ଼ିଲେ ବି ନୂଆ ପରି ସବଳ ରହେ। ଅଦ୍ଭୁତ ଗଠନ: ଶରୀର ୭୫% ପାଣିରେ ଗଠିତ ଏବଂ ଲକ୍ଷ ଲକ୍ଷ ଚର୍ମ ରନ୍ଧ୍ର ଥାଇ ମଧ୍ୟ ଏହା କେବେ 'ଲିକ୍' ହୁଏ ନାହିଁ। ସନ୍ତୁଳନର ଯାଦୁ: କୌଣସି ନିର୍ଜୀବ ବସ୍ତୁ ଆଧାର ବିନା ଠିଆ ହୋଇପାରେ ନାହିଁ, ହେଲେ ଏହି ଶରୀର ନିଜକୁ ଅତି ସୁନ୍ଦର ଭାବେ ସନ୍ତୁଳିତ କରି ରଖେ। ଅବିଶ୍ରାନ୍ତ ହୃଦୟ: କୌଣସି ବ୍ୟାଟେରୀ ବା ଚାର୍ଜ ବିନା ହୃଦୟ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିନା ବିଶ୍ରାମରେ ସ୍ପନ୍ଦିତ ହୋଇଚାଲେ। ଅନବରତ ରକ୍ତ ପ୍ରବାହ: ଦୁନିଆର ସବୁଠୁ ଶକ୍ତିଶାଳୀ ପମ୍ପ ମଧ୍ୟ ବନ୍ଦ ହୋଇପାରେ, କିନ୍ତୁ ରକ୍ତ ସାରା ଜୀବନ ବିରାମ ନ ନେଇ ଶରୀରରେ ବହିଚାଲେ। ଅଲୌକିକ ଦୃଷ୍ଟି: ସବୁଠୁ ମହଙ୍ଗା କ୍ୟାମେରାର ବି ସୀମା ଅଛି, କିନ୍ତୁ ଆମ ଆଖି କୋଟି କୋଟି ରଙ୍ଗ ଓ ଦୃଶ୍ୟକୁ ସ୍ପଷ୍ଟ ଭାବେ ଧରିପାରେ। ସ୍ୱାଦର ପରଖ: କୌଣସି ଲ୍ୟାବ୍ ଯାହା କରିପାରିବ ନାହିଁ, ଆମ ଜିଭ ମାତ୍ର କେଇ ସେକେଣ୍ଡରେ ହଜାର ହଜାର ସ୍ୱାଦ ବାରିପାରେ। ସୂକ୍ଷ୍ମ ଅନୁଭୂତି: ସବୁଠୁ ଉନ୍ନତ ସେନ୍ସର ମଧ୍ୟ ସୀମିତ, କିନ୍ତୁ ଆମ ଚର୍ମ ସାମାନ୍ୟ ସ୍ପର୍ଶ ଓ ସମ୍ବେଦନାକୁ ତୁରନ୍ତ ଅନୁଭବ କରିପାରେ। ସ୍ୱରର ମୂର୍ଚ୍ଛନା: କୌଣସି ଯନ୍ତ୍ର ପ୍ରତ୍ୟେକ ଧ୍ୱନି ଉତ୍ପନ୍ନ କରିପାରେ ନାହିଁ, କିନ୍ତୁ ଆମ କଣ୍ଠରୁ ଅସଂଖ୍ୟ ଭାବ ଓ ଫ୍ରିକ୍ୱେନ୍ସିର ସ୍ୱର ସୃଷ୍ଟି ହୁଏ। ଶ୍ରବଣ ଶକ୍ତି: କାନ କେବଳ ଶବ୍ଦ ଶୁଣେ ନାହିଁ, ବରଂ ପ୍ରତ୍ୟେକ ସୂକ୍ଷ୍ମ ଧ୍ୱନିକୁ ଡିକୋଡ୍ କରି ତା'ର ଅର୍ଥ ବୁଝିବାରେ ସକ୍ଷମ। ସାରାଂଶ : ଈଶ୍ୱର ଆମକୁ ଯେଉଁ ଅମୂଲ୍ୟ ଉପହାର ଦେଇଛନ୍ତି, ସେଥିପାଇଁ ତାଙ୍କୁ କୋଟି କୋଟି ଧନ୍ୟବାଦ। ଆଜି ସକାଳେ ଆମର ଜାଗ୍ରତ ହେବା ହିଁ ସବୁଠୁ ବଡ଼ ଚମତ୍କାର। କୃତଜ୍ଞ ହୁଅନ୍ତୁ, ଖୁସି ରୁହନ୍ତୁ।

# ସ୍ୱାସ୍ଥ୍ୟ ପାଇଁ 'ଆଲୋଭେରା ଜୁସ' କେତେ ଲାଭଦାୟକ



ଆମେ ଅନେକ ସମୟରେ ଆଲୋଭେରାର ସ୍ୱାସ୍ଥ୍ୟ ଉପକାରିତା ବିଷୟରେ ଶୁଣିଛୁ । ଏହା ଚର୍ମକୁ ନରମ କରିବା ସହ ପାଚନ କ୍ରିୟାକୁ ଉନ୍ନତ କରିବା ପର୍ଯ୍ୟନ୍ତ ଏହାର ଭୂମିକା ବେଶ ଲାଭଦାୟକ । ଏହି କାରଣରୁ ଲୋକମାନେ ଏହାକୁ ବ୍ୟବହାର କରିଥାନ୍ତି। ଆୟୁର୍ବେଦ ଏବଂ ଚିକିତ୍ସା ବିଜ୍ଞାନ ଉଭୟ ଏହାକୁ ଏକ ଅତ୍ୟନ୍ତ ଉପଯୋଗୀ ଔଷଧୀୟ ଗଛ ବୋଲି ବିବେଚନା କରାଯାଏ । ୨୦୧୬ ମସିହାରେ, ଆଲୋଭେରାରେ ଆଣ୍ଟିମାଇକ୍ରୋବାୟଲ୍ ଏବଂ ଆଣ୍ଟିଭାଇରାଲ୍ ଗୁଣ ପ୍ରକାଶିତ ହୋଇଥିଲା। ଏହା ଆଣ୍ଟି-ଇନଫ୍ଲାମେଟୋରୀ ପ୍ରଭାବ ମଧ୍ୟ ଦେଖାଇଛି। ତେଣୁ, ଆଲୋଭେରା କ୍ଷତ, ସନବର୍ଣ୍ଣ ଏବଂ ଚର୍ମ କ୍ଷତିକୁ ସୁସ୍ଥ କରିବାରେ ସହାୟକ ହୋଇପାରେ। ସାମ୍ପ୍ରତିକ ବର୍ଷ ଗୁଡ଼ିକରେ ଆଲୋଭେରା ରସ ପିଇବା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଲୋକମାନେ ପାଚନ ଶକ୍ତିକୁ ଉନ୍ନତ କରିବା, ଶରୀରକୁ ବିଷମୁକ୍ତ କରିବା, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ଏବଂ ଚର୍ମ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ପାଇଁ ଏହାକୁ ଏକ ପ୍ରାକୃତିକ ଟନିକ୍ ଭାବରେ ଗ୍ରହଣ କରୁଛନ୍ତି। ତେଣୁ, ପ୍ରତିଦିନ ଆଲୋଭେରା ରସ ପିଇବା ପ୍ରକୃତରେ ନିରାପଦ କି ନାହିଁ ଏବଂ ଶରୀର ଉପରେ ଏହାର କ'ଣ ପ୍ରଭାବ ପଡ଼େ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ।
ଯୁକ୍ତରାଷ୍ଟ୍ର କୃଷି ବିଭାଗ ଅନୁଯାୟୀ, ଆଲୋଭେରା ପାଣିରେ ଭରପୂର ଏବଂ ଏଥିରେ କ୍ୟାଲସିୟମ, ସୋଡିୟମ ଏବଂ ଭିଟାମିନ ସି ସମେତ ଅନେକ ଆବଶ୍ୟକୀୟ ପୁଷ୍ଟିକର ପଦାର୍ଥ ରହିଛି। ଆଲୋଭେରା ରସ ସାଧାରଣତଃ ପତ୍ରରୁ ଜେଲ ବାହାର କରି ପ୍ରସ୍ତୁତ କରାଯାଏ। ଆଲୋଭେରା ରସ ମୁଖ୍ୟତଃ ଆମ ଶରୀରରେ ପାଚନ ପ୍ରଣାଳୀକୁ ସକ୍ରିୟ କରେ । ଜଳଦ୍ରବ୍ୟ ବୃଦ୍ଧି କରେ । ଅନ୍ତନଳୀ ସ୍ୱାସ୍ଥ୍ୟକୁ ସମର୍ଥନ କରେ । କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଏସିଡିଟି ଭଳି ସମସ୍ୟାରୁ ମୁକ୍ତି ପ୍ରଦାନ କରେ। ଏଥିରେ ଥିବା ପ୍ରାକୃତିକ ଏନଜାଇମଗୁଡ଼ିକ ପୋଷକ ତତ୍ତ୍ୱ ଅବଶୋଷଣକୁ ଉନ୍ନତ କରେ। ଆଲୋଭେରା ଜୁସ୍‌ରେ ପାଣିର ପରିମାଣ ଅଧିକ ଥାଏ, ଯାହା ଶରୀରକୁ ହାଇଡ୍ରେଟେଡ୍ ରଖିବାରେ ସାହାଯ୍ୟ କରେ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ମିନେରାଲ୍ସ ରୋଗ ପ୍ରତିରୋଧକ ଶକ୍ତିକୁ ସମର୍ଥନ କରିବାରେ ଏବଂ ଅକ୍ସିଡେଟିଭ୍ ଚାପ କମ କରିବାରେ ସାହାଯ୍ୟ କରେ। ଏହାର ଏନଜାଇମ୍ ଏବଂ ଜୈବ ସକ୍ରିୟ ଯୌଗିକଗୁଡ଼ିକ ପାଚନ ଶକ୍ତିକୁ ଉନ୍ନତ କରେ। ଏହା ହାଲୁକା କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ପ୍ରଦାନ କରେ। କମ୍ କ୍ୟାଲୋରି ଥିବାରୁ ଏହାକୁ ପିଇବା ସମୟରେ କ୍ୟାଲୋରି ଗ୍ରହଣ ହେବାର କୌଣସି ଆଶଙ୍କା ନାହିଁ।

# ଖାଲି ପେଟରେ ଅମୃତଭଣ୍ଡା ଖାଉଛନ୍ତି କି ? ଜାଣନ୍ତୁ ଏହାର ଲାଭ ଏବଂ କ୍ଷତି

ଅମୃତଭଣ୍ଡାକୁ ସ୍ୱାସ୍ଥ୍ୟ ପାଇଁ ଉତ୍ତମ ବୋଲି ବିବେଚନା କରାଯାଏ। ଏହାକୁ ଖାଇବା ଦ୍ୱାରା ଅନ୍ତନଳୀର ସ୍ୱାସ୍ଥ୍ୟ ଭଲ ରୁହେ। କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡିଟି ଏବଂ ପାଚନ ସମସ୍ୟା ଦୂର କରିବାରେ ଅମୃତଭଣ୍ଡା ସାହାଯ୍ୟ କରେ। ହେଲେ କିଛି ଲୋକ ଏହାକୁ ଖାଲିପେଟରେ ଖାଉଥିବା ବେଳେ ଆଉ କିଛି ଏହାକୁ ଖାଦ୍ୟ ଖାଇବା ପରେ ଖାଇଥାନ୍ତି । ତେବେ ଆସନ୍ତୁ ଜାଣିବା ଅମୃତଭଣ୍ଡାକୁ ଖାଲି ପେଟରେ ଖାଇବାର ସ୍ୱାସ୍ଥ୍ୟଲାଭ ବିଷୟରେ। ପାଚନ ଶକ୍ତି ବୃଦ୍ଧି କରେ - ଖାଲି ପେଟରେ ଅମୃତଭଣ୍ଡା ଖାଇବା ଦ୍ୱାରା ପାଚନ ଶକ୍ତି ବୃଦ୍ଧି ପାଏ। ଏଥିରେ ପେପିନ ନାମକ ଏକ ଏନଜାଇମ ଥାଏ, ଯାହା ପେଟରେ ପ୍ରୋଟିନକୁ ଭାଙ୍ଗିବାରେ ସାହାଯ୍ୟ କରେ। ପେଟ ଫୁଲିବା ସମସ୍ୟାରେ ପୀଡିତ ଲୋକଙ୍କ ପାଇଁ ଅମୃତଭଣ୍ଡା ଏକ ଭଲ ଫଳ। ଏହା ଅନ୍ୟାନ୍ୟ ପାଚନ ସମସ୍ୟାକୁ ମଧ୍ୟ ଦୂର କରିବାରେ ସାହାଯ୍ୟ କରେ। ଏଥିରେ ଭିଟାମିନ୍ ସି ମଧ୍ୟ ଥାଏ, ଯାହା ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ। ଖାଲି ପେଟରେ ସମସ୍ତ ପୋଷକ ତତ୍ତ୍ୱ ଅଧିକ ପ୍ରଭାବଶାଳୀ ଭାବରେ ଶୋଷିତ ହୁଏ।
ମଜବୁତ ଇମ୍ୟୁନ ସିଷ୍ଟମ- ଖାଲି ପେଟରେ ଅମୃତଭଣ୍ଡା ଖାଇବା ଦ୍ୱାରା ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ଆପଣଙ୍କୁ ଥଣ୍ଡା ଏବଂ ସଂକ୍ରମଣ ଭଳି ଋତୁକାଳୀନ ରୋଗରୁ ରକ୍ଷା କରିଥାଏ। ଆପଣଙ୍କର ପେଟ ସଫା ରହିବା ସହ ରୋଗ ଦୂରେଇ ରୁହେ। ଓଜନ କମାଇବା ସହଜ- ପ୍ରତିଦିନ ସକାଳେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଦ୍ୱାରା ଓଜନ ହ୍ରାସ ସହଜ ହୋଇପାରେ। ଅମୃତଭଣ୍ଡାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥାଏ। ଏହା ଓଜନ ହ୍ରାସ ପାଇଁ ଏକ ଉତ୍ତମ ବିକଳ୍ପ। ଜଳଖିଆରେ ଅମୃତଭଣ୍ଡା ଖାଇବା ଦ୍ୱାରା ଆପଣ ଅଧିକ ସମୟ ପର୍ଯ୍ୟନ୍ତ ପେଟ ପୂର୍ଣ୍ଣ ଅନୁଭବ କରିପାରିବେ ଏବଂ ମେଦବହୁଳତା ହ୍ରାସ କରିପାରିବେ। ତେବେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଭଲ, କିନ୍ତୁ ଏହାକୁ ସୀମିତ ପରିମାଣରେ ଖାଇବା ଉଚିତ। ଖାଲି ପେଟରେ ଅତ୍ୟଧିକ ଅମୃତଭଣ୍ଡା ଖାଇବା ଦ୍ୱାରା ଝାଡ଼ା ଏବଂ ପେଟ ଦରଜ ହୋଇପାରେ। ଗର୍ଭବତୀ ମହିଳାମାନେ ମଧ୍ୟ ସକାଳେ ଖାଲି ପେଟରେ ଅମୃତଭଣ୍ଡା ଖାଇବା ଉଚିତ୍ ନୁହେଁ।



# ବର୍ଷେ ପୂର୍ବରୁ ଶିଶୁଙ୍କୁ ଦିଅନ୍ତୁନି ଲୁଣ



ଛୋଟ ପିଲା ମାନଙ୍କ ଖାଦ୍ୟ ଖାଇବାକୁ ନେଇ ସର୍ବଦା ପିତାମାତାମାନେ ଦ୍ୱନ୍ଦ୍ୱ ଥାଆନ୍ତି। କିଛି ଲୋକ ୬ ମାସ ପରେ ପିଲାମାନଙ୍କୁ ଖାଦ୍ୟ ଏବଂ ଲୁଣ ଖାଇବାକୁ ଦେବା ଆରମ୍ଭ କରନ୍ତି, କିନ୍ତୁ ବିଶେଷଜ୍ଞମାନେ ଏପରି ନ କରିବାକୁ ପରାମର୍ଶ ଦିଅନ୍ତି। ବର୍ଷେ ପୂର୍ବରୁ ପିଲାମାନଙ୍କ ଖାଦ୍ୟରେ ଲୁଣ ଦେବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଅଧିକ ସୋଡିୟମ୍ ଥିବା ଖାଦ୍ୟ ସେମାନଙ୍କ ଶରୀରକୁ କ୍ଷତି ପହଞ୍ଚାଇଥାଏ। ତେବେ ଆସନ୍ତୁ ଜାଣିବା ବର୍ଷେ ପୂର୍ବରୁ ପିଲାମାନଙ୍କୁ କାହିଁକି ଲୁଣ ଦେବା ଉଚିତ୍ ନୁହେଁ? କିଡ୍‌ନୀ ଉପରେ ଚାପ – ଛୋଟ ପିଲାମାନଙ୍କର କିଡ୍ ?ନୀ ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ। ଯଦି ପିଲାଟି ଲୁଣ ଖାଏ, ତେବେ କିଡ୍‌ନୀ ଉପରେ ଅଧିକ ଚାପ ପଡ଼ିଥାଏ। ଉଚ୍ଚ ରକ୍ତଚାପର ଆଶଙ୍କା – କମ୍ ବୟସରେ ଅତ୍ୟଧିକ ଲୁଣ ଖାଇବା ଦ୍ୱାରା ପରବର୍ତ୍ତୀ ସମୟରେ ଉଚ୍ଚ ରକ୍ତଚାପର ଆଶଙ୍କା ବଢ଼ିପାରେ। ଡିହାଇଡ୍ରେସନ୍ ସମସ୍ୟା – ଛୋଟ ପିଲାମାନଙ୍କର ଶରୀରରେ ଜଳର ସନ୍ତୁଳନ ଶୀଘ୍ର କମିଥାଏ। ଅତ୍ୟଧିକ ଲୁଣ ଖାଇଲେ ଶରୀରରେ ପାଣିର ଆବଶ୍ୟକତା ବଢ଼ିଯାଏ ଏବଂ ଡିହାଇଡ୍ରେସନ୍ ହୋଇପାରେ।

# ଅକାଳ ମୃତ୍ୟୁରୁ ରକ୍ଷା କରେ ଅଁଳା ଏକାଦଶୀ, ଜାଣନ୍ତୁ କ'ଣ ରହିଛି ପୌରାଣିକ ଉପାଖ୍ୟାନ



ନବଜୀବନର ସନ୍ଦେଶ ବହନ କରୁଥିବା ବସନ୍ତ ଋତୁର ଫାଲ୍‌ଗୁନ ମାସଟି ହିନ୍ଦୁଧର୍ମରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଫାଲ୍‌ଗୁନର ଶୁକ୍ଳ ପକ୍ଷ ଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଦେଶର ବିଭିନ୍ନ ପ୍ରାନ୍ତରରେ ଶାଶ୍ୱତ ପ୍ରେମର ପ୍ରତୀକ ରାଧା-କୃଷ୍ଣଙ୍କ ରଙ୍ଗର ପର୍ବ ଚାଲେ । ଏହି ଅବସରରେ ଓଡ଼ିଶାରେ ଦୋଳ ମହୋତ୍ସବ ବସନ୍ତକୁ ଆହୁରି ରସମୟ କରିଦେଇଥାଏ । ପୁନଶ୍ଚ ଫାଲ୍‌ଗୁନ ଶୁକ୍ଳ ପକ୍ଷର ଏକାଦଶୀ ତିଥି ଧାର୍ମିକ ଦୃଷ୍ଟିକୋଣରୁ ବିଶେଷ ଗୁରୁତ୍ୱ ବହନ କରେ । ବିଶ୍ୱାସ ରହିଛି ଯେ, ଏହି ଦିନ ସ୍ୱୟଂ ବିଷ୍ଣୁ ଅଁଳା ବୃକ୍ଷରେ ଅବସ୍ଥାନ କରନ୍ତି । ଏଣୁ ଅଁଳା ବୃକ୍ଷ ନିକଟରେ ହରିନାମ ସଂକୀର୍ତ୍ତନ କଲେ ବିଷ୍ଣୁଙ୍କ କୃପା ପ୍ରାପ୍ତ ହୁଏ । ଫାଲ୍‌ଗୁନ ଶୁକ୍ଳ ଏକାଦଶୀକୁ ପାପନାଶିନୀ ଏକାଦଶୀ ତଥା ଆମର୍ଦ୍ଦ ଏକାଦଶୀ ବା ଆମଲୀକ ଏକାଦଶୀ ମଧ୍ୟ କୁହାଯାଏ । ପୌରାଣିକ ଉପାଖ୍ୟାନ: ଅଁଳା ଏକାଦଶୀ ମାହାତ୍ମ୍ୟ ସମ୍ପର୍କରେ ଭଗବାନ୍ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ କହିଥିଲେ । ଏହି ଉପାଖ୍ୟାନ ଅନୁଯାୟୀ ଚିତ୍ରାର୍ଥ ଗନ୍ଧର୍ବ ନାମକ ଜଣେ ରାଜା ଥିଲେ ବଡ଼ ବିଷ୍ଣୁଭକ୍ତ । ତାଙ୍କର ପ୍ରଜାମାନେ ମଧ୍ୟ ଥିଲେ ବୈଷ୍ଣବ । ଏକଦା ରାଜା ସାଧୁମାନଙ୍କ ପରାମର୍ଶ ନେଇ ଅଁଳା ବୃକ୍ଷ ମୂଳରେ ଏକାଦଶୀ ବ୍ରତ ପାଳନ କରିବାକୁ ନିଷ୍ପତ୍ତି ନେଲେ। ଏଥିରେ ସମସ୍ତ ପ୍ରଜାଙ୍କୁ ମଧ୍ୟ ସାମିଲ କଲେ । ରାଜ୍ୟର ସମସ୍ତ ପ୍ରଜା ଯେହେତୁ ଏହି ବ୍ରତ କରୁଥିଲେ ଏଣୁ ବାଧ୍ୟତାମୂଳକ ଭାବେ ରାଜ୍ୟର ଜଣେ ଶିକାରୀ ସେଦିନ ଶିକାର ନ କରି ସପରିବାର ବ୍ରତ ଉପାସନାରେ ସାମିଲ ହେଲା । ସେ ସାରାଦିନ ଉପବାସରେ ରହିବା ସହିତ ଅଁଳା ବୃକ୍ଷ ମୂଳରେ ବସିରହି ହରିନାମ ସଂକୀର୍ତ୍ତନ ଶୁଣିଥିଲା। ପରଦିନ ସକାଳେ ରାଜ୍ୟବାସୀ ଖାଦ୍ୟ ଖାଇ ବ୍ରତ ପାରଣ କଲାବେଳକୁ ଶିକାରୀଟିର ମୃତ୍ୟୁ ଘଟିଲା । ତେବେ ଶିକାରୀଟି ନିଜ ଅଜ୍ଞାତରେ ଅର୍ଜନ କରିଥିବା ଧର୍ମ ବଳରେ ତା'ର ଉଚ୍ଚକୁଳରେ ପୁନର୍ଜନ୍ମ ହେଲା । ପରଜନ୍ମରେ ଶିକାରୀର ନାମ ହେଲା ବସୁରଥ । ସମୟ କ୍ରମେ ସେ ହେଲେ ଅତି ଧାର୍ମିକ ତଥା ପ୍ରଜାବତ୍ସଳ ରାଜା । ଏକଦା ରାଜା ବସୁରଥ ଶିକାର କରିବାକୁ ଯାଇ ଜଙ୍ଗଲରେ ବାଟବଣା ହୋଇଗଲେ । ବାଟ ଖୋଜିଖୋଜି ଥକି ଯିବା ସହିତ ଏକ ବୃକ୍ଷ ମୂଳରେ ବିଶ୍ରାମ ନେଲେ । ତାଙ୍କୁ ନିଦ ଲାଗିଯାଇଛି, ଏହି ସମୟରେ ଜଙ୍ଗଲରେ ଆଶ୍ରୟ ନେଇଥିବା ରାଜ୍ୟର ପାରମ୍ପରିକ ଶତ୍ରୁମାନେ ନିରସ୍ତ୍ର ବସୁରଥଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲେ । ସେମାନେ ଆକ୍ରମଣ କରନ୍ତେ ବସୁରଥଙ୍କ ଶରୀର ଚାରିପଟେ ଏକ ଦିବ୍ୟ ଆଲୋକର ବଳୟ ଉଦ୍ଭାସିତ ହେବା ସହିତ ସେଥିରୁ ଉଦ୍ଭବ ହେଲେ କରାଳ ସ୍ୱରୂପା ଦେବୀ ଏକାଦଶୀ । ସେ ଅଚିରେ ଗ୍ରାହଙ୍କୁ ବିନାଶ କଲେ । ଏହି ସମୟରେ ରାଜାଙ୍କ ନିଦ୍ରା ଭଙ୍ଗ ହେଲା । ସେ ନିଜ ଚାରିପଟେ ମୃତ ଶରୀରଗୁଡ଼ିକ ପଡ଼ିଥିବା ଦେଖି ହତଚକିତ ହୋଇ ଭାବିଲେ ଏମାନେ କିଏ ଏବଂ ଏମାନଙ୍କୁ କିଏ ହତ୍ୟା କଲା ? ଦେବୀ ସ୍ୱୟଂ ଆକାଶବାଣୀ ଜରିଆରେ ରାଜା ବସୁରଥଙ୍କ ସନ୍ଦେହ ମୋଚନ କଲେ । କହିଲେ 'ତୁମେ ଗତ ଜନ୍ମରେ ଅଁଳା ବ୍ରତ ପାଳନ କରିବା ସହିତ ଏହି ଜନ୍ମରେ ସମସ୍ତ ଧର୍ମକର୍ମ,ଏକାଦଶୀ ବ୍ରତ ପାଳନ କରୁଥିବାରୁ ଏହାର ପୁଣ୍ୟ ଫଳ ସ୍ୱରୂପ ମୁଁ ତୁମକୁ ରକ୍ଷା କରିଛି ।' ଯେଉଁ ଦିନ ଦେବୀ ଏକାଦଶୀ ଆବିର୍ଭୂତ ହୋଇ ବସୁରଥଙ୍କ ଜୀବନ ରକ୍ଷା କଲେ ସେହିଦିନଟି ମଧ୍ୟ ଥିଲା ଫାଲ୍ଗୁନ ଶୁକ୍ଳ ଏକାଦଶୀ । ଅଁଳା ଏକାଦଶୀରେ ଅଁଳା ବୃକ୍ଷରେ ଭଗବାନ୍‌ଙ୍କ ପର୍ଶୁରାମ ସ୍ୱରୂପକୁ ଉପାସନା କରାଯାଏ । ଏହି ଉପାସନା କରୁଥିବା ବ୍ରତଧାରୀ ଅକାଳ ମୃତ୍ୟୁରୁ ରକ୍ଷା ପାଇବା ସହ ଜନ୍ମ-ମୃତ୍ୟୁର ବନ୍ଧନରୁ ମୁକ୍ତ ହୋଇ ପରମଧାମ ପ୍ରାପ୍ତ ହୋଇଥାନ୍ତି । ଅଁଳା ବୃକ୍ଷରେ ନାରାୟଣଙ୍କ ସହ ଲକ୍ଷ୍ମୀ ମଧ୍ୟ ନିବାସ କରନ୍ତି । ଏଣୁ ଦମ୍ପତିମାନେ ଅଁଳା ଏକାଦଶୀ ବ୍ରତ କଲେ ଦାମ୍ପତ୍ୟ ଜୀବନରେ ସୌଭାଗ୍ୟ ତଥା ଆନନ୍ଦ ଲାଭ କରିଥାନ୍ତି । ଏହି ମର୍ମରେ ଶାସ୍ତ୍ରରେ କୁହାଗଲା - "ଫାଲ୍‌ଗୁନେ ମାସି ଶୁକ୍ଲାୟାଂ ଏକାଦଶୀଂ ଜନାର୍ଦ୍ଦନଂ/ ବାତ୍ସଲ୍ୟମକ୍ଷୀ ବୃକ୍ଷଂ ଲକ୍ଷ୍ମୀୟାଶ୍ଚ ଜଗତପତିଃ/ ତତ୍ର ସଂପୂଜ୍ୟ ଦେବୈଷଂ ସକତ୍ୟ କୁଜୟାତ ପ୍ରଦକ୍ଷିଣମ୍/ ଅପୋଷ ବିଧିତଂ କଳ୍ପଂ ବିଷ୍ଣୁଲୋକ ମହିୟତି " ଫାଲ୍ ?ଗୁନ ଏକାଦଶୀକୁ ଉତ୍ତର ଭାରତରେ ରଙ୍ଗଭରୀ ଏକାଦଶୀ କୁହାଯାଏ । ଫାଲ୍ ?ଗୁନ ଏକାଦଶୀ ଯେଉଁ ନାମରେ ପାଳନ ହେଲେ ମଧ୍ୟ ସମସ୍ତ ମୂଳରେ ସେଇ ଗୋଟିଏ ବାର୍ତ୍ତା ରହିଛି - "ହରି ନାମ ହିଁ କେବଳମ୍", ଯାହା ମୁକ୍ତିର ମାର୍ଗ ଅଟେ ।

# ଖଜୁରୀ ଖାଇ ଭଙ୍ଗ କରାଯାଏ ରୋଜା, ବୈଜ୍ଞାନିକ କାରଣ କ'ଣ ?

ମୁସଲମାନ ସମ୍ପ୍ରଦାୟର ପବିତ୍ର ରମଜାନ୍। ମାସ ୧୯ ତାରିଖରୁ ଆରମ୍ଭ ହୋଇଯାଇଛି । ଏହି ମାସରେ ପ୍ରତ୍ୟେହ ରୋଜା ବା ଉପବାସ ରଖନ୍ତି ପ୍ରତ୍ୟେକ ମୁସଲମାନ । ରମଜାନ୍ ମାସରେ ସଂଯମ ରକ୍ଷା କରି ଆଲ୍ଲାହାଙ୍କ ପାଖରେ ମନ ନିବେଶ କରିବା ଉପରେ ଗୁରୁତ୍ୱ ଦିଆଯାଇଥାଏ । ପ୍ରତ୍ୟେକ ଦିନ ରୋଜା ଆରମ୍ଭ ହୁଏ ସହରି ବା ପ୍ରତ୍ୟୁଷ ଭୋଜନ ପରେ । ଦିନ ତମାମ ବିନା ଜଳ, ଖାଦ୍ୟରେ ରହିବା ପରେ ସନ୍ଧ୍ୟାରେ ରୋଜା ଭଙ୍ଗ ହୁଏ ଇଫତାର ବା ରାତ୍ର ଭୋଜନ ସହିତ । ଏହି ରୋଜା ଖଜୁରି କୋଳି ଖାଇବା ସହିତ ଭଙ୍ଗ କରାଯାଏ । ତେବେ ଏଠାରେ ପ୍ରଶ୍ନ ଉଠେ, କାହିଁକି କେବଳ ଖଜ୍‌ରା ବା ଖଜୁରି ଖାଇ ରୋଜା ଭଙ୍ଗ କରାଯାଏ ? କୁହାଯାଏ ଯେ, ମହାପୁରୁଷ ମହମ୍ମଦ ଖଜୁରି ଖାଇବାକୁ ବିଶେଷ ପସନ୍ଦ କରୁଥିଲେ ଏବଂ ଏହା ଖାଇ ସେ ରୋଜା ଭଙ୍ଗ କରୁଥିଲେ । ଏଣୁ ଏହି ପରମ୍ପରାକୁ ମୁସଲମାନ ସମୁଦାୟ ପାଳନ କରିଆସୁଛନ୍ତି । ଖଜୁରି ଖାଇ ରୋଜା ଭଙ୍ଗ ପାକ୍ ବା ପବିତ୍ର ବୋଲି ଗ୍ରହଣ କରାଯାଇଛି । ଏହି ଧାର୍ମିକ କାରଣ ବ୍ୟତୀତ ଖଜୁରି ଖାଇ ଉପବାସ ଭଙ୍ଗ କରିବା ପଛରେ ବି ରହିଛି ବୈଜ୍ଞାନିକ କାରଣ । ଖଜୁରି ସ୍ୱାସ୍ଥ୍ୟ ପାଇଁ ଉପାଦେୟ ଅଟେ । ଦିନ ତମାମ ଉପବାସ ରଖୁଥିବା ରୋଜାଧାରୀମାନଙ୍କର ଶରୀରରେ ସ୍ୱାଭାବିକ ଭାବେ ଶର୍କରା ତଥା ଜଳ ପରିମାଣ କମିଯାଏ । ଖଜୁରିରେ ରହିଛି ପ୍ରାକୃତିକ ଶର୍କରା, ଯାହା ଶରୀରକୁ ତୁରନ୍ତ ଶକ୍ତି ଯୋଗାଏ ମାତ୍ର ଶରୀର କ୍ଷତି କରେ ନାହିଁ । ଏଥିରେ ପ୍ରଚୁର ପରିମାଣର ତନ୍ତୁ ବା ଫାଇବର ରହିଛି । ଏହା ଖାଲିପେଟ ପାଇଁ କ୍ଷତିକାରକ ନ ହୋଇ ପାଚନ ପ୍ରକ୍ରିୟାକୁ ସ୍ୱାଭାବିକ କରାଇଥାଏ ।



# ତ୍ୱଚାରୁ ଛାଡୁନି କି ହୋଲି ରଙ୍ଗ, ଆପଣାନ୍ତୁ ଏହି ଘରୋଇ ଟିପ୍ସ



ହୋଲି ଖେଳିବା ବହୁତ ମଜାଦାର। କିଛି ଲୋକ ପରସ୍ପରକୁ ରଙ୍ଗ ଲଗାଇବା ପାଇଁ ବର୍ଷ ସାରା ଅପେକ୍ଷା କରନ୍ତି। ତଥାପି, କିଛି ଲୋକ ଏହା କରିବାରୁ ଦୂରେଇ ରୁହନ୍ତି । କାରଣ ହୋଲି ଖେଳିବା ପରେ ମୁହଁରେ ଲାଲ କିମ୍ବା ଗାଢ଼ ରଙ୍ଗ ପ୍ରାୟତଃ ସହଜରେ ଛାଡେନାହିଁ। ସାବୁନ କିମ୍ବା ସ୍କ୍ରବକୁ ବାରମ୍ବାର ବ୍ୟବହାର କରିବାକୁ ପଡେ। ଯାହା ଚର୍ମକୁ ଶୁଷ୍କ, ଲାଲ କରିପାରେ। ଯଦି ହୋଲି ରଙ୍ଗ ଆପଣଙ୍କ ମୁହଁରୁ ଛାଡୁନାହିଁ। ତାହାଲେ ଚିନ୍ତା କରନ୍ତୁ ନାହିଁ। କିଛି ସରଳ ଘରୋଇ ଉପଚାର ଦ୍ୱାରା ଆପଣ ସହଜରେ ରଙ୍ଗ ଛଡାଇ ପାରିବେ। ନଡ଼ିଆ ତେଲ – ତ୍ୱଚାରୁ ହୋଲି ରଙ୍ଗ ଛଡାଇବାକୁ ମୁହଁରେ କିଛି ନଡିଆ ତେଲ ମାଲିସ କରନ୍ତୁ। ତା'ପରେ, ଏହାକୁ ଏକ ତୁଳା କିମ୍ବା ନରମ କପଡାରେ ପୋଛି ଦିଅନ୍ତୁ। ସ୍କ୍ରବ୍ ଲଗାନ୍ତୁ – ଦୁଇ ଚାମଚ ବେସନ ସହ ଅଳ୍ପ କଞ୍ଚା କ୍ଷୀର ଏବଂ ଚିମୁଟାଏ ହଳଦୀ ମିଶାନ୍ତୁ। ଏହି ପେଷ୍ଟକୁ ଆପଣଙ୍କ ମୁହଁରେ ଲଗାନ୍ତୁ ଏବଂ ୫ ମିନିଟ୍ ପରେ ଧୀରେ ଧୀରେ ଘଷନ୍ତୁ। ଆଲୋଭେରା ଜେଲ୍ ଲଗାନ୍ତୁ – ରଙ୍ଗ ଛଡାଇବା ପାଇଁ ଆଲୋଭେରା ଜେଲ୍ ମଧ୍ୟ ଲଗାଇ ପାରିବେ। ଗୋଟେ ଚାମଚ ଦହି ସହିତ ଗୋଟିଏ ଚାମଚ ମହୁ ମିଶାନ୍ତୁ। ଏହାକୁ ଆପଣଙ୍କ ମୁହଁରେ ୧୦ ମିନିଟ୍ ପାଇଁ ଲଗାନ୍ତୁ। ଦହି ଚର୍ମକୁ ସଫା କରେ ଏବଂ ମହୁ ମଇଶ୍ଚରାଇଜ୍ କରେ ଏବଂ ଚମକ ପ୍ରଦାନ କରେ।

## ପାକିସ୍ତାନକୁ ୨ ୱିକେଟରେ ହରାଇ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କଲା ଇଂଲଣ୍ଡ




**ପାଲ୍ଲେକେଲେ**

ଟି-୨୦ ବିଶ୍ୱକପ ୨୦୨୬ର ସୁପର-୮ରେ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ପାକିସ୍ତାନକୁ ୨ଟି ୱିକେଟରେ ହରାଇଛି । ଏହି ବିଜୟ ସହ ଇଂଲଣ୍ଡ ପ୍ରଥମ ଦଳ ଭାବେ ଚଳିତ ବିଶ୍ୱକପର ସେମି ଫାଇନାଲରେ ପ୍ରବେଶ କରିଛି । ଇଂଲଣ୍ଡ ବିଜୟରେ ହିରୋ ସାଜିଛନ୍ତି ଅଧିନାୟକ ହ୍ୟାରି ବ୍ରୁକ । ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ସାହିବଜାଦା ଫରହାନଙ୍କ ୬୩ ରନ ବଳରେ ୧୬୪ ରନ କରିଥିଲା । ଜବାବରେ ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକଙ୍କ ବିସ୍ଫୋରକ ଶତକୀୟ ଇନିଂସ ବଳରେ ମ୍ୟାଚକୁ ୨ ୱିକେଟରେ ଜିତି ନେଇଛି । ଅନ୍ୟପଟେ ପରାଜୟ ସହ ପାକିସ୍ତାନର ସେମି ଫାଇନାଲ୍ ମାର୍ଗ ମୁସ୍କିଲ ହୋଇ ଯାଇଛି ।

## ଘୋଷଣା ହେଲା ମହିଳା ଟି୨୦ ବିଶ୍ୱକପ୍ କାର୍ଯ୍ୟସୂଚୀ

# ଜୁନ ୧୪ରେ ଭାରତ-ପାକିସ୍ତାନ ମ୍ୟାଚ୍

**ନୂଆଦିଲ୍ଲୀ**

କ୍ରିକେଟର ମଜା ନେବେ ଫ୍ୟାନ୍ସ । ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ ସରୁ ସରୁ ଆରମ୍ଭ ହେବ ମହିଳା ଟି-ଟ୍ୱେଣ୍ଟି ମୁକାବିଲା । ଜୁନ ୧୨ ତାରିଖରୁ ଆରମ୍ଭ ହେବ ବିଶ୍ୱକପ ଲଢେଇ । ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ସୂଚୀ ଘୋଷଣା ହୋଇଛି । ୧୨ଟି ଟିମ୍ ସେମି ଏବଂ ଫାଇନାଲ ସମେତ ୩୩ଟି ମ୍ୟାଚ୍ ଖେଳିବେ । ପାରମ୍ପରିକ ପ୍ରତିଦ୍ୱନ୍ଦୀ ପାକିସ୍ତାନ ବିପକ୍ଷରେ ଅଭିଯାନ ଆରମ୍ଭ କରିବ ଟିମ୍ ହରମନପ୍ରୀତ । ଜୁନ୍ ୧୪ ତାରଖରେ ଏହି ମ୍ୟାଚ୍ ଖେଳାଯିବ । ଦିନିକିଆ ବିଶ୍ୱକପ ଜିତିବା ପରେ ଦୃଢମନୋବଳରେ ଥିବା ଭାରତ ଟି-ଟ୍ୱେଣ୍ଟି କପ ଜିତିବ ବୋଲି ଆଶା ରଖିଛନ୍ତି ଫ୍ୟାନ୍ସ ।

ଭାରତ ଏବଂ ପାକିସ୍ତାନ ଗ୍ରୁପ୍ ୧ରେ ରହିଛନ୍ତି । କ୍ରିକେଟ୍ ପ୍ରେମୀଙ୍କୁ ପୁଣିଥରେ ମହିଳା ଭାରତ ବନାମ ପାକିସ୍ତାନ ମ୍ୟାଚ ଦେଖିବାକୁ ମିଳିବ । ଇସିବି ଦ୍ୱାରା ଜାରି ହୋଇଥିବା କ୍ରୀଡ଼ାସୂଚୀ ଅନୁସାରେ ଜୁନ ୧୪ରେ ଗ୍ରୁପ ୧ ମ୍ୟାଚରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେବେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଆୟୋଜକ ଇଂଲଣ୍ଡ ଶ୍ରୀଲଙ୍କାକୁ ଭେଟିବ । ୧୨ ଜୁନ୍‌ରୁ ଜୁଲାଇ ୫ ଯାଏ ଟୁର୍ଣ୍ଣାମେଣ୍ଟର ଦଶମ ସଂସ୍କରଣ ଚାଲିବ ।



ଆଇସିସି ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ ଗ୍ରୁପ୍ : ଗ୍ରୁପ ୧- ଅଷ୍ଟ୍ରେଲିଆ, ସାଉଥ୍ ଆଫ୍ରିକା, ଇଣ୍ଡିଆ, ପାକିସ୍ତାନ, ବାଂଲାଦେଶ ଏବଂ ନେଦରଲାଣ୍ଡ୍ସ । ଗ୍ରୁପ-୨ ୱେଷ୍ଟଇଣ୍ଡିଜ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ।

ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପରେ ଭାରତ ମ୍ୟାଚ୍ : ଜୁନ୍ ୧୪- ଭାରତ ବନାମ ପାକିସ୍ତାନ (ଏଜବାଷ୍ଟେନ୍) । ଜୁନ୍-୧୭- ଭାରତ ବନାମ ନେଦରଲାଣ୍ଡ୍ସ । ଜୁନ୍ ୨୧- ଭାରତ ବନାମ ସାଉଥ ଆଫ୍ରିକା । ଜୁନ୍ ୨୫- ଭାରତ ବନାମ ବାଂଲାଦେଶ (ବ୍ରିଷ୍ଟଲ କ୍ରିକେଟ ଗ୍ରାଉଣ୍ଡ) । ଜୁନ୍ ୨୮- ଅଷ୍ଟ୍ରେଲିଆ ବନାମ ଭାରତ (ଲର୍ଡସ କ୍ରିକେଟ ଗ୍ରାଉଣ୍ଡ) ।

ଜୁନ୍ ୩୦ରେ ପ୍ରଥମ ସେମିଫାଇନାଲ । ଜୁଲାଇ ୨ରେ ଦ୍ୱିତୀୟ ସେମିଫାଇନାଲ । ଜୁଲାଇ ୫ରେ ଫାଇନାଲ ଫାଇଟ୍ ।

## ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍




**କଟ, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କଟକ ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଏକ ବନ୍ଧୁତାପୂର୍ଣ୍ଣ କ୍ରିକେଟ ମ୍ୟାଚ୍ କଟକ ଉପକଣ୍ଠ ତ୍ରିଶୁଳିଆଠାରେ ଥିବା ଏକ ଅତ୍ୟାଧୁନିକ ଓପନ ଟର୍ଫ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି । ଷ୍ଟେଟବ୍ୟାଙ୍କର କଟକ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ପୁରୀ ଜିଲ୍ଲାର ଖ୍ୟାତନାମା ଖେଳାଳିମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଭୁବନେଶ୍ୱର ଜୋନ୍-୧୧ ଟିମ୍ ଚାମ୍ପିଅନ୍ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଏସ୍‌ବିଆଇ, ଭୁବନେଶ୍ୱର ପ୍ରଶାସନିକ କାର୍ଯ୍ୟାଳୟର ଡିଜିଏମ ପ୍ରଶାନ୍ତ କୁମାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କର୍ମବହୁଳ ଜୀବନ ମଧ୍ୟରେ ଖେଳ ଏବଂ ବ୍ୟାୟାମର ଉପକାରିତା ବିଷୟରେ ବୁଝାଇଥିଲେ । ଖେଳ ଦେଖିବା ପାଇଁ ଉପସ୍ଥିତ ଥିବା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ଚୌଧୁରୀ ଅସ୍ମୀନ ଅନୁପମ ପ୍ରହରାଜ ସ୍ୱାଗତ କରିଥିଲେ । ସୁସ୍ଥ ଓ ନିରୋଗ ରହିବା ପାଇଁ କିଛି ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ଏଥି ସହିତ ଲୋକମାନଙ୍କୁ ଡିଜିଟାଲ ଠକେଇରୁ ନିଜକୁ ରକ୍ଷା କରିବା ପାଇଁ ସଚେତନ କରାଇଥିଲେ । ବ୍ୟାଙ୍କରେ ମିଳୁଥିବା ବିଭିନ୍ନ ସେବା ଏବଂ ଏହାର ସରଳ ଉପଲବ୍ଧିତା ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ । ବ୍ୟାଙ୍କର କର୍ମଚାରୀମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବରେ ସଂଗୃହୀତ ପାଣ୍ଠି ନିକଟରେ ଅବସ୍ଥିତ ଜରାନିବାସରେ ରହୁଥିବା ଅସହାୟ ଲୋକମାନଙ୍କୁ ସାହାଯ୍ୟ କରିବା ପାଇଁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମକୁ ଏସବିଆଇ ରିଜିଓନାଲ ଅଫିସର କର୍ମଚାରୀମାନେ ସୂଚାରୁ ରୂପେ ପରିଚାଳନା କରିଥିଲେ ।

# ୱେଷ୍ଟଇଣ୍ଡିଜର ବିଜୟ ବିଗାଡ଼ିଦେଲା ଭାରତର ସମୀକରଣ, ସେମିଫାଇନାଲ ଯିବା ହେବ କଷ୍ଟକର

**ନୂଆଦିଲ୍ଲୀ**

ଜିମ୍ବାୱେ ବିପକ୍ଷରେ ୱେଷ୍ଟଇଣ୍ଡିଜର ରେକର୍ଡ ଭାଙ୍ଗିବା ପରେ ଭାରତର ସମସ୍ୟା ବଢ଼ାଇଛି । ପ୍ରକୃତରେ, ଟିମ ଇଣ୍ଡିଆ ତା'ର ପ୍ରଥମ ସୁପର ୮ ମ୍ୟାଚରେ ୭୬ ରନରେ ହାରିଛି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ପରାଜୟ ଯୋଗୁ ଭାରତର ନେଟ ରନ ରେଟ -୩,୮୦୦ । ଟିମ ଇଣ୍ଡିଆ ତା'ର ଗ୍ରୁପରେ ତୃତୀୟ ସ୍ଥାନରେ ରହିଛି । ଏହି ସମୟରେ, ୱେଷ୍ଟଇଣ୍ଡିଜ (+୫.୩୫୦) ଏବଂ ଦକ୍ଷିଣ ଆଫ୍ରିକା (+୩.୮୦୦) ର ନେଟ ରନ ରେଟ ଭାରତଠାରୁ ବହୁତ ଆଗରେ ଅଛି । ନେଟ ରନ ରେଟ୍‌ରେ ଏହି ଦୁଇଟିକୁ ପଛରେ ପକାଇବା ଟିମ୍ ଇଣ୍ଡିଆ ପାଇଁ ଏବେ ପ୍ରାୟ ଅସମ୍ଭବ ।

ଗ୍ରୁପ ୧ ରେ, ଭାରତ ଏବଂ ଜିମ୍ବାୱେ ସେମାନଙ୍କର ପ୍ରଥମ ମ୍ୟାଚ୍ ହାରିଛନ୍ତି । ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା ପ୍ରତ୍ୟେକେ ସେମାନଙ୍କର ପ୍ରଥମ ମ୍ୟାଚ୍ ଜିତିଛନ୍ତି । ଏବେ, ଯଦି ଭାରତ ସେମିଫାଇନାଲ ପହଞ୍ଚିବାକୁ ଚାହେଁ, ତେବେ ତାଙ୍କୁ ପ୍ରାର୍ଥନା କରିବାକୁ ପଡିବ ଯେ ୱେଷ୍ଟଇଣ୍ଡିଜ କିମ୍ବା ଦକ୍ଷିଣ ଆଫ୍ରିକା ସେମାନଙ୍କର ବାକି ଦୁଇଟି ମ୍ୟାଚ୍ ହାରିଯାଆନ୍ତୁ । ୱେଷ୍ଟଇଣ୍ଡିଜ ଭାରତ ଏବଂ ଦକ୍ଷିଣ ଆଫ୍ରିକା ସହିତ ମୁକାବିଲା କରିବ, ଯେତେବେଳେ ଦକ୍ଷିଣ ଆଫ୍ରିକା ୱେଷ୍ଟଇଣ୍ଡିଜ ଏବଂ ଜିମ୍ବାୱେ ବିପକ୍ଷରେ ଖେଳିବ ।



ଏହା ସମ୍ଭବ ଯେ ୱେଷ୍ଟଇଣ୍ଡିଜ ପ୍ରଥମେ ଦକ୍ଷିଣ ଆଫ୍ରିକା ଠାରୁ ହାରିଯାଏ ଏବଂ ତା'ପରେ ଭାରତ ସେମାନଙ୍କୁ ପରାସ୍ତ କରେ, ଯାହା ଫଳରେ ୱେଷ୍ଟଇଣ୍ଡିଜ କେବଳ ଦୁଇଟି ପଏଣ୍ଟ ପାଇଥାଏ । ଅନ୍ୟପକ୍ଷରେ, ଭାରତ ବାକି ଦୁଇଟି ମ୍ୟାଚ୍ ଜିତି ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ । ଏହା ସମ୍ଭବ, କାରଣ ୱେଷ୍ଟଇଣ୍ଡିଜ ପାଇଁ ଭାରତ ଏବଂ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିବା ବହୁତ କଷ୍ଟକର ହେବ ।

ଏବେ ଯଦି ୱେଷ୍ଟଇଣ୍ଡିଜ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଜିତିଯାଏ ଏବଂ ଭାରତ ବିପକ୍ଷରେ ହାରିଯାଏ, ତେବେ ଏହାର ନେଟ୍ ରନ ରେଟ୍ ଯଥେଷ୍ଟ ଭଲ । ୱେଷ୍ଟଇଣ୍ଡିଜ ୪ ପଏଣ୍ଟ ସହିତ ମଧ୍ୟ ସେମିଫାଇନାଲ ପ୍ରବେଶ କରିପାରିବ ।

ଏବେ ଦକ୍ଷିଣ ଆଫ୍ରିକା ବିଷୟରେ କହିବାକୁ ଗଲେ, ଏହାକୁ ଜିମ୍ବାୱେ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷରେ ଖେଳିବାକୁ ପଡ଼ିବ । ଯଦି ଦକ୍ଷିଣ ଆଫ୍ରିକା ଗୋଟିଏ ମ୍ୟାଚ୍ ଜିତିଥାଏ, ତେବେ ଏହା ୪ ପଏଣ୍ଟ ସହିତ ସେମିଫାଇନାଲ ମଧ୍ୟ ପ୍ରବେଶ କରିପାରିବ ।

ଯଦି ଭାରତ, ୱେଷ୍ଟଇଣ୍ଡିଜ ଏବଂ ଦକ୍ଷିଣ ଆଫ୍ରିକା ଦୁଇଟି ମ୍ୟାଚ ଜିତି ଚାରି ପଏଣ୍ଟ ସହିତ ସୁପର ୮ ପର୍ଯ୍ୟାୟ ଶେଷ କରନ୍ତି, ତେବେ ସେମିଫାଇନାଲ ନେଟ୍ ରନ ରେଟ୍ ଆଧାରରେ ନିର୍ଣ୍ଣୟ କରାଯିବ ।

ଭାରତ ପାଇଁ କେବଳ ଆଗାମୀ ମ୍ୟାଚ୍ ଜିତିବା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଟିମ୍ ଇଣ୍ଡିଆକୁ ମଧ୍ୟ ବଡ଼ ବ୍ୟବଧାନରେ ମ୍ୟାଚ୍ ଜିତିବାକୁ ପଡ଼ିବ । ଜିମ୍ବାୱେ ବିପକ୍ଷରେ ପିଛା କରିବାକୁ, ଭାରତକୁ ୧୦-୧୨ ଓଭରରେ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ । ଡିଫେଣ୍ଡିଂ ସମୟରେ, ଯେକୌଣସି ମୂଲ୍ୟରେ ୧୦୦ ରନରୁ ଅଧିକ ବିଜୟ ଆବଶ୍ୟକ ହେବ ।

ୱେଷ୍ଟଇଣ୍ଡିଜ କିମ୍ବା ଦକ୍ଷିଣ ଆଫ୍ରିକା ସେମାନଙ୍କର ବାକି ଦୁଇଟି ମ୍ୟାଚ ହାରିଗଲେ ହିଁ ଭାରତ ସହଜରେ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ । ୱେଷ୍ଟଇଣ୍ଡିଜ ଭାରତ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହି ପରିସ୍ଥିତିରେ, ସେମାନେ ସେମାନଙ୍କର ବାକି ଦୁଇଟି ମ୍ୟାଚ ହାରିପାରନ୍ତି, କିନ୍ତୁ ଯଦି ୱେଷ୍ଟଇଣ୍ଡିଜ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରେ, ତେବେ ଭାରତର ସେମିଫାଇନାଲ ପଥ ଆହୁରି କଷ୍ଟକର ହୋଇଯିବ । କିମ୍ବା କହିବାକୁ ଗଲେ, ଭାରତ ପାଇଁ ସେମିଫାଇନାଲରେ ପହଞ୍ଚିବା ମଧ୍ୟ କଷ୍ଟକର ହୋଇଯିବ ।

## ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# କ୍ରିକେଟ୍‌ର ମାନ ବୃଦ୍ଧି ପାଇଁ ମନ୍ତ୍ର ଦେଲେ ରଣଜୀ ଟ୍ରଫି ଖେଳାଳି ବସନ୍ତ ମହାନ୍ତି

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ମିର୍ଜାପୁର ସ୍ଥିତ ଦନାମଠ ଖେଳ ପଡ଼ିଆରେ ତୃତୀୟ ରବି ଲାବଣ୍ୟ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି । 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ପୂର୍ବତନ ରଣଜୀ ଟ୍ରଫି ଖେଳାଳି ତଥା କ୍ରିକେଟ୍ ତାରକା ବସନ୍ତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବନ୍ଦେ ଉତ୍କଳ ଜନନୀର ସଭାପତି ଅଧ୍ୟାପକ ବଳଭଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ବସନ୍ତ ମହାନ୍ତି ଯୋଗଦେଇ ଗ୍ରାମାଞ୍ଚଳ କ୍ରିକେଟ୍ ପ୍ରତିଯୋଗୀତା ପ୍ରତିଭା ବିକାଶର ଉପଯୁକ୍ତ ସ୍ଥାନ ଅଟେ ବୋଲି କହିଥିଲେ । ପୂର୍ବତନ ବିଧାୟକ ସ୍ୱର୍ଗତଃ ରବି ଲାବଣ୍ୟ ଜଣେ କ୍ରିକେଟ୍ ପ୍ରେମୀ ଥିଲେ ବୋଲି କହିବା ସହିତ କ୍ରିକେଟ୍‌ର ମାନ ବୃଦ୍ଧି ପାଇଁ ସେ ଉପସ୍ଥିତ ଖେଳାଳିମାନଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଭ୍ୟର୍ଥନା କମିଟି ଅଧକ୍ଷ ବ୍ରଜ କିଶୋର ମହାନ୍ତି, ସମାଜସେବୀ ଅଭିମନ୍ୟୁ ଧଳ, ମ୍ୟାଚ୍ ପରିଚାଳକ ଦୟାନିଧି ଦାଶ, ବନ୍ଦେ ଉତ୍କଳ ଜନନୀର ସମ୍ପାଦକ ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ, ଯୋଜନା ଦଳପତି ମନୋରଞ୍ଜନ ସେଠୀ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିମାନେ ପୂର୍ବତନ ବିଧାୟକ ସ୍ୱର୍ଗତଃ ରବି ଲାବଣ୍ୟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଜଣାଇଥିଲେ । ଉଦଘାଟନ ପୂର୍ବରୁ ମୁଖ୍ୟ ଅତିଥିଙ୍କୁ ମିର୍ଜାପୁର ମାଉଣ୍ଡ ନିକଟରୁ ଏକ ମୋଟର ସାଇକଲ ଶୋଭାଯାତ୍ରାରେ ଖେଳ ପଡ଼ିଆ ପର୍ଯ୍ୟନ୍ତ ନିଆ ଯାଇଥିଲା । ଉଦଘାଟନ ଅବସରରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚ୍ ନେତାଜୀ ସ୍ପୋର୍ଟିଂ କ୍ଲବ୍, କାଏମା ଏବଂ ଜିତୁ ଇଲେଭେନ୍, ଜାରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜିତୁ ଇଲେଭେନ୍ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ୍ ହରାଇ ୨୬୫ ରନ୍ ସଂଗ୍ରହ କରିବା ସହିତ ଦଳ ପକ୍ଷରୁ ପୁପୁନ୍ ସାମଲ ୨୬ ବଲରେ ସର୍ବାଧିକ ୬୪ ରନ୍ ସଂଗ୍ରହ କରିଥିଲେ । ଏହାର ଜବାବରେ କାଏମା ଦଳ ୧୫ ଓଭରରେ ୭ ୱିକେଟ୍ ହରାଇ ୧୮୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଛତିଆ ଓ ଏସ.ଜି. କ୍ଲବ୍, ଆଦମପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।



ଆଦମପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ୱିକେଟ୍ ହରାଇ ୧୮୯ ରନ୍ ସଂଗ୍ରହ କରିଥିଲା । ଅନ୍ୟ ପକ୍ଷରେ ଛତିଆ ଦଳ ୮ ୱିକେଟ୍ ହରାଇ ୧୬୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ଅମ୍ପାୟାର୍ ଭାବେ ତିଳକ୍ ଜେନା, ଲିପୁ ବରାଳ ଓ ମୃତ୍ୟୁଞ୍ଜୟ ବରାଳ ଖେଳ ପରିଚାଳନା କରିଥିଲେ । ବିଶ୍ୱନାଥ ବିଶ୍ୱାଳ, ତାପସ ନାୟକ ସ୍କୋରର ଦାୟିତ୍ୱ ନିର୍ବାହ କରିଥିବା ବେଳେ ନାଗାର୍ଜୁନ ସାମଲ ଧାରା ବିବରଣୀ ପ୍ରଦାନ କରିଥିଲେ । ନରୋତ୍ତମ ସ୍ୱାଇଁ, ଶ୍ରୀକାନ୍ତ ବିଶ୍ୱାଳ, ଗଣେଶ୍ୱର ସେଠୀ, ଗୁଗୁଲ୍ ସାହୁ ପ୍ରମୁଖ ପ୍ରତିଯୋଗୀତା ଆୟୋଜନରେ ସହଯୋଗ କରିଥିଲେ । ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତଃ ରବି ଲାବଣ୍ୟଙ୍କ ସ୍ମୃତିରେ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ଆଠ ଗୋଟି କ୍ରିକେଟ୍ ଦଳ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି ।

# ପ୍ରମୋଦ ଭଗତଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବିଶ୍ୱ ପାରା ବ୍ୟାଡମିଂହଟନ ଚାମ୍ପିୟନସିପରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଓଡ଼ିଶାର ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି । ତାଙ୍କର ଅଦମ୍ୟ ନିଷ୍ଠା ଓ ପରିଶ୍ରମ ନିଶ୍ଚୟ ଭାବେ ଆଗାମୀ ପିଢ଼ୀକୁ ଅଧିକ ଉଚ୍ଚତାରେ ପହଞ୍ଚିବାକୁ ପ୍ରେରିତ କରିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି – ବିଶ୍ୱ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନସିପ୍‌ରେ ଷଷ୍ଠ ସ୍ୱର୍ଣ୍ଣ ପଦକ ସହ କ୍ରମାଗତ ଚତୁର୍ଥ ଥର ପାଇଁ ବିଶ୍ୱ ଟାଇଟଲ୍ ଜିତି ଇତିହାସ ରଚିଥିବା ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କଲି । ତାଙ୍କର ଏହି ସଫଳତା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ଓ ଆମ ଯୁବ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଏକ ପ୍ରେରଣା । ତାଙ୍କର ଅଦମ୍ୟ ନିଷ୍ଠା ଓ ପରିଶ୍ରମ ନିଶ୍ଚୟ ଭାବେ ଆଗାମୀ ପିଢ଼ୀକୁ ଅଧିକ ଉଚ୍ଚତାରେ ପହଞ୍ଚିବାକୁ ପ୍ରେରିତ କରିବ । ଶ୍ରୀ ପ୍ରମୋଦ ଭଗତଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଉତରୋତର ସଫଳତା ପାଇଁ ମୋର ଆନ୍ତରିକ ଶୁଭେଚ୍ଛା ।

### ଡବଲ୍ ସ୍ୱର୍ଣ୍ଣ ଜିତି ଓଡ଼ିଶା ଫେରିଲେ ପ୍ରମୋଦ

ବାହାରିନ ଠାରେ ଅନୁଷ୍ଠିତ ବିଡବ୍ଲୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍‌ରେ ୨ଟି ସ୍ୱର୍ଣ୍ଣପଦକ ହାସଲ କରିବା ପରେ ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ କ୍ରୀଡା ବିଭାଗ ଓ ବିଭିନ୍ନ ପାରା ଆଥଲେଟିକଙ୍କ ଦ୍ୱାରା ପ୍ରମୋଦଙ୍କୁ ସ୍ୱାଗତ କରାଯାଇଥିଲା । ବାହାରିନର ମାନାମା ଠାରେ ଅନୁଷ୍ଠିତ ଏହି ଚମ୍ପିଆନସିପ୍ ର ପୁରୁଷ ସିଙ୍ଗଲ୍ସ (ଏସଏଲ୩) ଏବଂ ପୁରୁଷ ଡବଲ୍ସ (ଏସଏଲ୩-ଏସଏଲ ୪) ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ ହାତେଇଛନ୍ତି ପ୍ରମୋଦ ଭଗତ ।

# ବାରିପଦାରେ ଆରମ୍ଭ ହେବ ହେଲି ଟେକ୍ସି ସେବା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦାରୁ ଭୁବନେଶ୍ୱର ଗମନାଗମନ ପାଇଁ ହେଲି ଟେକ୍ସି ସେବା ଆରମ୍ଭ ହେବାକୁ ଯାଉଛି । ଆସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରୁ ଏହି ସେବା ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ମଙ୍ଗଳବାର ପବ୍ୱନ ହଂସ କମ୍ପାନୀ ପକ୍ଷରୁ ପ୍ରଥମ କରି ଟ୍ରାୟଲ ରନ୍ ହୋଇଯାଇଛି । ପରୀକ୍ଷାମୂଳକ ଅବତରଣ କରିବା ପରେ ଜିଲ୍ଲା ପୋଲିସ ଓ ଜିଲ୍ଲା ପର୍ଯ୍ୟଟନ ବିଭାଗ ସହିତ ପବ୍ୱନହଂସ କମ୍ପାନୀର କର୍ମକର୍ତ୍ତାମାନେ ଆଲୋଚନା କରିଛନ୍ତି । ବାରିପଦା ପୋଲିସ ଲାଇନ ହେଲିପ୍ୟାଡ୍ ଠାରୁ ଭୁବନେଶ୍ୱର ବିମାନ ବନ୍ଦରକୁ ସେବା ପ୍ରଦାନ ହେବ । ରାଜ୍ୟ ବାଣିଜ୍ୟ, ପରିବହନ ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆଲୋଚନା ପରେ ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବା ସୂଚନା ନେଇ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି । ଭୁବନେଶ୍ୱରରୁ ପର୍ଯ୍ୟଟକମାନଙ୍କୁ ଆଣି ବାରିପଦା ପହଞ୍ଚାଇବା ସହିତ ଶିମିଳିପାଳ ପାଦଦେଶ ଲୁଲୁଙ୍ଗ ଠାରେ ରହଣୀ ବ୍ୟବସ୍ଥା କରିବାର ବ୍ୟବସ୍ଥା ମଧ୍ୟ କରାଯାଇଥିବା କହିଛନ୍ତି । ଖୁବଶୀଘ୍ର ପର୍ଯ୍ୟଟନ ବିଭାଗ ପକ୍ଷରୁ ଏଥିପାଇଁ ଏସ୍‌ଓପି ଜାରି କରାଯିବ । ଏହି ସେବା ଆରମ୍ଭ ଫଳରେ ମୟୂରଭଞ୍ଜ ଜିଲ୍ଲାର ପର୍ଯ୍ୟଟନ, ବାଣିଜ୍ୟ ଓ ଆପାତକାଳୀନ ସେବାରେ ନୂତନ ଗତି ଆସିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି । ବର୍ତ୍ତମାନ ପାଇଁ ଏହି ହେଲିକେପ୍ଟର ମାସକୁ ୪ ରୁ ୫ ଥର ଉଡାଣ ଭରିବା ନେଇ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି ।



GOVERNMENT OF ODISHA
OFFICE OF THE SUPERINTENDING ENGINEER
NIMAPARA IRRIGATION DIVISION, NIMAPARA
Notice Invitation of Tenders
e-Procurement Notice No.- 09 / 2025-26 on dated 23.02.2026
E-mail Id: eenidnimapara@gmail.com

32001/138/2526

1. Type of Work: - Canal, Road & Embankment Works.
2. Total No. of Work: - 11 (Eleven) Nos.
3. Bid Security (EMD) in Rupees: - Refer to DTCN
4. Cost of Bids in Rupees: - Rs. 10,000 /-
5. Class of Contractors:- "B" Class
6. Period of Completion: - Refer to DTCN

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids on line. |
|---|---|---|---|
| Superintending Engineer, Nimapara Irrigation Division, Nimapara | NID- 225 / 2025-26 to NID- 235 / 2025-26 | Rs. 81.13 to Rs. 83.90 | From 27.02.2026 11.00 A.M. to 13.03.2026 5.30 P.M. |

Date of opening of the Bid: - 16.03.2026 at 11.00 A.M.
Further details can be seen from the Govt. Website www.tendersodisha.gov.in

Sd/- Superintending Engineer
Nimapara Irrigation Division,
Nimapara

OIPR-32001/32097/1/25-26/0001

# ରୋହିତ-କୋହଲିଙ୍କୁ ମନେ ପକାଉଛନ୍ତି ଭାରତରୁ-ପାକିସ୍ତାନ ଫ୍ୟାନ୍ସ

**ନୂଆଦିଲ୍ଲୀ**

କଥାରେ ଅଛି ପାଖରେ ଥିବା ଜିନିଷର ଗୁରୁତ୍ୱ ସେବେ ଅନୁଭବ ହୁଏ ଯେବେ ଚାରିଆଡ଼ ଅନ୍ଧାର ହୋଇଯାଏ । ଛତାର ଦରକାର ସେବେ ପଡ଼େ ଯେବେ ବର୍ଷା ପାଣିକୁ ନିୟନ୍ତ୍ରଣ ବାହାରେ ଥାଏ । ଗତ ବିଶ୍ୱକପ ଜିତିବା ପରେ ଯିଏ ଅବସର ନେଇଗଲେ ଆଜି ୧୪୦ କୋଟି ଭାରତୀୟ ତାଙ୍କୁ ମନେ ପକାଉଛନ୍ତି । ହିଟ୍‌ମ୍ୟାନ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଗୁରୁତ୍ୱ ଏବେ ଜାଣାପଡୁଛି । ଟି-ଟ୍ୱେଣ୍ଟି ବିଶ୍ୱକପ ୨୦୨୬ ସୁପର ୮ରେ ଭାରତ ଦ.ଆଫ୍ରିକାଠୁ ହାରିବା ପରେ ଏବେ ସୋସିଆଲ ମିଡିଆରେ ରୋହିତ ଓ କୋହଲି ଟ୍ରେଣ୍ଡ କରୁଛନ୍ତି । ଚେଜ୍‌ମାଷ୍ଟର ବିରାଟ କୋହଲିଙ୍କ ଚମତ୍କାର ଇନିଂସ ଏବଂ ରୋହିତ ଶର୍ମାଙ୍କ ଅଧିନାୟକତ୍ୱକୁ ମନେ ପକାଉଛନ୍ତି ଫ୍ୟାନ୍ସ ।

ଲକ୍ଷ୍ୟ ପିଛା କରିବା କାହିଁକି କଷ୍ଟକର ଚଳିତ ବିଶ୍ୱକପରେ, ଭାରତ ପ୍ରଥମେ ବ୍ୟାଟିଂ କରି ପ୍ରଥମ ୪ଟି ମ୍ୟାଚ୍ ଜିତିଥିଲା । ଦକ୍ଷିଣ ଆଫ୍ରିକା ବିପକ୍ଷରେ ୧୮୮ ରନର ଲକ୍ଷ୍ୟ ପିଛା କରି ଦଳ ୧୯ ଓଭର ପୂର୍ବରୁ ୧୧୧ ରନରେ ଅଲଆଉଟ୍ ହୋଇଯାଇଥିଲା । ପୂର୍ବତନ ପାକିସ୍ତାନୀ ପେସର ମହମ୍ମଦ ଆମିର ଏକ ପାକିସ୍ତାନୀ ଟିଭି ଶୋ'ରେ କହିଥିଲେ, 'ବିଶ୍ୱକପରେ ପ୍ରଥମ ଥର ପାଇଁ, ଲକ୍ଷ୍ୟ ପିଛା କରିବା ସମୟରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ପ୍ରଭାବିତ ହୋଇଛି । ଲୋକମାନେ ଭୁଲି ଯାଉଛନ୍ତି ଯେ, ବିଶ୍ୱ ଚାମ୍ପିଅନ୍ ଦଳରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଥିଲେ, ଯେଉଁମାନେ ପରିସ୍ଥିତି ସହିତ ମ୍ୟାଚ୍‌କୁ ଖାପ ଖୁଆଇ ପାରିବେ ।' ଲକ୍ଷ୍ୟ ପିଛା କରିବା ସମୟରେ ସମସ୍ତ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆର ରେକର୍ଡ ୧୨-୨ ଥିବା ବେଳେ, ଏହା ମଧ୍ୟ ସତ୍ୟ ଯେ ଭାରତୀୟ ଦଳ ଏପର୍ଯ୍ୟନ୍ତ କେବଳ ୩ ଥର ୧୬୦+ ଲକ୍ଷ୍ୟ ପିଛା କରିବାରେ ସଫଳ ହୋଇଛି । ଏହି ୩ ଥର ବିରାଟ କୋହଲି ଟିମ୍ ଇଣ୍ଡିଆର ବିଜୟର ହିରୋ ପ୍ରମାଣିତ ହୋଇଥିଲେ ।



ଟି-୨୦ ବିଶ୍ୱକପରେ ଟାର୍ଗେଟ ପିଛା କରି କୋହଲିଙ୍କ ବିରାଟ ପାଳି- ୭୨ (୪୪) ବନାମ ଦକ୍ଷିଣ ଆଫ୍ରିକା ୧୭୨/୪; ଭାରତ ୧୭୬/୪ ଢାକା, ୨୦୧୪ରେ ୮୨ (୫୧) ବନାମ ଅଷ୍ଟ୍ରେଲିଆ ୧୬୦/୬; ଭାରତ ୧୬୧/୪ ମୋହାଲି, ୨୦୧୬୮୨ (୫୩) ବନାମ ପାକିସ୍ତାନ ୧୫୯/୮; ଭାରତ ୧୬୦/୬ ମେଲବୋର୍ଣ୍ଣ, ୨୦୨୨ରେ ୩ ଥର, ବିରାଟ କୋହଲିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା । ଏପରିକି ପାକିସ୍ତାନୀ ପ୍ରଶଂସକମାନେ ନିଜ ପରାଜୟ ଅପେକ୍ଷା ବିରାଟଙ୍କ ମହାନ ଇନିଂସକୁ ଅଧିକ ପ୍ରଶଂସା କରଥିବା ଦେଖିବାକୁ ମିଳିଥିଲା ।

'ରୋ-କୋଙ୍କ ପାଇଁ ଭଲ ରେକର୍ଡ'- ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ୍ ଏକ ଟିଭି ଚ୍ୟାନେଲରେ କହିଛନ୍ତି, ଲଗାତାର ୧୨ ବିଜୟର ରେକର୍ଡ ଏହି ଦଳର ନୁହେଁ । ସେତେବେଳେ ସୂର୍ଯ୍ୟ କୁମାର ଯାଦବ ଅଧିନାୟକ ନଥିଲେ । ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ଏବଂ ବିରାଟ କୋହଲିଙ୍କ ମ୍ୟାଚ୍ ବିଜୟୀ ଇନିଂସ ଦଳକୁ ଏହି ସ୍ଥାନରେ ପହଞ୍ଚାଇଥିଲା । ତେଣୁ ଲଗାତାର ୧୨ ବିଜୟର ରେକର୍ଡକୁ ଏହି ଦଳ ସହିତ ଯୋଡିହେବ ନାହିଁ ।

ବିଶ୍ୱକପରେ ବିରାଟ-ରୋହିତ ନମ୍ବର ୧ ଏବଂ ନମ୍ବର ୨- ଟି-୨୦ ବିଶ୍ୱକପରେ ସର୍ବାଧିକ ରନ କରିବାର ରେକର୍ଡ ମଧ୍ୟ ବିରାଟ କୋହଲିଙ୍କ ନାମରେ ଅଛି । ତାଙ୍କ ପରେ ରୋହିତ ଶର୍ମା ଅଛନ୍ତି । ୩୫ଟି-୨୦ ବିଶ୍ୱକପ ମ୍ୟାଚରେ ବିରାଟ କୋହଲି ସର୍ବାଧିକ ରନ (୧୨୯୨ ରନ) (ହାରାହାରି ୫୯, ଷ୍ଟ୍ରାଇକରେଟ୍ ୧୨୯) କରିଛନ୍ତି । ରୋହିତ ଶର୍ମା ୪୭ ମ୍ୟାଚରେ ୧୨୨୦ ରନ (ହାରାହାରି ୩୫, ଷ୍ଟ୍ରାଇକରେଟ୍ ୧୩୩) ସହିତ ଦ୍ୱିତୀୟ ସ୍ଥାନରେ ଅଛନ୍ତି ।

୨୦୨୪ ବିଶ୍ୱକପର ଜିତିବା ପରେ ବିରାଟ କୋହଲି ଏବଂ ରୋହିତ ଶର୍ମା ମସିହାରେ ଟି-୨୦ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ସଂଯୋଗବଶତଃ, ରବିନ୍ଦ୍ର ଜାଡେଜା ମଧ୍ୟ ସେହି ଦିନ ଟି-୨୦ କ୍ରିକେଟରୁ ସନ୍ନ୍ୟାସ ନେଇଥିଲେ । ଗତ ୯ଟି ବିଶ୍ୱକପରେ ଭାରତ ୫୭ଟି ମ୍ୟାଚ୍ ଖେଳିଛି, ଯେଉଁଥିରେ ୩୯ଟିରେ ବିଜୟୀ ହୋଇଛି ଏବଂ ୧୬ଟିରେ ପରାଜିତ ହୋଇଛି । ଗୋଟିଏ ମ୍ୟାଚ୍ ଡ୍ର ହୋଇଛି ।



# ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ଅଣହିନ୍ଦୁ ପ୍ରବେଶ, ୭ ଘଣ୍ଟା ନୀତି ବିଳମ୍ବ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ପ୍ରଭୁ ବଳଦେବଜୀଉଙ୍କ ନୀତିକାନ୍ତିରେ ବାଧା । ପ୍ଲାଷ୍ଟିକ ବୋତଲ୍ ଗୋଟାଇବା ପାଇଁ ପାଚେରୀ ଡେଇଁ ମନ୍ଦିର ଭିତରକୁ ପ୍ରବେଶ କଲେ ଜଣେ ଅଣହିନ୍ଦୁ । ଯାହାକୁ ନେଇ ଆରମ୍ଭ ହୋଇଥିଲା ବିବାଦ । ଦୀର୍ଘ ୭ ଘଣ୍ଟାକାଳ ବନ୍ଦ ରହିଲା ମହାପ୍ରଭୁ ବଳଦେବଜୀଉଙ୍କ ନୀତିକାନ୍ତି । ମନ୍ଦିର ପରିଚାଳନା କମିଟିର ବୈଠକ ପରେ ସମାଧାନର ବାଟ ବାହାରିଥିଲା । ପରେ ମନ୍ଦିର ଶୋଧ କରାଯାଇ ମଧ୍ୟାହ୍ନ ସାଢ଼େ ୧୨ଟା ପରେ ଆରମ୍ଭ ହେଲା ନୀତିକାନ୍ତି । ଏନେଇ ସୂଚନା ଦେଇଛନ୍ତି ମନ୍ଦିର ସୁପରଭାଇଜର ଜ୍ୟୋତିରଞ୍ଜନ ପତ୍ରୀ । ମନ୍ଦିର ସୁପରଭାଇଜର ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି,' ମଙ୍ଗଳବାର ସକାଳ ସାଢେ ୬ଟା ସମୟରେ ତୁଳସୀକ୍ଷେତ୍ର ଆରାଧ ମହାପ୍ରଭୁ ବଳଦେବଜୀଉଙ୍କ ମନ୍ଦିରକୁ ଜଣେ ଅଣହିନ୍ଦୁ ପ୍ଲାଷ୍ଟିକ ବୋତଲ ଓ ଅନ୍ୟାନ୍ୟ ସାମଗ୍ରୀ ଗୋଟାଇବା ଲକ୍ଷ୍ୟ ନେଇ ପାଚେରୀ ଡେଇଁ ଭିତରକୁ ପଶିଥିଲେ । ଏହାକୁ ଜଣେ ସେବାୟତ ଦେଖି ସୂଚନା ଦେବା ପରେ ମଙ୍ଗଳ ଆଳତୀ ନୀତି ବନ୍ଦ ରହିବା ସହ ବିଭିନ୍ନ ପୂଜାର୍ଚ୍ଚନା ବନ୍ଦ ରହିଥିଲା ।' ସେ ଆହୁରି ମଧ୍ୟ କହିଛନ୍ତି,' ଅନ୍ୟପଟେ ପାଳିଆ ସେବାୟତ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରସାଦ ନଷ୍ଟ ହେଲେ ସେମାନଙ୍କ ଖର୍ଚ୍ଚ ଅଧିକ ହେବ ବୋଲି କହି ସେଗୁଡ଼ିକୁ ବିକ୍ରି କରିବା ପାଇଁ କହିବା ପରେ ମନ୍ଦିର ପରିଚାଳନା କମିଟି ଏହି ପ୍ରସ୍ତାବରେ ରାଜି ହୋଇନଥିଲେ । ତେଣୁ ଦୀର୍ଘ ୭ ଘଣ୍ଟା ଧରି ମହାପ୍ରଭୁଙ୍କ କୌଣସି ନୀତି ହୋଇପାରିନଥିଲା । ମଧ୍ୟାହ୍ନରେ ସେବାୟତ ଓ ପରିଚାଳନା କମିଟିର ଜରୁରୀକାଳୀନ ବୈଠକ ଡକାଯାଇ, ଯାହା ନଷ୍ଟ ହେବ ମନ୍ଦିର କମିଟି ବହନ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ପୁଣି ନୀତିକାନ୍ତି ସ୍ୱାଭାବିକ ହୋଇଥିଲା ।' ସେପଟେ ଏଭଳି ଘଟଣାକୁ ନେଇ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ଉଠାଇଛନ୍ତି ସାଧାରଣ ଲୋକେ ।



# ଟେଟ୍ରା ପ୍ୟାକରେ ମଦ ବିକ୍ରି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ ସରକାର, ନହେଲେ ଆନ୍ଦୋଳନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅବକାରୀ ନୀତି ଅନୁସାରେ କାଚ ବୋତଲ ପରିବର୍ତ୍ତେ ଟେଟ୍ରା ପ୍ୟାକ ବ୍ୟବହାରକୁ ଅନୁମତି ଦେଇଛନ୍ତି ରାଜ୍ୟ ସରକାର। ପରିବେଶ ସୁରକ୍ଷା ଦୃଷ୍ଟିକୋଣରୁ ସମସ୍ତ ସମ୍ପୃକ୍ତ ସଂସ୍ଥା ବା ବ୍ୟକ୍ତିଙ୍କୁ କାଚ ବୋତଲ ପୁନଃବ୍ୟବହାର ପାଇଁ ଅବକାରୀ ବିଭାଗ ପରାମର୍ଶ ଦେଇଛି । ଏହାକୁ ନେଇ ବିଭିନ୍ନ ବର୍ଗରୁ ପ୍ରତିକ୍ରିୟା ଆସିବାରେ ଲାଗିଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କ ଏହି ନିଷ୍ପତ୍ତିକୁ କଠୋର ସମାଲୋଚନା କରିଛନ୍ତି । ସରକାର ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର ନକଲେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି ।

ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ କହିଛନ୍ତି, 'ଓଡ଼ିଶାକୁ ମଦମୁକ୍ତ କରିବା ପାଇଁ ନିର୍ବାଚନ ସମୟରେ ବଡ଼ ବଡ଼ ପ୍ରତିଶ୍ରୁତି ଦେଇ ବିଜେପି ସରକାର କ୍ଷମତାକୁ ଆସିଥିଲା। ହେଲେ କ୍ଷମତାକୁ ଆସିବା ପରେ ମଦର ପ୍ରସାର ଓ ସହଜ ଉପଲବ୍ଧ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି । ରାଜ୍ୟରେ ଅଧିକ ମଦ ଦୋକାନ ଖୋଲିବା, କାଚ ବୋତଲ ବଦଳରେ ଟେଟ୍ରା ପ୍ୟାକରେ ମଦ ବିକ୍ରି କରିବାକୁ ନିଷ୍ପତ୍ତି ନେଇ ବିଜେପି ସରକାର ଓଡ଼ିଶାବାସୀଙ୍କୁ ହତାଶ ଓ ନିରାଶ କରିଛି । ଓଡ଼ିଶାରେ ମହିଳା, ଶିଶୁଙ୍କ ସୁରକ୍ଷା ତଥା ଆଇନଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇଥିବା ବେଳେ ସରକାରଙ୍କ ଏପରି ପଦକ୍ଷେପ ପରିସ୍ଥିତିକୁ ଆହୁରି ଅଧିକ ସଂକଟଜନକ କରି ଦେବ। ଏହା ଓଡ଼ିଶାର ମା'ଭଉଣୀଙ୍କ ସୁରକ୍ଷାକୁ ଆହୁରି ବିପନ୍ନ କରିବା ସହ ଯୁବସମାଜ ଓ କୋମଳମତି ଛାତ୍ରଙ୍କ ମନକୁ ବିକୃତ କରିବ । ବିଜେପି ସରକାର ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରୁ । ନଚେତ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଜୋରଦାର କରିବ ।' ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, 'ନିର୍ବାଚନ ସମୟରେ ବିଜେପି ଓଡ଼ିଶାକୁ ମଦମୁକ୍ତ କରିବାର ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ଏବେ ଟେଟ୍ରା ପ୍ୟାକ ପ୍ୟାକେଜିଂ ପ୍ରଚଳନ କରି ଓଡ଼ିଶାକୁ ମଦଯୁକ୍ତ ରାଜ୍ୟରେ ପରିଣତ କରିବାକୁ ଯାଉଛନ୍ତି। ମଦ ବିରୋଧରେ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିବା ବିଜେପି ଏବେ ମଦକୁ ଅଧିକ ପ୍ରୋତ୍ସାହନ ଦେଉଛନ୍ତି । ପ୍ରଥମଥର ପାଇଁ ମଦରୁ ରାଜସ୍ୱ ଆୟ ୧୦,୦୦୦ କୋଟି ଟଙ୍କା ଅତିକ୍ରମ କରିଛି । ପୂର୍ବ ସରକାରଙ୍କ ଦ୍ୱାରା ବନ୍ଦ ହୋଇଥିବା ୭୦ଟି ମଦ ଦୋକାନ ପୁନର୍ବାର ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ଲୋକଙ୍କ କଲ୍ୟାଣ ଅପେକ୍ଷା ରାଜସ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି। ମହୁଲିରୁ ମଦ, ମାଣ୍ଡିଆରୁ ମଦ ଓ ଗନ୍ଧହୀନ ମଦ, ନୂତନ ପ୍ରକାରର ମଦ ପ୍ରଚଳନ ପାଇଁ ସରକାର ଉଦ୍ୟମ କରୁଛନ୍ତି । ଏହି ନିଷ୍ପତ୍ତି ଛାତ୍ର ଓ ଯୁବକ ଯୁବତୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ।' ବିଜୁ ମହିଳା ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଛନ୍ତି, 'ଟେଟ୍ରା ପ୍ୟାକ୍ରେ ମଦ ବିକ୍ରି ଛାତ୍ରମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବ । କୌଣସି ଦାୟିତ୍ୱ ସମ୍ପନ୍ନ ସରକାର ଏହିଭଳି ନୀତିକୁ ପ୍ରୋତ୍ସାହନ ଦେବା ଅତ୍ୟନ୍ତ ନିନ୍ଦନୀୟ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ଅନୈତିକ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି । ଗୁଟୁଖା ନିଷେଧ ଉପରେ ବିଜେପିର ୟୁ-ଟର୍ଣ୍ଣ ସେମାନଙ୍କର ଦୋମୁହାଁ ନୀତିକୁ ପ୍ରଦର୍ଶିତ କରୁଛି । ଟେଟ୍ରା ପ୍ୟାକ୍ରେ ମଦ ବିକ୍ରି ପାଇଁ ସରକାର ନେଇଥିବା ଏହି ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର ପାଇଁ ବିଜେଡି ଦାବି କରୁଛି। ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିରୋଧୀ ଦଳକୁ ...

କରିବା ପରେ ଲୋକେ ସେମାନଙ୍କୁ ହଟାଇ ଦେଇଛନ୍ତି। ଆଉ ୨୪ ବର୍ଷ ପର୍ଯ୍ୟନ୍ତ ସେମାନେ ଆଉ ସରକାରକୁ ଆସିବେ ନାହିଁ ବୋଲି ସେ ଆକ୍ଷେପ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ରାଜ୍ୟ ବଜେଟରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୫୮ ପ୍ରତିଶତ ଅର୍ଥ ବ୍ୟବସ୍ଥା କରାଯାଇଛି। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହେବ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସାକାର କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ସରକାର ଭିତ୍ତିଭୂମି ବିକାଶ, ଗ୍ରାମୀଣ ବିକାଶ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପର୍ଯ୍ୟଟନ ଆଦି ପ୍ରତ୍ୟେକ କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟମାନଙ୍କ ଭିତରେ ସ୍ଥାପିତ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଉଛି। ନୂତନ ଲୋକସେବା ଭବନ, ବିଧାନସଭା ସୌଧ, ଜନ ଆଶ୍ରୟ ଭବନ ଏବଂ ବିଶ୍ୱସ୍ତରୀୟ ସଂଗ୍ରହାଳୟ ଭୁବନେଶ୍ୱରରେ ପ୍ରତିଷ୍ଠା କରାଯିବା ସହ ଦିଲ୍ଲୀର ଯଶୋଭୂମି ଭଳି ଏକ ବିଶ୍ୱସ୍ତରୀୟ ରାଜ୍ୟ ସମ୍ମିଳନୀ କେନ୍ଦ୍ର ଭୁବନେଶ୍ୱରରେ ପ୍ରତିଷ୍ଠା ପାଇଁ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇଛି ଏବଂ ଏଥିପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଓଡ଼ିଶାରେ ରେଳବାଇର ଭିତ୍ତିଭୂମି ଏବଂ ଅତ୍ୟାଧୁନିକ ପ୍ରକଳ୍ପ ନିର୍ମାଣ ବାବଦରେ କେନ୍ଦ୍ର ସରକାର ସର୍ବାଧିକ ଅର୍ଥ ବ୍ୟବସ୍ଥା କରିଥିବାରୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହ କୃତଜ୍ଞତା ପ୍ରକଟ କରିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତର ଦେବା ପୂର୍ବରୁ ଗୃହରେ ଉପସ୍ଥିତ ଥିବା କଂଗ୍ରେସ ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ। ବଜେଟ୍ ଉପରେ ସାଧାରଣ ଆଲୋଚନାରେ ପୂର୍ବରୁ ଶାସକ ଦଳ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅମର ନାୟକ ଓ ସିଦ୍ଧାନ୍ତ ମହାପାତ୍ର ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟପକ୍ଷରେ ମୁଖ୍ୟବିରୋଧୀ ଦଳ ବିଜେଡ଼ି ବିଧାୟକମାନେ ମଙ୍ଗଳବାର ଦ୍ୱିତୀୟାର୍ଦ୍ଧ ବୈଠକରେ ବେଳେ ଗୃହରେ ଅନୁପସ୍ଥିତ ଥିଲେ।

## ୯୦୭୨ କୋଟିର...

ପରାମର୍ଶ ମାଧ୍ୟମରେ ବହୁମୁଖୀ ସଂଯୋଗ ଏବଂ ଲଜିଷ୍ଟିକ୍ ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ନାଗରିକ, ସାମଗ୍ରୀ ଏବଂ ସେବାର ପରିବହନ ପାଇଁ ସୁଗମ ଯୋଗାଯୋଗ ପ୍ରଦାନ କରିବ। ପ୍ରସ୍ତାବିତ କ୍ଷମତା ବୃଦ୍ଧି ଦ୍ୱାରା ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ସହିତ ରେଳ ସଂଯୋଗୀକରଣରେ ସୁଧାର ଆସିବ। କଚନାର ଶିବ ମନ୍ଦିର (ଜବଲପୁର), କାନ୍ହା ଜାତୀୟ ଉଦ୍ୟାନ (ବାଲାଘାଟ), ଗଙ୍ଗୁଲପାରା ନଦୀ ବନ୍ଧ ଏବଂ ଜଳପ୍ରପାତ, ପେଞ୍ଚ ଜାତୀୟ ଉଦ୍ୟାନ, ଧୂଆଁଧାର ଜଳପ୍ରପାତ, ବର୍ଗୀ ଡ୍ୟାମ୍, ଗୋମଜୀ-ସୋମଜୀ ମନ୍ଦିର, ଚାନ୍ଦିଲ୍ ଡ୍ୟାମ୍, ଡାଲମା ହିଲ୍ ଟପ୍, ହେସାକୋଚା ଜଳପ୍ରପାତ, ରାଇଜାମା ଘାଟି, ଡାଲମା ବନ୍ୟପ୍ରାଣୀ ଅଭୟାରଣ୍ୟ ଇତ୍ୟାଦି ଏଥିରେ ସାମିଲ ରହିଛି। ଏହି ପ୍ରକଳ୍ପଗୁଡ଼ିକ କୋଇଲା, ଇସ୍ପାତ, ଲୁହାପଥର, ସିମେଣ୍ଟ, ବାଲାଷ୍ଟ ଏବଂ ପଥର ଖଣ୍ଡ, ଫ୍ଲାଏ ଆସ୍, ସାର, ଚୂନାପଥର, ମାଙ୍ଗାନିଜ୍, ଡୋଲୋମାଇଟ୍, ଖାଦ୍ୟଶସ୍ୟ, ପିଓଏଲ ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ। କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ୫୨ ଏମଟିପିଏ (ବାର୍ଷିକ ନିୟୁତ ଟନ୍) ଅତିରିକ୍ତ ମାଲ ପରିବହନ ହେବ। ପରିବେଶ ଅନୁକୂଳ ଏବଂ ପରିବହନର ଶକ୍ତି ସଂରକ୍ଷଣକାରୀ ମାଧ୍ୟମ ହୋଇଥିବାରୁ, ରେଳବାଇ ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚକୁ ହ୍ରାସ କରିବାରେ, ତୈଳ ଆମଦାନୀ (୬ କୋଟି ଲିଟର) ହ୍ରାସ କରିବାରେ ଏବଂ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ (୩୦ କୋଟି କିଲୋଗ୍ରାମ)କୁ ହ୍ରାସ କରିବାରେ ସାହାଯ୍ୟ କରିବ ଯାହା ଏକ କୋଟି ଗଛ ଲଗାଇବା ସହିତ ସମାନ।

## ଦୁଇଟି ଟିମ୍‌ରେ...

ଗଣତିମଣତି ହୋଇପାରିବ ନାହିଁ । ନୀଳାଦ୍ରି ବିଜେ ଭିତରେ ଗଣତି ମଣତି ପାଇଁ କେବଳ ୨୪ ଦିନ ମିଳିବ, ଗଣତି ମଣତିରେ ଏସବିଆଇ ପ୍ୟାନେଲଭୁକ୍ତ ୬ ବଣିଆଙ୍କୁ ସାମିଲ କରାଯିବ, ଜଣେ ଜେମୋଲୋଜିଷ୍ଟ ଓ ଆରବିଆଇର ୨ ଜଣ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ । ୨ ଜଣ ଏକ୍ସପର୍ଟ ଫଟୋଗ୍ରାଫର ସବୁ କିଛି ରେକର୍ଡିଂ କରିବେ, ସବୁକିଛି ଡିଜିଟାଇଜେସନ କରି ରଖାଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି । ୧୯୭୮ ମସିହାରେ ହୋଇଥିବା ଗଣତି ମଣତି ବେଳେ ୭୨ ଦିନ ଲାଗିଥିଲା, ୧୯୭୮ ଗଣତି ମଣତି ସହ ମେଳକ କରାଯିବ, ଭାଲ୍ୟୁଏସନ କରାଯିବନି ।

## ରୋଗୀ, ଡାକ୍ତରଙ୍କ...

କୁହାଯାଇଥିଲା, କିନ୍ତୁ ଚତ୍ରା ଡେପୁଟି କମିଶନର କୀର୍ତ୍ତିଶ୍ରୀ ଜି ପରେ କହିଛନ୍ତି ଯେ ବିମାନରେ ଥିବା ସମସ୍ତେ ମୃତ୍ୟୁବରଣ କରିଛନ୍ତି । ଏସଡିପିଓ ଶୁଭମ ଖଣ୍ଡେଲୱାଲ କହିଛନ୍ତି ଯେ ବିମାନରେ ଥିବା ସମସ୍ତ ୭ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକମାନେ ହେଉଛନ୍ତି କ୍ୟାପଟେନ୍ ବିବେକ ବିକାଶ ଭଗତ, ସହ କ୍ୟାପଟେନ୍ ସବ୍ରଜଦୀପ, ରୋଗୀ ସଞ୍ଜୟ କୁମାର, ଅର୍ଚ୍ଚନା ଦେବୀ, ଡାକ୍ତର ବିକାଶ କୁମାର ଗୁପ୍ତାଙ୍କ ସହ ୭ ବିମାନରେ ଥିବା ସମସ୍ତଙ୍କ ମୃତ୍ୟୁ ହୋଇଛି । ରେଡବର୍ଡ ଏୟାରୱେଜ୍ ପ୍ରାଇଭେଟ ଲିମିଟେଡ୍ ଦ୍ୱାରା ପରିଚାଳିତ ବିଚକ୍ରାଫ୍ଟ ସି୯୦ ବିମାନଟି ରାଞ୍ଚିରୁ ଦିଲ୍ଲୀର ଏକ ମେଡିକାଲ ଯାଉଥିଲା । ବିମାନଟି ସନ୍ଧ୍ୟା ୭:୧୧ରେ ରାଞ୍ଚିରୁ ଉଡ଼ାଣ କରିଥିଲା ଏବଂ ପ୍ରାୟ ୧୦ଟାରେ ଦିଲ୍ଲୀରେ ଅବତରଣ କରିବାର ନିର୍ଦ୍ଧାରିତ ଥିଲା । ଡିଜିସିଏ, ଅନୁଯାୟୀ, ବିମାନଟି ସନ୍ଧ୍ୟା ୭:୩୪ରେ କଲିକତା ରାଡାର ସମ୍ପର୍କ ହରାଇଥିଲା, ଲାତେହର ଜିଲ୍ଲାର ଚାନ୍ଦୱାର ବାସିନ୍ଦା ସଞ୍ଜୟ କୁମାର ୬୫% ପୋଡ଼ିଯାଇଥିବା ବେଳେ ଗୁରୁତର ଥିଲେ । ଏହି ଘଟଣା ପରେ ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ଏକ ଟିମ୍ ଦୁର୍ଘଟଣାର କାରଣ ତଦନ୍ତ କରିବାକୁ ପଠାଯାଇଛି।

## ମାର୍ଚ୍ଚ ୧୯ରୁ ...

ଖାତାଗୁଡ଼ିକ କେଉଁ ମୂଲ୍ୟାୟନ କେନ୍ଦ୍ରକୁ ଯିବ ସେ ବାବଦରେ ବୋର୍ଡ ପକ୍ଷରୁ ଗୋପନୀୟ ଭାବେ ଟିମଗୁଡ଼ିକୁ ନିୟୋଜିତ କରାଯାଉଛି । ମାର୍ଚ୍ଚ ୧୮ ତାରିଖରୁ ପରୀକ୍ଷକ ତଥା ମୂଲ୍ୟାୟନରେ ନିୟୋଜିତ ଶିକ୍ଷକମାନେ ମୂଲ୍ୟାୟନ କେନ୍ଦ୍ରରେ ଉପସ୍ଥିତ ହେବେ । ଜଣେ ଶିକ୍ଷକ ଦିନକୁ ୨୫ ରୁ ୩୦ଟି ଖାତା ଦେଖିବେ । ଏହି ମୂଲ୍ୟାୟନ ବ୍ୟବସ୍ଥାରେ ୧୨ ହଜାରରୁ ଅଧିକ ଶିକ୍ଷକ ନିୟୋଜିତ ହୋଇଛନ୍ତି । ସେହିପରି ଜିଲ୍ଲା ସ୍ତରରେ ଶିକ୍ଷାଧିକାରୀମାନେ ପ୍ରତି ମୂଲ୍ୟାୟନ କେନ୍ଦ୍ରରେ ୪ ଜଣ ଲେଖାଏଁ ଡାଟା ଏଣ୍ଟ୍ରି ଅପରେଟର ନିୟୋଜିତ କରାଇବା ପାଇଁ ବ୍ୟବସ୍ଥା ରହିଛି । ସେହିପରି ମୁଖ୍ୟ ପରୀକ୍ଷକ, ଦୁଇ ଡେପୁଟି ଚିଫ୍ ଏକଜାମିନର ଓ ୨ ଜଣ ସ୍କୃଟିନାଇଜରଙ୍କୁ ନିୟୋଜିତ କରାଯାଇଛି ।

## ଆତ୍ମସମର୍ପଣ କଲେ...

ସଦସ୍ୟ ଗଙ୍ଗାନ୍ନା ଆତ୍ମସମର୍ପଣ କରିଛନ୍ତି । ଏହି ସମସ୍ତ ନେତା ସଂଗଠନର ଶୀର୍ଷ ଢାଞ୍ଚା ଗଠନ ମଧ୍ୟରେ ଦୀର୍ଘକାଳୀନ ପଦବୀରେ ରହିଥିବା ବେଳେ ଚାରି ଦଶନ୍ଧି ଧରି ଭୂମିଗତ କାର୍ଯ୍ୟକଳାପରେ ଜଡିତ ଥିଲେ। ସୁରକ୍ଷା ଏଜେନ୍ସିଗୁଡ଼ିକ ଏହାକୁ ନକ୍ସଲ ବିରୋଧୀ ଅଭିଯାନ ପରିପ୍ରେକ୍ଷୀରେ ଏକ ପ୍ରମୁଖ ସଙ୍କେତ ଭାବରେ ଦେଖୁଛନ୍ତି, କାରଣ ନେତୃତ୍ୱ ସ୍ତରରେ ଏପରି ନିଷ୍ପତ୍ତି ସଂଗଠନ ପ୍ରଭାବିତ କରିପାରେ। ବିଶେଷଜ୍ଞଙ୍କ ଅନୁଯାୟୀ, ନିରନ୍ତର ସୁରକ୍ଷା ଅଭିଯାନ, ପ୍ରଶାସନିକ ପ୍ରସାର ବୃଦ୍ଧି ଏବଂ ବିକାଶ ଯୋଜନାର ପ୍ରସାର ଯୋଗୁଁ ନକ୍ସଲ ପ୍ରଭାବିତ ଅଞ୍ଚଳ ବିଶେଷକରି ବସ୍ତର ଅଞ୍ଚଳର ପରିସ୍ଥିତି ସାମ୍ପ୍ରତିକ ବର୍ଷଗୁଡ଼ିକରେ ପରିବର୍ତ୍ତନ ହୋଇଛି। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଜୀବିକା ସମ୍ବନ୍ଧୀୟ ପ୍ରୟାସ ସ୍ଥାନୀୟ ଲୋକଙ୍କ ଆଶାକୁ ପ୍ରଭାବିତ କରିଛି, ଫଳରେ ଆତଙ୍କବାଦୀ ସଂଗଠନଗୁଡ଼ିକର ସମର୍ଥନ ଆଧାର ହ୍ରାସ ପାଇବା ବିଷୟରେ ଆଲୋଚନା ଆରମ୍ଭ ହୋଇଛି। ଏହାର ପ୍ରତିକ୍ରିୟାରେ ବସ୍ତର ରେଞ୍ଜ ପୋଲିସ ମହାନିରୀକ୍ଷକ ସୁନ୍ଦରରାଜ ପାଟାଲିଙ୍ଗମ କହିଛନ୍ତି ଯେ ବରିଷ୍ଠ କ୍ୟାଡରଙ୍କ ଆତ୍ମସମର୍ପଣ ଶାନ୍ତି ଏବଂ ସ୍ଥିରତା ପାଇଁ ଏକ ସକାରାତ୍ମକ ସଙ୍କେତ। ସେ ଏହା ମଧ୍ୟ କହିଛନ୍ତି ଯେ ଏହା ଦୀର୍ଘକାଳୀନ ପ୍ରଭାବିତ ଅଞ୍ଚଳରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସକୁ ମଜଭୁତ କରିବ।

## ଲଘୁଚାପ କ୍ଷେତ୍ର ...

ଏହା ପ୍ରଭାବରେ ସୋମବାର ପଶ୍ଚିମ ଓଡ଼ିଶା ସମେତ ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟମ ଧରଣର ବର୍ଷା ହୋଇଥିବାବେଳେ ସୋନପୁରର ବିନିକା ସମେତ ଜିଲ୍ଲାର କେତେକ ସ୍ଥାନରେ ବର୍ଷା ହୋଇଛି। ସେହିଭଳି ବରଗଡ଼ରେ ମେଘୁଆ ପାଗ ରହିଥିବାବେଳେ ବର୍ଷା ସହ କୁଆପଥର ମାଡ଼ ହୋଇଥିବା ସୂଚନା ମିଳିଛି। ଏଥିସହ କୋରାପୁଟରେ ମଧ୍ୟ ବର୍ଷା ଓ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି।

## ଭୁବନେଶ୍ୱରରେ କାଳବୈଶାଖୀ...

ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ତାଣ୍ଡବ ରଚିଥିଲା । କେତେକ ସ୍ଥାନରେ କୁଆପଥର ବର୍ଷା ହୋଇଥିବାର ସୂଚନଦା ମିଳିଛି। ଜନପଥରେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସେହିପରି ରସୁଲଗଡ଼, ପଳାଶୁଣୀ, ରାଜମହଲ ଓ କଟକରୋଡ ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ପଡ଼ିଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ବର୍ଷା ହେବାରୁ ସନ୍ଧ୍ୟା ସମୟରେ ଥଣ୍ଡା ପବନ ପ୍ରବାହିତ ହୋଇଥିଲା। ପାଗର ଏହି ଅଚାନକ ପରିବର୍ତ୍ତନ ସହରବାସୀଙ୍କୁ ଥଣ୍ଡା ଅନୁଭୂତି ଆଣି ଦେଇଛି।

## ମାର୍ଚ୍ଚ ୩୧ ...

ଖୁଣ୍ଟ ହୋଇଛି। ଚାଷୀଙ୍କୁ ଧାନକିଣା ବାବଦରେ ୨୮ ହଜାର ୭୧୯ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେ କହିଥିଲେ ପୂର୍ବ ସରକାର ସମୟରେ ଯେଉଁ ପ୍ରକାର କଟନି ଛଟନି ହେଉଥିଲା ତାହା ଏ ସରକାରରେ ହେଉନାହିଁ। କୃଷକ ଶକ୍ତି ଓଡ଼ିଶାର ପ୍ରଗତି। ଚାଷୀ ହେଉଛନ୍ତି ଅନ୍ନଦାତା ଓ ଆମ ଅର୍ଥନୀତିର ଆଧାର। ତେଣୁ ସେମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାର ସବୁ ପଦକ୍ଷେପ ନେଉଛନ୍ତି। ବିରୋଧୀ ଦଳର ଅଭିଯୋଗରେ ତଥ୍ୟ ଠାରୁ ଅଧିକ ରାଜନୀତି ରହିଛି। ଯାହାକୁ ଆମେ ଦୃଢ ଭାବେ ଖଣ୍ଡନ କରୁଛୁ ବୋଲି ମନ୍ତ୍ରୀ କହିଥିଲେ। ଏହି ମୁଲତବୀ ପ୍ରସ୍ତାବ ଆଲୋଚନାରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅଶୋକ ଦାସ ଭାଗ ନେଇଥିବା ବେଳେ ଶାସକ ଦଳରୁ ଅଶ୍ୱିନୀ ଷଡ଼ଙ୍ଗୀ, ସନ୍ତୋଷ ଖଟୁଆ, ପୂର୍ଣ୍ଣଚନ୍ଦ୍ର ସେଠୀ ଓ ନିହାର ରଞ୍ଜନ ମହାନନ୍ଦ ପ୍ରମୁଖ ଧ୍ୟାନ ଆକର୍ଷଣକାରୀ ନୋଟିସ୍ ଆଲୋଚନାରେ ଭାଗ ନେଇ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସବୁ ପଦକ୍ଷେପ ନେଉଛନ୍ତି ବୋଲି କହିବା ସହ ବିରୋଧୀ ଦଳର ଭୂମିକାକୁ କଡ଼ା ସମାଲୋଚନା କରିଥିଲେ। ଆଲୋଚନା ଶେଷରେ ମନ୍ତ୍ରୀଙ୍କ ଉତ୍ତର ପରେ ବାଚସ୍ପତି ମୁଲତବୀ ପ୍ରସ୍ତାବଟିକୁ ଅଗ୍ରାହ୍ୟ କରିଥିଲେ।

# ଆଧୁନିକ ଏଲଏଚବି କୋଚ୍ ସହିତ ଅପଗ୍ରେଡ୍ ହେବ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ୍ ଟ୍ରେନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଯାତ୍ରୀ ସୁରକ୍ଷା, ଆରାମ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ସୁଗମ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପୂର୍ବ ତଟ ରେଳପଥ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଇଂଟରସିଟି ଏକ୍ସପ୍ରେସ୍ ଟ୍ରେନର କୋଚ୍ ଗୁଡ଼ିକୁ ଆଧୁନିକ ଏଲଏଚବି (ଲିଙ୍କେ ହଫମାନ ବୁଶ୍) କୋଚ୍ ରେ ପରିବର୍ତନ କରିବ। ୨୫ ଫେବୃଆରୀ ୨୦୨୬ ଠାରୁ ନିମ୍ନଲିଖିତ ଟ୍ରେନଗୁଡ଼ିକୁ ଏଲଏଚବି କୋଚ୍ ସହିତ ରୂପାନ୍ତରଣ କରାଯିବ: ୧୮୩୦୧/୧୮୩୦୨ ସମ୍ବଲପୁର-ରାୟଗଡା-ସମ୍ବଲପୁର ଇଂଟରସିଟି ଏକ୍ସପ୍ରେସ୍ ଏବଂ ୧୮୩୦୩/୧୮୩୦୪ ସମ୍ବଲପୁର-ପୁରୀ-ସମ୍ବଲପୁର ଇଂଟରସିଟି ଏକ୍ସପ୍ରେସ୍।

ଏଲଏଚବି କୋଚ୍ ଗୁଡ଼ିକ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ଯାତ୍ରା ସୁବିଧା, ଉନ୍ନତ ସସପେନସନ୍ ସିଷ୍ଟମ୍ ଏବଂ ଆକର୍ଷଣୀୟ ଡିଜାଇନ୍ ସହିତ ନିର୍ମିତ କରାଯାଇଛି। ଏହି କୋଚ୍‌ଗୁଡ଼ିକ ଦ୍ରୁତ ଗତିରେ ଅଧିକ ସ୍ଥିରତା ପ୍ରଦାନ କରିବା ସହିତ ଯାତ୍ରୀଙ୍କୁ ଆଧୁନିକ ସୁବିଧା ସୁଯୋଗ ପ୍ରଦାନ କରିଥାଏ ।ଏହି ମାର୍ଗରେ ଯାତ୍ରା କରୁଥିବା ଯାତ୍ରୀମାନେ ଉନ୍ନତ ସୁବିଧା, ଉଚ୍ଚତର ସୁରକ୍ଷା ମାନଦଣ୍ଡ ଓ ସମଗ୍ର ଯାତ୍ରା ଅନୁଭବରେ ଉଲ୍ଲେଖନୀୟ ସୁଧାରର ଲାଭ ଉଠାଇପାରିବେ।



# ୨୬୦ କୋଟି ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟ ହାସଲ କଲା ପୂର୍ବତଟ ରେଳପଥ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୂର୍ବ ତଟ ରେଳପଥ ନିର୍ଦ୍ଧାରିତ ସମୟ ପୂର୍ବରୁ ରେଳବାଇ ବୋର୍ଡର ସ୍କ୍ରାପ୍ ବିକ୍ରୟ ଲକ୍ଷ୍ୟକୁ ସଫଳତାର ସହ ଅତିକ୍ରମ କରି ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ହାସଲ କରିଛି। ୨୦ ଫେବୃଆରୀ ୨୦୨୬ ସୁଦ୍ଧା, ପୂର୍ବତଟ ରେଳପଥ ମୋଟ ୨୬୦.୦୨ କୋଟି ସ୍କ୍ରାପ୍ ବିକ୍ରୟ କରି ରେକର୍ଡ କରିଛି, ଯାହା ୪୦ ଦିନ ପୂର୍ବରୁ ଏହି ଲକ୍ଷ୍ୟକୁ ଅତିକ୍ରମ କରିଛି। ଏହା ୨୦୨୪-୨୫ ମସିହାର ସମାନ ସମୟରେ ଅର୍ଜିତ ୨୦୪.୫୫ କୋଟି ଟଙ୍କା ତୁଳନାରେ ୨୭.୧୨% ଅଧିକ। ଜୋନ୍ ରେ ୧୯୦ଟି ନିଲାମ ତାରିଖ ସଫଳତାର ସହ ଆୟୋଜନ ଓ ସମନ୍ୱିତ ସାମୁହିକ ପ୍ରୟାସର ଫଳରୂପେ ଏହି ଉଲ୍ଲେଖନୀୟ ସଫଳତା ଲାଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା, ସମ୍ପଦର ସଦବ୍ୟବହାର, ଆର୍ଥିକ ସଂଯମ ଏବଂ ସମ୍ପତ୍ତିର ଦକ୍ଷ ପରିଚାଳନା ପ୍ରତି ଏହି ଜୋନର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସୁଚାରୁ ଯୋଜନା, ପାରଦର୍ଶୀ ଇ-ନିଲାମ ପ୍ରକ୍ରିୟା, ସ୍କ୍ରାପ୍ ସାମଗ୍ରୀର ବ୍ୟବସ୍ଥିତ ଚିହ୍ନଟ ଓ ପୃଥକୀକରଣ ଏବଂସମସ୍ତ ବିଭାଗ ଓ ମଣ୍ଡଳମାନଙ୍କର ସମନ୍ୱିତ ପ୍ରୟାସ ମାଧ୍ୟମରେ ଏହି ଲକ୍ଷ୍ୟ ଅର୍ଜନ କରାଯାଇଛି। ସମୟୋପଯୁକ୍ତ ନିଷ୍କାସନକୁ ସୁନିଶ୍ଚିତ କରିବା ପାଇଁ, ପୂର୍ବତଟ ରେଳବାଇ ୨୦୧୩ ମସିହାରୁ ଏହାର ସମର୍ପିତ ଭାରତୀୟ ରେଳବାଇ ଇ-ପ୍ରୋକ୍ୟୁରମେଂଟ ସିଷ୍ଟମ ପୋର୍ଟାଲ୍ ମାଧ୍ୟମରେ ଇ-ନିଲାମ ପରିଚାଳନା କରୁଛି। ଏହି ପୋର୍ଟାଲରେ ୮୯୦୦ରୁ ଅଧିକ ପଞ୍ଜୀକୃତ ବିକ୍ରେତା ଥିବାରୁ ନିଲାମ ପ୍ରକ୍ରିୟା ସ୍ୱଚ୍ଛ, ପ୍ରତିସ୍ପର୍ଦ୍ଧାମୂଳକ ଓ କାର୍ଯ୍ୟକୁଶଳ ଭାବେ ସମ୍ପନ୍ନ ହେଉଛି।

# ଓଡ଼ିଶା ହେବ ପୂର୍ବ ଭାରତର ପ୍ରମୁଖ ସାହସିକ ପର୍ଯ୍ୟଟନ କେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ହେବ ପୂର୍ବ ଭାରତର ପ୍ରମୁଖ ସାହସିକ ପର୍ଯ୍ୟଟନ କେନ୍ଦ୍ର । ମଙ୍ଗଳବାର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା,ଲୋକ ସେବା ଭବନରେ'ଗୋ-ଆଡଭେଞ୍ଚର' ପୋର୍ଟାଲର ଶୁଭାରମ୍ଭ କରିବା ସହ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ ଏବଂ ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ସହିତ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି।




ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶାରେ ସାହସିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଭାବେ ଧ୍ୟାନ ଦେଉଛନ୍ତି । ଆଧାତ୍ମିକ ପର୍ଯ୍ୟଟନରେ ସୀମିତ ନରହି,ଏହାକୁ କିଭଳି ଅନୁଭୂତିଭିତ୍ତିକ ପର୍ଯ୍ୟଟନ ସହ ଯୋଡ଼ାଯାଇପାରିବ, ସେଥିପାଇଁ ସରକାର ନୂତନ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସାହସିକ ପର୍ଯ୍ୟଟନର ପ୍ରଚଳନ ଯୁବ ଉଦ୍ୟୋଗୀମାନଙ୍କୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ନିବେଶ କରିବାକୁ ଆକର୍ଷିତ କରିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ପର୍ଯ୍ୟଟନ ପରିଦୃଶ୍ୟରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବା ପାଇଁ ପର୍ଯ୍ୟଟନ, କ୍ରୀଡ଼ା ଏବଂ ଗୃହ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଥିବାରୁ ସେ ଏହି ସହଯୋଗୀ ପ୍ରୟାସକୁ ପ୍ରଶଂସା କରିଛନ୍ତି। ଏଥିସହ,ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ପାଇଁ ସେ ସମସ୍ତ ବିଭାଗକୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, 'ରାଜ୍ୟ ସରକାର ୨୦୩୬ ସୁଦ୍ଧା ଉତ୍କର୍ଷ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ରଖି ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦେଉଛନ୍ତି"। ସଂପୃକ୍ତ ସମସ୍ତ ବିଭାଗ, ନିଜ ବିଭାଗ ସହିତ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ କ'ଣ କରାଯାଇ ପାରିବ, ସେଥିପ୍ରତି ଧ୍ୟାନ ଦେବା ସହିତ ସାମୂହିକ ପ୍ରୟାସ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାହସିକ ପର୍ଯ୍ୟଟନ ସ୍ଥାନୀୟ ଅର୍ଥନୀତି ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଓଡ଼ିଶା ପର୍ଯ୍ୟଟନର ନୂଆ ଦିଗ ଉପସ୍ଥାପନ କରି ସେ' ଥିଙ୍କ ଇଣ୍ଡିଆ, ଥିଙ୍କ ଓଡ଼ିଶା' ମନ୍ତ୍ରକୁ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ ।

'ଗୋ-ଆଡଭେଞ୍ଚର'ପୋର୍ଟାଲ ସାହସିକ ପର୍ଯ୍ୟଟନ ପ୍ରକଳ୍ପ ଗୁଡ଼ିକର ପଞ୍ଜିକରଣ, ଯାଞ୍ଚ ଏବଂ ଲାଇସେନ୍ସ ପ୍ରଦାନ ପ୍ରକ୍ରିୟାକୁ ସରଳ କରିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ମତ ପ୍ରକାଶ କରିଛନ୍ତି ।

ପର୍ଯ୍ୟଟନ ବିଭାଗ ପକ୍ଷରୁ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନ ସହ ଚୁକ୍ତି ଦ୍ୱାରା ଟ୍ରେକିଂ ଏବଂ ରକ୍ କ୍ଲାଇମ୍ବିଂ ଭଳି ସ୍ଥଳଭାଗରେ କରାଯାଉଥିବା ସାହସିକ କାର୍ଯ୍ୟକଳାପର ସୁରକ୍ଷା ଯାଞ୍ଚ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଇପାରିବ । ଏରୋ କ୍ଲବ୍ ଅଫ୍ ଇଣ୍ଡିଆ ସହ ଭାଗିଦାରୀତା, ପାରାଗ୍ଲାଇଡିଂ ଏବଂ ପାରାମୋଟରିଂ ଭଳି ଆକାଶମାର୍ଗର ସାହସିକ କ୍ରୀଡ଼ାକୁ ନିୟମିତ କରିବା ସହ ଜାତୀୟ ବିମାନ ଚଳାଚଳ ସୁରକ୍ଷା ନିୟମ ଅନୁଯାୟୀ ଏହାର ସମ୍ପ୍ରସାରଣ କରାଯିବ।

ଏଥିସହ,ବ୍ୟବସାୟିକ ସୁଗମତାକୁ ଲକ୍ଷ୍ୟରେ ରଖି ଘରୋଇ ଅପରେଟରମାନଙ୍କୁ 'ଲାଇସେନ୍ସ ଟୁ ଅପରେଟ୍' ଏବଂ 'ରିକଗ୍ନିସନ ଟୁ ସେଟଅପ୍' ପ୍ରମାଣପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ଅବସରରେ କେତେକ ସାହସିକ ପର୍ଯ୍ୟଟନ ଅପରେଟରଙ୍କୁ ଆନୁଷ୍ଠାନିକ ଭାବେ ଲାଇସେନ୍ସ ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ଏରୋ କ୍ଲବ୍ ଅଫ୍ ଇଣ୍ଡିଆର ସଭାପତି ରାଜୀବ ପ୍ରତାପ ରୁଡି ଏବଂ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର୍ ସ୍ପୋର୍ଟସ୍ ଗୋଆରୁ ଡ. ପଥ୍ୱନ ଗୁପ୍ତା ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଅଗ୍ନିଶମ ଓ ଜରୁରୀକାଳୀନ ସେବାର ଡିଜି ଡ. ସୁଧାଂଶୁ ଷଡ଼ଙ୍ଗୀ ଏହି ସମାରୋହରେ ଉପସ୍ଥିତ ଥିଲେ। ଏଥିସହିତ ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂହ, କ୍ରୀଡ଼ା ଓ ଯୁବସେବା ବିଭାଗର ସଚିବ ଭୂପେନ୍ଦ୍ର ସିଂ ପୁନିଆ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସାହସିକ ପର୍ଯ୍ୟଟନ କ୍ଷେତ୍ରର ବୈଷୟିକ ସହଯୋଗ ପାଇଁ ଏରୋ କ୍ଲବ୍ ଅଫ୍ ଇଣ୍ଡିଆର ସାଧାରଣ ସମ୍ପାଦକ ଅରବିନ୍ଦ ବଦୋନି ଏବଂ ଇଣ୍ଡିଆନ୍ ମାଉଣ୍ଟେନିୟରିଂ ଫାଉଣ୍ଡେସନର ଅନରାରୀ ସମ୍ପାଦକ କୀର୍ତ୍ତି ପାଇସା ଉପସ୍ଥିତ ଥିଲେ। ସୁରକ୍ଷା ବ୍ୟବସ୍ଥାକୁ ନେଇ ଓଡ଼ିଶା ପୋଲିସର ଆଇଜି ଅଗ୍ନିଶମ ଓ ଜରୁରୀକାଳୀନ ସେବା ଶ୍ରୀ ଉମାଶଙ୍କର ଦାଶ ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଏବଂ ସାହସିକ ପର୍ଯ୍ୟଟନ ସଂଘର ସଦସ୍ୟ ଯୋଗ ଦେଇଥିଲେ।

# ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଲିଭର ଟ୍ରାନ୍ସପ୍ଲାଣ୍ଟରେ ନୂତନ ମାଇଲଷ୍ଟୋନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ପ୍ରେସ୍ ମିଟ୍ ଆୟୋଜିତ ହୋଇଥିଲା, ଯେଉଁଥିରେ ବର୍ଷୋଧିକ କ୍ଲିନିକାଲ୍ ଅନୁଭବ ଓ ଦକ୍ଷତା ଆଧାରିତ ଲିଭର ପ୍ରତ୍ୟାରୋପଣ କ୍ଷେତ୍ରରେ ହସ୍ପିଟାଲର ସ୍ଥାନକୁ ପୁନଃ ଉଲ୍ଲେଖ କରାଯାଇଥିଲା। ଏହି ସମ୍ମିଳନୀରେ ଓଡ଼ିଶାରେ ବଢୁଥିବା ଲିଭର ରୋଗ ଭାର ନେଇ ଚିନ୍ତା ପ୍ରକାଶ ପାଇଥିଲା। ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ, ପ୍ରାୟ ପ୍ରତ୍ୟେକ ତିନି ଜଣ ମଧ୍ୟରୁ ଗୋଟିଏ ବ୍ୟକ୍ତି ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପାରନ୍ତି। ଏବଂ ପ୍ରତି ଛଅ ଜଣ ମଧ୍ୟରୁ ଗୋଟିଏ ବ୍ୟକ୍ତିଙ୍କୁ ଲିଭର ଜନିତ ଗୁରୁତର ଅବସ୍ଥା ହେବାର ଆଶଙ୍କା ରହେ, ଯାହା ପରେ ଲିଭର ସିରୋସିସ୍‌କୁ ଅଗ୍ରସର ହୋଇପାରେ।




ଆମ ରାଜ୍ୟରେ ଲିଭର ସିରୋସିସ୍‌ର ପ୍ରକୋପ ପ୍ରାୟ ୧୬.୭ ଶତଂଶ ଥିବା ବେଳେ ପୂର୍ବ ଭାରତରେ ପ୍ରାୟ ଅର୍ଦ୍ଧାଧିକ ଦୀର୍ଘକାଳୀନ ଲିଭର ରୋଗୀ ସିରୋସିସ୍‌ରେ ଚିହ୍ନଟ ହେଉଛନ୍ତି। ଦୁଃଖଦ ଭାବେ ଅଧିକାଂଶ ରୋଗୀ ଶେଷ ଓ ଜଟିଳ ଅବସ୍ଥାରେ ଚିହ୍ନଟ ହେବାରୁ ଆଗୁଆ ଚିହ୍ନଟ ଓ ସମୟମତେ ଚିକିତ୍ସାର ଆବଶ୍ୟକତା ଅଧିକ ଭାବେ ଅନୁଭବ କରାଯାଇଛି। ଜାତୀୟ ସ୍ତରରେ ଆବଶ୍ୟକତା ତୁଳନାରେ ଅଙ୍ଗ ପ୍ରତ୍ୟାରୋପଣ ସୁବିଧା ସୀମିତ ଥିବା ପରିପ୍ରେକ୍ଷିତରେ, ଏହି ପ୍ରେସ୍ ମିଟ୍‌ରେ ଉନ୍ନତ ଲିଭର ଚିକିତ୍ସା ବ୍ୟବସ୍ଥାର ଗୁରୁତ୍ୱ ଉଲ୍ଲେଖ କରାଯାଇଥିଲା, ଯାହା ରୋଗୀମାନଙ୍କୁ ପୁନର୍ବାର ସ୍ୱାସ୍ଥ୍ୟ ଓ ସାଧାରଣ ଜୀବନକୁ ଫେରାଇ ଆଣିପାରେ।

କାର୍ଯ୍ୟକ୍ରମରେ ଡାକ୍ତରମାନେ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ହୋଇଥିବା ରୋଗୀମାନେ ଏକାଠି ହୋଇ ନିଜ ଅନୁଭବ ସେୟାର କରିଥିଲେ। ପ୍ରତ୍ୟେକ ଟ୍ରାନ୍ସପ୍ଲାଣ୍ଟ ପଛରେ ଥିବା ଜୀବନ ସଂଘର୍ଷ ଓ ଆଶାର କାହାଣୀ ଏହି ଅବସରକୁ ଅଧିକ ସାରଗର୍ଭିତ କରିଥିଲା। ଏହି ପ୍ରେସ୍ ମିଟ୍‌ରେ ଡାକ୍ତରମାନେ ଓ ସଫଳ ଲିଭର ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ଯୋଗ ଦେଇଥିଲେ। ପ୍ରତ୍ୟେକ ଟ୍ରାନ୍ସପ୍ଲାଣ୍ଟ ପଛରେ ଥିବା ସଂଘର୍ଷ, ଆଶା ଓ ନୂତନ ଜୀବନର କାହାଣୀମାନେ ଏହି ଅବସରରେ ସାମ୍ନାକୁ ଆସିଥିଲା। ଏହି ବିଶେଷ କାର୍ଯ୍ୟକ୍ରମକୁ ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡାକ୍ତର ରାଜ ଶେଖର କେ, ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଅନୁଭବୀ ଡାକ୍ତର ଦଳ ଯଥା ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ପ୍ରତାପ ବେହେରା, ଡାକ୍ତର ଜ୍ଞାନରଞ୍ଜନ ରାଉତ, ଡାକ୍ତର ସମ୍ବିତ କୁମାର ଭୂୟାଁ, ଏବଂ ମଣିପାଲ ହସ୍ପିଟାଲର କ୍ଲଷ୍ଟର ଡାଇରେକ୍ଟର ସାଉଥ୍ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର ଉପସ୍ଥିତ ଥିଲେ ।

ଭୁବନେଶ୍ୱର, ୨୫ ଫେବୃୟାରୀ, ବୁଧବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କାଳିଆ ସାଆନ୍ତଙ୍କ ନାଁରେ କଳା କାରନାମା : ପ୍ରସାଦ ଓ ଚୁନରି ନାଁରେ ଲୁଟୁଛନ୍ତି ଠକ !

**ପୁରୀ, ୨୪।୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ପ୍ରାଙ୍ଗଣରେ ସବୁଠି ଟଙ୍କା ମାଗୁଛନ୍ତି । ହାତରେ ପ୍ରସାଦ ଧରି ଯାତ୍ରୀଙ୍କ ପଛରେ ଗୋଡ଼ାଇ ଗୋଡ଼ାଇ ଯାଚୁଛନ୍ତି । ଯାତ୍ରୀ ଗ୍ରହଣ କଲେ ମନଇଛା ଦକ୍ଷିଣା ମାଗୁଛନ୍ତି । ନଦେଲେ ନାସ୍ତିକ କହି ଗାଳିମନ୍ଦ କରୁଛନ୍ତି । ଜଣେ ଆମ ହାତକୁ ପ୍ରସାଦ ଦେଇ ୨ଶହ ଟଙ୍କା ମାଗିଲେ । ଆମେ ୫୦ ଟଙ୍କା ଦେବାରେ ହାତକୁ ଦେଇଥିବା ପ୍ରସାଦ ଛଡ଼ାଇ ନେଇ ଗାଳି କଲେ । ପୁଣି ଶହେ ଟଙ୍କା ଦେବାରେ କୁନ୍ଥକୁନ୍ଥ ହୋଇ ପ୍ରସାଦ ଦେଲେ । ଆମେ ତାଙ୍କୁ ପ୍ରସାଦ ମାଗି ନଥିଲୁ । ଯାଚିକରି ଦେଲେ ପୁଣି ଖରାପ ବ୍ୟବହାର କଲେ। ବେଢ଼ାସ୍ଥିତ ବିଭିନ୍ନ ଦେବଦେବୀଙ୍କ ନିକଟରେ ମଧ୍ୟ ଦକ୍ଷିଣା ମଗାଯାଉଛି । ଶ୍ରୀମନ୍ଦିର ଭଳି ଠାକୁରଙ୍କ ପବିତ୍ର ସ୍ଥଳୀରେ ଏଭଳି ଦୁର୍ବ୍ୟବହାର ଆମ୍ଭକୁ ବାଧୁଥିବା ଉତ୍ତରପ୍ରଦେଶରୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସିଥିବା ଜୁହି ଗୁପ୍ତା କହିଛନ୍ତି। ଟଙ୍କା ପାଇଁ ଶ୍ରୀମନ୍ଦିରର ମୌଳିକତା ବାଜି ଲାଗିଛି। କିଛି ଦିନ ହେବ ଫ୍ୟାନ୍ସି ଚୁନରି ବଡ଼ଦେଉଳରେ ହାଉଯାଉ ହେଉଛି। ଜରି ଝାଲର ଲଗା ଚିକିମିକି ହାତେ ଦୁଇ ହାତର ଲମ୍ବା କନା । ଚୁନରି ଠାକୁରଙ୍କ ଲାଗି କହି ଭକ୍ତ ବେକରେ ପକାଉଛନ୍ତି । ଶହେ ଦୁଇ ଶହ ଟଙ୍କା ବିନିମୟରେ ନିଜେ ସେବକ ଏହି ସବୁ ଶ୍ରୀମନ୍ଦିର ବାହାର ଫ୍ୟାନ୍ସି ଆଇଟମ୍ ଦେଉଛନ୍ତି । ଯାତ୍ରୀଙ୍କୁ ନାନା ପ୍ରକାରେ ମନଇଛା କଥା କହି ଦିଆଯିବାରେ ଅନେକ ଯାତ୍ରୀ ସବୁଜାଣି ଝିଂଝଟରୁ ବର୍ତ୍ତିବାକୁ ନେଉଛନ୍ତି । ହେଲେ ସେମାନଙ୍କ ପାଖରେ ଏହାର ମହତ୍ତ୍ୱ ରହୁନି । ଶ୍ରୀଜଗନ୍ନାଥଙ୍କ ଶିରିକାପଡ଼ାଟିଏ ହେଉ କିମ୍ବା ବାନା ଖଣ୍ଡିଏ, ଶ୍ରଦ୍ଧାଳୁ ପାଖରେ ଏହାର ବହୁ ମହତ୍ତ୍ୱ ! ଠାକୁରଙ୍କ ଲାଗି ସୂତାଟିଏ ପାଇଲେ ଭକ୍ତ କୃତାର୍ଥ ହୋଇଯାଏ । ଏବେ ଏସବୁକୁ ଉପହାସ କରୁଛି 'ଫ୍ୟାନ୍ସି ଚୁନରି' । ଠାକୁରଙ୍କ ସମ୍ମୁଖରେ ତାଙ୍କ ପ୍ରିୟ ଭକ୍ତଙ୍କୁ ଠକୁଛନ୍ତି । ଏଣୁ ଠାକୁରଙ୍କ ଲାଗି ଜିନିଷ ପ୍ରତି ମଧ୍ୟ ଶ୍ରଦ୍ଧାଳୁର ଆଗଭଳି ଶ୍ରଦ୍ଧା ରହୁନି। ସେହିଭଳି ବାନା ମଧ୍ୟ ବଣ୍ଟା ଯାଉଛି । ଯାତ୍ରୀମାନଙ୍କୁ ମହାପ୍ରଭୁଙ୍କ ବାନା କହି ଦିଆଯାଉଛି । ଏହାକୁ କିଏ କିପରି ବ୍ୟବହାର କରୁଛନ୍ତି କାହାରି ନିଘା ରହୁନି। ଫ୍ୟାନ୍ସି ଚୁନରିକୁ କିଏ ହାତରେ ବାନ୍ଧୁଛି କିଏ ବେଣିରେ । ଠାକୁରଙ୍କ ନିକଟରେ ଚାଲିଛି ଏଭଳି ମନଇଛା ବେପାର । ଭଳିକି ଭଳି ଝଲମଲ ପୁଳା ପୁଳା ଚୁନରି ହାତରେ ଧରି ଠିଆ ହେଉଛନ୍ତି । ଠାକୁରଙ୍କ ନାମରେ ଯାତ୍ରୀଙ୍କୁ ମନଗଢ଼ା କଥା କହି ଶହେ କିମ୍ବା ତଦୁର୍ଦ୍ଧ ଟଙ୍କା ନେଇ ଭକ୍ତଙ୍କ ବେକରେ ଲମ୍ବାଇ ଦେଉଛନ୍ତି । କିଛି ଭକ୍ତ ଏହାକୁ ସତ ଭାବି ବେଶ୍ କିଛି ଦକ୍ଷିଣା ଦେଇ ଆଗ୍ରହରେ ନେଉଛନ୍ତି । ଆଉ କିଛି ଏସବୁ ଠାକୁରଙ୍କ ନୁହେଁ ଜାଣି ମଧ୍ୟ ଜବରଦସ୍ତି କରାଯିବାରେ ବାଧ୍ୟ ହୋଇ ଟଙ୍କା ଦେଇ ଅନିଚ୍ଛାରେ ଗ୍ରହଣ କରୁଛନ୍ତି । ପରେ କିଏ କେମିତି ଏହାକୁ ବ୍ୟବହାର କରୁଛନ୍ତି ତା'ର କୌଣସି ଠିକ୍ ଠିକଣା ରହୁନି । କିଏ ଗାଡ଼ି ହ୍ୟାଣ୍ଡେଲରେ ବାନ୍ଧିଲାଣି ତ କିଏ ହାତରେ ଗୁଡ଼ାଇଲାଣି । ଯାହାକୁ ଦେଖି ଖୋଦ୍ ଜଣେ ସେବକ ଭୀଷଣ ବିରକ୍ତି ପ୍ରକାଶ କରିବା ସହ ଶ୍ରୀମନ୍ଦିର ଭିତରେ ଟଙ୍କା ପାଇଁ ଚାଲିଥିବା ନାଟ ବାବଦରେ ଖୋଲାଖୋଲି ବିଷ ଉଗାଳିଥିଲେ। ଅନେକ ସମୟରେ ଏହି ଚୁନରି ପକା ଓ ଜବରଦସ୍ତ ପ୍ରସାଦ ବଣ୍ଟାକୁ ନେଇ ବଡ଼ଦେଉଳରେ ଉଚ୍ଚବାଚ୍ଚ ମଧ୍ୟ ହେଉଛି। ଏସବୁ ପ୍ରତି ଦୃଷ୍ଟି ଦିଆ ନଯିବାରେ ପ୍ରତିଦିନ ଶହ ଶହ ଜଗନ୍ନାଥପ୍ରେମୀ ଠକେଇର ଶିକାର ହୋଇ ଫେରୁଛନ୍ତି । ଦର୍ଶନ ସମୟରେ ଶ୍ରଦ୍ଧାଳୁଙ୍କ ସହ ମୂଳଚାଲ୍ କରିବା କିମ୍ବା ଶ୍ରଦ୍ଧାଳୁଙ୍କଠାରୁ ମନଇଛା ଦକ୍ଷିଣା ମାଗିବାକୁ ବାରଣ ହୋଇଛି । ଶ୍ରୀମନ୍ଦିର ଅଧିକାରୀ ଓ ବରିଷ୍ଠ ସେବାୟତ ସବୁକିଛି ଦେଖୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରେ ଦିନକୁ ଦିନ ଶ୍ରଦ୍ଧାଳୁ ଶୋଷଣର ସମ୍ମୁଖୀନ ହେବା ସହ ଶ୍ରୀମନ୍ଦିର ମର୍ଯ୍ୟାଦାକୁ ହାନି ପହଞ୍ଚୁଛି ।



ଭୁବନେଶ୍ୱର : ଓଡ଼ିଶାର କାଳଜୟୀ ସାରସ୍ୱତ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ବିଧାନସଭା ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ପ୍ରମୁଖ। (ଫଟୋ : ସମ୍ବାଦ କଳିକା)

### ଜୟଦେବ ଭବନରେ 'ଦ ପିନାକିଲ ଆୱାର୍ଡ-୨୦୨୬'

# ସମାଜରେ ସଫଳ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରିବା 'ଆରାଉଣ୍ଡ ଓଡ଼ିଶା'ର ଏକ ଅଭିନବ ପ୍ରୟାସ



**ଭୁବନେଶ୍ୱର, ୨୪/୦୨ ନ୍ୟୁଜ ବ୍ୟୁରୋ**

ଦୈନିକ ଇଂରାଜୀ ଖବରକାଗଜ 'ଆରାଉଣ୍ଡ ଓଡ଼ିଶା' ଦ୍ୱାରା ଆୟୋଜିତ 'ଦ ପିନାକିଲ ଆୱାର୍ଡ-୨୦୨୬' ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବୃତ୍ତିରେ ସର୍ବୋଚ୍ଚ ସଫଳତା ହାସଲ କରିଥିବା ବ୍ୟକ୍ତିତ୍ୱଙ୍କ କୃତୀକୁ ସମ୍ମାନିତ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ । ଉକ୍ତ ଉତ୍ସବରେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଏକାମ୍ର ବିଧାୟକ ବାବୁ ସିଂ ଏବଂ ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପ୍ରମୁଖ ଯୋଗଦାନ କରି ମଞ୍ଚ ଅଳଙ୍କୃତ କରିଥିଲେ । 'ଆରାଉଣ୍ଡ ଓଡ଼ିଶା'ର ସମ୍ପାଦକ ବଂଶୀଧର ଦାସ ଅତିଥି ପରିଚୟ ପ୍ରଦାନ କରିବା ସହିତ ୨୦୧୯ ମସିହାରୁ ପ୍ରକାଶିତ ଉକ୍ତ ଦୈନିକ ଖବରକାଗଜ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ତତ୍‌ପରେ ଆମନ୍ତ୍ରିତ ଅତିଥିଗଣ ନିଜ ନିଜର ବକ୍ତବ୍ୟ ରଖିବା ସହିତ 'ଆରାଉଣ୍ଡ ଓଡ଼ିଶା'ର ଏହି ଅଭିନବ ପ୍ରୟାସର ଭୂୟସୀ ପ୍ରଶଂସା କରିଥିଲେ । ତତ୍‌ସହିତ ଏହି ମଞ୍ଚ ପଦ୍ମଶ୍ରୀ ପୁରସ୍କୃତ ବ୍ୟକ୍ତିତ୍ୱ ଡ଼ଃ ଶ୍ୟାମାମଣି ଦେବୀ, ଖ୍ୟାତି ସଂପନ୍ନା ଗାୟିକା ଡ଼ଃ ସଙ୍ଗୀତା ଗୋସାଇଁ, ବିଶିଷ୍ଟ ନୃତ୍ୟ ଶିଳ୍ପୀ ଡ଼ଃ ଜ୍ୟୋତ୍ସ୍ନାରାଣୀ ସାହୁ, ବିଶିଷ୍ଟ ସମାଜସେବୀ ଡ଼ଃ ରୋଜାଲିନ ପାଟ୍ଟଶାଣୀ ମିଶ୍ର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦୀପ୍ତିରଞ୍ଜନ ମହାପାତ୍ର ତଥା ଆର୍ନ୍ତଜାତିକ ଦୃଷ୍ଟି ବାଧିତ ୨୦-୨୦ ମହିଳା କ୍ରିକେଟ ଦଳର ବିଜେତା ସଦସ୍ୟା ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଓ ପାର୍ବତୀ ମାରାଣ୍ଡିଙ୍କୁ 'ଦ ପିନାକିଲ ଆୱାର୍ଡ-୨୦୨୬'ରେ ଭୂଷିତ କରି ନିଜର ଗୌରବ ବର୍ଦ୍ଧନ କରିଥିଲା । ଉକ୍ତ କାର୍ଯ୍ୟକ୍ରମ ପାଇଁ ଅକୁଣ୍ଠ ସହଯୋଗ ପ୍ରଦାନ କରିଥିବା ଭାଜପାର ଭୁବନେଶ୍ୱର ଜୋନ୍‌ର ଉପ-ସଭାପତି ତାପସ କୁମାର ଜେନାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ସମ୍ମାନ ପ୍ରଦାନ ଉତ୍ସବରେ ହର୍ଷିନୀ ସଙ୍ଗୀତାଳୟର ପ୍ରତିଷ୍ଠାତା ଗୁରୁ ନୀଳମଣି ଓଝାଙ୍କ ପରିଚାଳନାରେ ପରିବେଷିତ ସୁଗମ ସଙ୍ଗୀତ ସମସ୍ତଙ୍କୁ ବିମୋହିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ଓଡ଼ିଶାର ସୁନାମଧନ୍ୟ ଉପସ୍ଥାପକ ଡ଼ଃ ଶ୍ରୀନିବାସ ଘଟୁଆରୀ (ମିଲନ)ଙ୍କ ବଳିଷ୍ଠ ସଂଯୋଜନା ଅତିଥି ତଥା ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା । ପରିଶେଷରେ 'ଆରାଉଣ୍ଡ ଓଡ଼ିଶା'ର ସଂଯୋଜିକା ସ୍ୱାତୀଲେଖା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଟିଇଟି ପାସ୍ କରିଥିବା ବୟସ ଅତିକ୍ରାନ୍ତ ପ୍ରାର୍ଥୀଙ୍କୁ

# ଶିକ୍ଷା ସହାୟକ ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୪/୦୨ ନ୍ୟୁଜ ବ୍ୟୁରୋ**

ଓଟିଇଟି ପାସ୍ କରିଥିବା ନିଯୁକ୍ତି ବୟସ ଅତିକ୍ରାନ୍ତ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ସଂପର୍କରେ ପୂର୍ବରୁ ଅଦାଲତଙ୍କ ନିର୍ଦ୍ଦେଶ ରହିଛି। ତେଣୁ ସମାନ ମାମଲା ପାଇଁ ଦିଆଯାଇଥିବା ପୂର୍ବ ଆଦେଶରେ ଆଉ କୌଣସି ପରିବର୍ତ୍ତନ କରାଯାଇ ପାରିବନାହିଁ । ସେହି ଆଧାରରେ ଓଟିଇଟି ପାସ୍ କରିସାରିଥିବା ବୟସ ଅତିକ୍ରାନ୍ତ ପ୍ରାର୍ଥୀମାନଙ୍କୁ ଶିକ୍ଷା ସହାୟକ ପଦରେ ନିଯୁକ୍ତି ଦେବାକୁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତନ୍ମୟ କୁମାର ପାତ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଏହି ଆଦେଶ ଦେଇଛନ୍ତି। ସେମାନଙ୍କୁ ଶିକ୍ଷା ସହାୟକ ପଦରେ ନିଯୁକ୍ତି ପାଇଁ ଆବେଦନକାରୀମାନେ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ପଦାନ କରିବେ । ଏହି ସ୍ମାରକପତ୍ର



ଉପରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ନେବେ ବୋଲି ହାଇକୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀମାନେ ଟ୍ରେନଡ୍ ଗ୍ରାଜୁଏଟ୍ । ଏଥିସହ ସେମାନେ ଓଟିଇଟି ପାସ୍ ମଧ୍ୟ କରିଛନ୍ତି। ଶିକ୍ଷା ସହାୟକ ନିଯୁକ୍ତି ପାଇଁ ରାଜ୍ୟ ସରକାର ଯେଉଁ ଗାଇଡ୍‌ଲାଇନ୍ ଧାର୍ଯ୍ୟ କରିଛନ୍ତି ସେସବୁ ଶିକ୍ଷାଗତ ଯୋଗ୍ୟତା ଆବେଦନକାରୀମାନଙ୍କର ରହିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ାଇବା ଲାଗି ଏନସିଟି (ନ୍ୟାସନାଲ କାଉନ୍ସିଲ୍ ଫର୍ ଟିଚର୍ସ ଏଜୁକେସନ୍) ଯେଉଁ ଯୋଗ୍ୟତା ଧାର୍ଯ୍ୟ କରିଛି ତାହା ମଧ୍ୟ ଆବେଦନକାରୀଙ୍କର ରହିଛି । ୨୦୧୬ ମସିହାରେ ରାଜ୍ୟ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷା ସହାୟକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏଥିରେ ବହୁ ସଂଖ୍ୟାରେ ଶିକ୍ଷା ସହାୟକ ପଦ ଫାଙ୍କା ରହିଥିଲା । ଆବେଦନକାରୀଙ୍କର ଶିକ୍ଷା ସହାୟକ ପଦରେ ନିଯୁକ୍ତି ପାଇଁ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବାରୁ ସେ ଏଥିପାଇଁ ଆବେଦନ କରିଥିଲେ । କିନ୍ତୁ ଧାର୍ଯ୍ୟ ବୟସ ସୀମା ଅତିକ୍ରମ କରିଯାଇଥିବାରୁ ସେମାନଙ୍କ ଆବେଦନକୁ ଖାରଜ କରି ଦିଆଯାଇଥିଲା । ଏନେଇ ହାଇକୋର୍ଟରେ ବହୁ ସଂଖ୍ୟାରେ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ୨୦୨୦ ମସିହାରେ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ବହୁ ସଂଖ୍ୟାରେ ଖାଲିଥିବା ଶିକ୍ଷା ସହାୟକ ପଦରେ ଓଟିଇଟି ଶିକ୍ଷାଗତ ଯୋଗ୍ୟତାଧାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଶିକ୍ଷା ସହାୟକ ବା ଏହାସହ ସମାନ ଥିବା ପଦରେ ଏହି ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଥିଲେ । ଅଦାଲତଙ୍କ ସେହି ଆଦେଶ ଆଧାରରେ ନୂଆ ଆବେଦନକାରୀମାନେ ହାଇକୋର୍ଟକୁ ଆସିଥିଲେ। ଯେହେତୁ ପୂର୍ବ ମାମଲା ସହ ଏହି ମାମଲା ସମାନ ତେଣୁ ପୃଥକ ଆଦେଶ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀମାନଙ୍କୁ ନିଯୁକ୍ତି ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୪/୦୨/୨୦୨୬
୫,୮୯,୦୯୦ ଟଙ୍କା
ସୁନା:-୦୪ ଗ୍ରାମ୍ ୦୦୦ ମିଲିଗ୍ରାମ୍
ରୂପା:-୦୪ ଗ୍ରାମ୍ ୮୦୦ ମିଲିଗ୍ରାମ୍

## ଦୋଳ ପୂର୍ଣ୍ଣିମାରେ ରାତି ୮ଟାରୁ ସୁନାବେଶ ଦର୍ଶନ

**ପୁରୀ, ୨୪/୨ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଥିବା ଛତିଶା ନିଯୋଗ ବୈଠକ ଶେଷ ହୋଇଛି। ଦୋଳ ପୂର୍ଣ୍ଣିମାରେ ରାତି ୮ଟାରୁ ୯ ମଧ୍ୟରେ ଶ୍ରୀଜୀଉଙ୍କ ସୁନାବେଶ ଅନୁଷ୍ଠିତ ହେବ । ଏହାସହ ମାର୍ଚ୍ଚ ୧ ଓ ୨ ତାରିଖରେ ଭିତର କାଠ ଦର୍ଶନ ବନ୍ଦ ରହିବ। ବୈଠକ ସରିବା ପରେ ସୂଚନା ଦେଇଛନ୍ତି ପୁରୀ ଜିଲ୍ଲାପାଳ । ଦୋଳପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ନିମନ୍ତେ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି । ମାର୍ଚ୍ଚ ୩ତାରିଖ ରାତି ୮ରୁ ସାଢେ ୯ଟା ମଧ୍ୟରେ ମହାପ୍ରଭୁଙ୍କ ସୁନା ବେଶ ଅନୁଷ୍ଠିତ ହେବ। ରାତ୍ରି ଗୋଟାଏରୁ ଦ୍ୱାର ଫିଟା ଯାଇ ବିଭିନ୍ନ ନୀତିକାନ୍ତି ହେବ। ସକାଳ ୬ଟା ସୁଦ୍ଧା ଠାକୁରମାନେ ବିମାନରେ ବିଜେ କରିବେ। ଚଳିତ ବର୍ଷ ଭକ୍ତ ମାନେ ମହାପ୍ରଭୁଙ୍କ ସୁନା ବେଶ ଦିନ ପରିବର୍ତ୍ତେ ରାତିରେ ଦର୍ଶନ କରିବେ ବୋଲି ସୂଚନା ଦେଇଛନ୍ତି ଶ୍ରୀ ମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

# ଚାଷୀଙ୍କ ହକ୍ ପାଇଁ ଲଢ଼େଇ ଜାରି ରଖିବ ବିଜେଡି: ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨୪/୦୨ ନ୍ୟୁଜ ବ୍ୟୁରୋ**

ବିରୋଧୀ ନିଜ ଜିଦରେ ଅଟଳ । ବିଧାନସଭା ବାରମ୍ବାର ମୁଲତବୀ । ହୋହଲା, ହଟ୍ଟଗୋଳରେ ଚାଲିପାରୁନି ଗୃହ । ଏପଟେ ବିଧାନସଭା ବାହାରେ ସରକାରଙ୍କୁ ଘେରିଲା ବିଜୁ ଜନତା ଦଳ। ଲୋୟର ପିଏମଜିରେ ବିଶାଳ ଚାଷୀ ସମାବେଶ କରି ଗର୍ଜନ କରିଛି ବିଜୁ ଜନତା ଦଳ । ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋଙ୍କ ସହିତ ଜଣକ ପରେ ଜଣେ ବିଜେଡି ନେତା ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ନବୀନ ପଟ୍ଟନାୟକ ପୂରା ଦୁଇ ବର୍ଷର କଚ୍ଚା ଚିଠା ଖୋଲିଛନ୍ତି ।

ଚାଷୀ ସମାବେଶରେ ବିଜେଡି ସୁପ୍ରିମୋ ଜୟ ଜଗନ୍ନାଥରୁ ଉଦ୍‌ବୋଧନ ଆରମ୍ଭ କରିଥିଲେ । ପ୍ରଥମରୁ ବିଜେପି ସରକାରଙ୍କୁ ଟାର୍ଗେଟ୍ କରିଥିଲେ । ନବୀନ ପଟ୍ଟନାୟକ କହିଥିଲେ, ଏ ସରକାର ସ୍ଲୋଗାନ ଦେଉଛନ୍ତି 'ଜୟ କିଷାନ' କିନ୍ତୁ 'ଭାଗୋ କିଷାନ' କହୁଛନ୍ତି । ରାଜ୍ୟରେ ସରକାର କେବଳ କାହାଣୀରେ ଚାଲେ ନାହିଁ, କାମ ଦରକାର । ସାଧାରଣ ଲୋକ ସେବା ଚାହାନ୍ତି, ନେତାଙ୍କ ପ୍ରବଚନ ନୁହେଁ । ଆଗକୁ ଚାଷୀଙ୍କ ସମସ୍ୟା ସମାଧାନ ନହେଲେ, ବିଜୁ ଜନତା ଦଳ ଏ ସରକାରଙ୍କ କୁମ୍ଭକର୍ଣ୍ଣ ନିଦ୍ରା ହଜେଇ ଦେବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ।



ଏହାଛଡ଼ା ଶ୍ରୀ ପଟ୍ଟନାୟକ ଆହୁରି ମଧ୍ୟ କହିଛନ୍ତି, ଖୁବ୍‌ଶୀଘ୍ର ଏ ସରକାର ଦୁଇ ବର୍ଷ ପୂରଣ କରିବ। ମାତ୍ର ବର୍ତ୍ତମାନ ସୁଦ୍ଧା ଠିକ୍ ଭାବେ ନିଷ୍ପତ୍ତି ନେଇ ପାରୁନାହାନ୍ତି କି କୌଣସି ଯୋଜନା କାର୍ଯ୍ୟକାରୀ କରିପାରୁନାହାନ୍ତି। ନିର୍ବାଚନ ବେଳେ ବହୁତ ବଡ଼ ବଡ଼ କଥା କହୁଥିଲେ। ଲମ୍ବା ଲମ୍ବା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କିଛି ମିଳିଲାନି। ବିଜେଡି ସରକାର ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ୍ କରିଥିଲା। ଚାଷୀଙ୍କ ରୋଜଗାର ବଢ଼ାଇବାକୁ କାଳିଆ ଯୋଜନା କରିଥିଲା। ଚାଷୀଙ୍କ ପାଇଁ ଋଣ ସୁବିଧା କରିଥିଲା। ଚାଷ ଜମି ପାଇଁ ଜଳସେଚନ ସୁବିଧା କରିଥିଲା। ହେଲେ ଏ ଡବଲ ଇଞ୍ଜିନ ସରକାର ଏଯାଏଁ କ'ଣ କରିଛି ବୋଲି ଚାଷୀ ସମାବେଶରେ ପ୍ରଶ୍ନ କରିଛନ୍ତି ଶ୍ରୀ ପଟ୍ଟନାୟକ। ସେହିପରି ମଣ୍ଡି ଅବ୍ୟବସ୍ଥାକୁ ନେଇ ଶାସକ ଦଳ ଉପରେ ବର୍ଷିଛନ୍ତି ବିରୋଧୀ ଦଳ ନେତା । ଚାଷ କାର୍ଯ୍ୟ ପ୍ରାରମ୍ଭରୁ ଚାଷୀଙ୍କୁ ବିହନ କି ସାର ମିଳିଲା ନାହିଁ। ଚାଷୀ କଷ୍ଟେମଷ୍ଟେ ଅମଳ କଲାବେଳକୁ ବର୍ତ୍ତମାନ ସରକାର ଧାନ କିଣୁ ନାହାନ୍ତି। ମଣ୍ଡିରେ କଟନୀ ଛଟନୀ ବଢ଼ି ଚାଲିଛି। ଧାନ ଉଠିଲେ ବି ସଠିକ୍ ସମୟରେ ପଇସା ମିଳୁନାହିଁ । ଏବାବଦରେ ଅଭିଯୋଗ କଲେ ଚାଷୀ ମିଛ କହୁଛି ନହେଲେ ନକଲ ଚାଷୀ କହି ସରକାର ଟାଳି ଦେଉଛନ୍ତି ବୋଲି ବିରୋଧୀ ଦଳ ନେତା କହିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି, ଚାଷୀଙ୍କ ସମସ୍ୟା ନେଇ ସରକାରଙ୍କୁ ମୁଁ ଚିଠି ଲେଖିଥିଲି। ନିର୍ବାଚନ ପ୍ରତିଶ୍ରୁତି ଆନ୍ତରିକତା ସହ ପାଳନ କରିବାକୁ ଅନୁରୋଧ କରିଥିଲି। ଚାଷୀଙ୍କ ସମସ୍ୟା କିପରି ସମାଧାନ ହେବ ପ୍ରସ୍ତାବ ମଧ୍ୟ ଦେଇଥିଲି। ଚିଠିରେ ଲେଖିଛନ୍ତି ଯେ, ପ୍ରଥମେ କଟନୀ ଛଟନୀ ବନ୍ଦ ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କର। ମିଲର ଓ ସରକାରୀ ଅଧିକାରୀଙ୍କ ନେକ୍ସସ୍ ଭଙ୍ଗା ଯାଉ। ଇନପୁଟ୍ ସବସିଡିରୁ ୧୫୦ କ୍ୱିଣ୍ଟାଲ୍ ସିଲିଂ ଉଠାଯାଉ। ଧାନ ଉଠିବାର ୪୮ ଘଣ୍ଟାରେ ଡିବିଟିରେ ଚାଷୀକୁ ପଇସା ଦିଆଯାଉ। ଖୋଲାରେ ପଡ଼ିଥିବା ଧାନକୁ ୭୨ ଘଣ୍ଟାରେ କିଣାଯାଉ। ଦୁଃଖର କଥା ଏହି ପ୍ରସ୍ତାବକୁ ୧୫ ଦିନ ବିତିଗଲା କିନ୍ତୁ କିଛି ଆହ୍ୱାନ ହେଲାନାହିଁ। ପ୍ରଚାରରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଚାଷୀ ପାଇସା ଟିଏ ପାଉନାହିଁ । ଗତ ଆଠ ଦିନ ହେଲା ଚାଷୀଙ୍କ ସମସ୍ୟା ପାଇଁ ବିଜେଡି ବିଧାନସଭାରେ ଲଢୁଛି । ମାତ୍ର ରାଜ୍ୟ ସରକାରଙ୍କ ଚାଷୀଙ୍କ ସମସ୍ୟା ସମାଧାନ ପ୍ରତି ଆନ୍ତରିକତା ନାହିଁ । ସରକାରୀ ଦଳ ସ୍ଲୋଗାନ ଦେଉଛି ଜୟ କିଷାନ, କିନ୍ତୁ କାମରେ ଭାଗୋ କିଷାନ ଭଳି କାର୍ଯ୍ୟ କରୁଛି । ନବୀନ ଆହୁରି ମଧ୍ୟ କହିଛନ୍ତି, ଆଇନ ଶୃଙ୍ଖଳା କଥା ନ କହିବା ଭଲ। ବର୍ତ୍ତମାନ ରାଜ୍ୟରେ ଏବେ କେହିବି ନିରାପଦ ନୁହନ୍ତି। ଚାଷୀ ତା'ର ହକ୍ ପାଉନି। ମା' ମାନଙ୍କୁ ସୁରକ୍ଷା ମିଳୁନି। ଯୁବ ସମାଜକୁ ରୋଜଗାର ମିଳୁନି। ସବୁ ପରୀକ୍ଷାରେ ପେପର ଲିକ୍। ସରକାର ପରୀକ୍ଷା ଗୁଡ଼ିକୁ ସଠିକ୍ ଢଙ୍ଗରେ ପରିଚାଳନା କରିପାରୁନାହାନ୍ତି। ସାଧାରଣ ଲୋକଙ୍କ ଦୁଃଖ ସରୁନି । ଏ ସରକାର କ'ଣ କରୁଛନ୍ତି ବୋଲି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି।

# ୬୪ ଦେଶଙ୍କୁ ନେଇ ଓମ୍ ବିର୍ଲାଙ୍କ 'ଫ୍ରେଣ୍ଡସିପ୍ ଗ୍ରୁପ୍' : ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଦୁଇ ଓଡ଼ିଆ







**ନୂଆଦିଲ୍ଲୀ, ୨୪।୨**

ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ୬୪ ଦେଶଙ୍କ ସହ ସୋମବାର 'ଫ୍ରେଣ୍ଡସିପ୍ ଗ୍ରୁପ୍' ଗଠନ କରିଛନ୍ତି । ଏଥିରେ ଏନ୍‌ଡିଏର ସହଯୋଗୀ ଦଳମାନଙ୍କ ସହିତ ବିରୋଧୀ ପକ୍ଷଙ୍କ ସମସ୍ତ ନେତା ସ୍ଥାନ ପାଇଛନ୍ତି । ଫଳରେ ଏହି ଦେଶମାନଙ୍କ ସଂସଦୀୟ ସମ୍ପର୍କ ଆହୁରି ଦୃଢ଼ୀଭୂତ ହେବ ବୋଲି ଆଶା କରାଯାଉଛି । ବିଜେପିର ବରିଷ୍ଠ ସାଂସଦ ବୈଜୟନ୍ତ ପଣ୍ଡା ଗୁରୁତ୍ୱପୂର୍ଣ୍ଣ ଆମେରିକା ଫ୍ରେଣ୍ଡସିପ୍ ଗ୍ରୁପର ନେତୃତ୍ୱ କରୁଥିବାବେଳେ ବିଜେପିର ଅନ୍ୟତମ ବରିଷ୍ଠ ନେତା ଭର୍ତ୍ତୃହରି ମହତାବଙ୍କୁ ଇସ୍ରାଏଲ ଫ୍ରେଣ୍ଡସିପ୍ ଗ୍ରୁପର ଦାୟିତ୍ୱ ଦିଆଯାଇଛି। ସେହିପରି ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କୁ ଜର୍ଜିଆ ଓ ବିଜେପିର ବରିଷ୍ଠ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ତାଞ୍ଜାନିଆ ଗ୍ରୁପର ଦାୟିତ୍ୱ ଦିଆଯାଇଛି । କଂଗ୍ରେସର ଶଶି ଥରୁର, କେସି ଭେଣୁଗୋପାଲ, ମନିଷ ତିୱାରୀ, ଗୌରବ ଗୋଗୋଇ ଓ ପି ଚିଦାମ୍ବରମଙ୍କୁ ବିଭିନ୍ନ ଫ୍ରେଣ୍ଡସିପ୍ ଗ୍ରୁପର ନେତୃତ୍ୱ ପାଇଁ ମନୋନୀତ କରାଯାଇଛି । ବିଜେପିର ରବି ଶଙ୍କର ପ୍ରସାଦ, ନିଶିକାନ୍ତ ଦୁବେ, ଅନୁରାଗ ଠାକୁର, ଡି.ପୁରନ୍ଦେଶ୍ୱରୀ, ହେମାମାଳିନୀ, ବିପ୍ଳବ କୁମାର ଦେବ ଓ ଜଗଦମ୍ବିକା ପାଲ୍‌ଙ୍କୁ ମଧ୍ୟ ବିର୍ଲା ନିଯୁକ୍ତ କରିଛନ୍ତି । ଏମାନଙ୍କ ସହ ଟି ଆର ବାଲୁ (ଡିଏମକେ), କାନି ମୋଝି (ଡିଏମକେ), ଅଖିଳେଶ ଯାଦବ (ସମାଜବାଦୀ ପାର୍ଟି), ସଞ୍ଜୟ କୁମାର ଝା (ଜନତା ଦଳ ୟୁ), ଡେରେକ୍ ଓ ବ୍ରିଏନ (ତୃଣମୂଳ କଂଗ୍ରେସ), ଅଭିଷେକ ବାନାର୍ଜି (ତୃଣମୂଳ କଂଗ୍ରେସ), ଏମ୍ ଥମ୍ବିଦୁରାଇ (ଏଆଇଏଡିଏମକେ), ରାମଗୋପାଳ ଯାଦବ (ସମାଜବାଦୀ ପାର୍ଟି), ସୁପ୍ରିୟା ସୁଲେ (ଏନସିପିଏସପି) ଓ ସଞ୍ଜୟ ସିଂହ (ଆପ୍) ନିଯୁକ୍ତ ହୋଇଛନ୍ତି ।

ଶଶି ଥରୁର ଫ୍ରାନ୍ସ, ପି.ଚିଦାମ୍ବରମ୍ ଇଟାଲି, ଅଖିଳେଶ ଯାଦବ ଜାପାନ, ମନିଷ ତିୱାରୀ ଅଷ୍ଟ୍ରେଲିଆ, ସୁପ୍ରିୟା ସୁଲେ ସିଙ୍ଗାପୁର, କାନିମୋଝି ଗ୍ରୀସ୍, ହେମାମାଳିନୀ ଦକ୍ଷିଣ ଆଫ୍ରିକା, ନିଶିକାନ୍ତ ଦୁବେ ଋଷିଆ, ସଞ୍ଜୟ ଝା ଜର୍ମାନୀ ଓ ଡେରେକ୍ ଓ ବ୍ରିଏନଙ୍କୁ ଚିଲି ଭଳି ଗୁରୁତ୍ୱପୂର୍ଣ୍ଣ ଦେଶ ସକାଶେ ନିଯୁକ୍ତ କରାଯାଇଛି । ଏହି ନେତାମାନଙ୍କ ଅଧୀନରେ ଗଠନ ହୋଇଥିବା ଫ୍ରେଣ୍ଡସିପ୍ ଗ୍ରୁପରେ ବିଭିନ୍ନ ରାଜନୈତିକ ଦଳର ସାଂସଦମାନେ ଅଛନ୍ତି । ସେମାନେ ଏହିସବୁ ଦେଶକୁ ଗସ୍ତ କରି ଆଲୋଚନା ମାଧ୍ୟମରେ ଭାରତ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ ଆହୁରି ମଜବୁତ କରିବାରେ ସହାୟକ ହେବେ । ସୂଚନାଯୋଗ୍ୟ, ଅପରେସନ୍ ସିନ୍ଦୁର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ନେତୃତ୍ୱରେ ଅନେକ ଦେଶକୁ ସଂସଦୀୟ ପ୍ରତିନିଧିମଣ୍ଡଳ ପଠାଇ ଏହି ଅପରେସନ୍ ପ୍ରସଙ୍ଗରେ ଭାରତର ଦୃଷ୍ଟିକୋଣ ସ୍ପଷ୍ଟ କରାଇଥିଲେ।

# ତାଳସାରୀରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ

**ଭୋଗରାଇ ୨୪/୦୨ ନ୍ୟୁଜ ବ୍ୟୁରୋ**

ତାଳସାରୀରେ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ୧୫ଟି କଇଁଛଙ୍କ ଠାରୁ ୨୦୧୫ ଅଣ୍ଡା ସଂଗ୍ରହ କରାଯାଇଛି। ଅଲିଭ ରିଡ୍‌ଲେ କଇଁଛଙ୍କ ତୀର୍ଥସ୍ଥଳୀ ବାଲେଶ୍ୱର ଜିଲ୍ଲା ଭୋଗରାଇର ତାଳସାରୀ । ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୫ଟି କଇଁଛରୁ ମୋଟ ୨୦୧୫ଟି ଅଣ୍ଡା ସଂଗ୍ରହ କରାଯାଇଥିବା କଥା ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି କହିଛନ୍ତି।



ସମସ୍ତ ଅଣ୍ଡାକୁ ସୁରକ୍ଷିତ ଭାବେ ହେଚେରୀରେ ରଖାଯାଇଥିବା ବେଳେ ବେଳାଭୂମି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ପ୍ରତିବର୍ଷ ତାଳସାରୀ ବେଳାଭୂମି ଅଲିଭ ରିଡ୍‌ଲେ କଇଁଛମାନେ ସମୂହ ଅଣ୍ଡାଦାନ କରିଥାନ୍ତି। ଭୋଗରାଇର ଉଦୟପୁରରୁ କୀର୍ତ୍ତନିଆ ପ୍ରାୟ ୧୦କି.ମି ସୁଦୀର୍ଘ ବେଳାଭୂମି ସେମାନଙ୍କ ସୁରକ୍ଷିତ ସ୍ଥାନ। ତାଳସାରୀର ମୁରଲୀ ଚଢ଼ ଓ ନାରାୟଣ ମହାନ୍ତି ପଡିଆ ଦାଣ୍ଡି ଆଦି ସ୍ଥାନରେ ସେମାନେ ସୁରକ୍ଷିତ ଭାବେ ଅଣ୍ଡାଦାନ କରି ଫେରିଥାନ୍ତି । ବାଲେଶ୍ୱର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ ଏବଂ ଜଳେଶ୍ୱର ବନ୍ୟପ୍ରାଣୀ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ମଧ୍ୟ ବିଭାଗ ପକ୍ଷରୁ କଇଁଛଙ୍କ ଅଣ୍ଡାଦାନ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ସୁବର୍ଣ୍ଣା' ସ୍ୱତନ୍ତ୍ର ବୋଟରେ ବିଚିତ୍ରପୁର ଜେଟିରୁ ପ୍ରତିଦିନ ୬କି.ମି ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି । ତବେ ଚଳିତ ବର୍ଷ କଇଁଛମାନେ ଆଗୁଆ ଆସିଥିବା ବେଳେ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ସଂଖ୍ୟା ଟପିବ ବୋଲି ବନପାଳ ଶ୍ରୀ ମହାନ୍ତି ପ୍ରକାଶ କରନ୍ତି।

# ଡାକ୍ତରଖାନା ଅଛି, ମେସିନ୍ ନାହିଁ: ସୂର୍ଯ୍ୟ ବୁଡ଼ିଲେ ମିଳୁନି ଇସିଜି ସୁବିଧା

**ବ୍ରହ୍ମପୁର/ଭଞ୍ଜନଗର, ୨୪।୨ ନ୍ୟୁଜ ବ୍ୟୁରୋ**

ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇଛନ୍ତି ସରକାର । ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଭିତ୍ତିଭୂମି ଯୋଗାଇ ଦେଇଛନ୍ତି । କିନ୍ତୁ ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ପାଇପାରୁନାହାନ୍ତି ଲୋକେ। ରାତିରେ ଯଦି କିଛି ସମସ୍ୟା ହୁଏ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍ ହିଁ ଭରସା । ଦୂରଦୂରାନ୍ତରରୁ ରୋଗୀ ଏମ୍‌କେସିଜି ଆସିବା ଭିତରେ ମୃତ୍ୟୁ ମଧ୍ୟ ହେଉଛି । ବିଶେଷଭାବେ ଗ୍ରାମାଞ୍ଚଳରେ ନିଦାନ ସେବା ଅତି ଦୁର୍ବଳ । ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଇସିଜି (ଇଲେକ୍ଟ୍ରୋକାର୍ଡିଓଗ୍ରାମ୍) ପରୀକ୍ଷା ପାଇଁ ଆଦୌ ସୁବିଧା ନାହିଁ । ଚାରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସୁବିଧା କେବଳ ଦିନବେଳେ । ସନ୍ଧ୍ୟା ପରେ ଯଦି ଇସିଜି କରିବା ଦରକାର ହୁଏ, ଡାକ୍ତର କହନ୍ତି ବ୍ରହ୍ମପୁର ଏମ୍‌କେସିଜି ଯାଅ । ଗୋଷ୍ଠୀ



ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ରୋଗୀ ଘରୋଇ ନର୍ସିଂହୋମ୍ ଯାଉଛନ୍ତି, ନହେଲେ ଏମ୍‌କେସିଜି ହିଁ ଭରସା । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ଡିଏଚ୍‌ଏଚ୍) ବ୍ରହ୍ମପୁର ସିଟି ହସ୍ପିଟାଲରେ ସନ୍ଧ୍ୟା ଠାରୁ ସକାଳ ପର୍ଯ୍ୟନ୍ତ ମେଡିକାଲର ଆଶୁଚିକିତ୍ସା ବିଭାଗରେ ଇସିଜି ହୋଇପାରୁନଥିବା ଅଭିଯୋଗ ହୋଇଛି। ସାଧାରଣତଃ ଇସିଜି ପରୀକ୍ଷା ଦ୍ୱାରା ହୃଦ୍‌ସ୍ପନ୍ଦନ ସମ୍ପର୍କିତ ସୂଚନା ମିଳିଥାଏ। ଏହା ଦ୍ୱାରା ହୃଦଘାତ ପୂର୍ବରୁ ରୋଗୀର ଧମନୀରେ ବ୍ଲକେଜ୍ ଥିଲେ ଜାଣିବା ସହଜସାଧ ଏବଂ ହୃଦ୍‌ଘାତରୁ ରୋଗୀଙ୍କୁ ରକ୍ଷା କରିବା ସମ୍ଭବପର ହୋଇଥାଏ। ସେହିଭଳି ଯଦି କୌଣସି ବ୍ୟକ୍ତିଙ୍କର ଶ୍ୱାସ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଥାଏ ତେବେ ପ୍ରଥମେ ଇସିଜି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଛାତିରେ ଯନ୍ତ୍ରଣା ହେବା, ସାମାନ୍ୟ କାରଣରେ ବିଚଳିତ ହେବା, ଅତ୍ୟଧିକ ଝାଳ ବୋହିବା ଏବଂ ହୃଦ୍‌ସ୍ପନ୍ଦନ ହେଲେ ଇସିଜି ପରୀକ୍ଷା କରିବାକୁ ପଡିଥାଏ। ଏହାସହ ହୃଦ୍‌ରୋଗୀଙ୍କୁ ନିୟମିତ ବ୍ୟବଧାନରେ ଇସିଜି ପରୀକ୍ଷା କରିବା ନିହାତି ଜରୁରୀ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଜିଲ୍ଲାର ଗ୍ରାମାଞ୍ଚଳ ହସ୍ପିଟାଲରେ ରାତିରେ ଉପଲବ୍ଧ ନଥିବା ଚିନ୍ତାର ବିଷୟ ହୋଇଛି । ଛତ୍ରପୁର, ଭଞ୍ଜନଗର, ଆସିକା ଓ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଓପିଡି ସମୟରେ ହିଁ ରୋଗୀଙ୍କ ଇସିଜି ପରୀକ୍ଷା କରାଯାଉଛି । ଓପିଡି ସମୟ ବାହାରେ ଅର୍ଥାତ ସନ୍ଧ୍ୟା ୫ଟା ଠାରୁ ସକାଳ ୮ଟା ମଧ୍ୟରେ ହସ୍ପିଟାଲ ଆଶୁଚିକିତ୍ସା ବିଭାଗକୁ ଆସୁଥିବା ଗୁରୁତର ରୋଗୀଙ୍କୁ ଇସିଜି ପରୀକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ନଥିବା ଜଣାପଡିଛି । ଭଞ୍ଜନଗର ଉପଖଣ୍ଡ ଡାକ୍ତରଖାନାରେ ଇସିଜି ମେସିନ୍ କାମ କରୁଛି ହେଲେ ଏହା ମାତ୍ର ୮ ଘଣ୍ଟା ପାଇଁ । ଇସିଜି ମେସିନ୍ ଚଳାଇବାକୁ ଜଣେ ମାତ୍ର ଟେକ୍ନିସିଆନ ଅଛନ୍ତି । ସକାଳ ୮ଟାରୁ ଅପରାହ୍ଣ ୪ଟା ଯାଏଁ ତାଙ୍କର ଡ୍ୟୁଟି । ଜରୁରୀ ସମୟରେ ରାତିରେ ସେ ହିଁ ଇସିଜି କରିବାକୁ ଆସୁଛନ୍ତି ବୋଲି କହିଛନ୍ତି ଅଧୀକ୍ଷକ ଡା. ସୀତାଂଶୁ ଶେଖର ଶତପଥୀ। ଡାକ୍ତରଖାନାରେ ୨୪ ଘଣ୍ଟା ଇସିଜି ସେବା ଯୋଗାଇବାକୁ ଦାବି ହୋଇଛି । ସେପଟେ ଉପଜିଲ୍ଲାପାଳ ଉମା ଶଙ୍କର ବେହେରା କହିଛନ୍ତି, ଜିଲ୍ଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଭବାନୀ ଶଙ୍କର ମିଶ୍ର ଅଭିଯୋଗକୁ ସ୍ୱୀକାର କରିବା ସହ କହିଛନ୍ତି ଯେ, ଟେକ୍ନିସିଆନ୍ ଅଭାବରୁ ଉପଖଣ୍ଡ ଚିକିତ୍ସାଳୟମାନଙ୍କରେ ଇସିଜି ହୋଇପାରୁନି। କର୍ମଚାରୀଙ୍କୁ ଟ୍ରେନିଂ ଦେଇ ସେମାନଙ୍କୁ ସେଠାରେ ନିଯୁକ୍ତ କରିବାକୁ ଯୋଜନା ରହିଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଏହି ସୁବିଧା ନାହିଁ । ଇସିଜି ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା ରହିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରାତିରେ ଇସିଜି ହେଉନଥିବା ଅଭିଯୋଗକୁ ସେ ଅନୁସନ୍ଧାନ କରିବେ ବୋଲି କହିଛନ୍ତି। ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ସହଜଲବ୍ଧ ପାଇଁ ମୁଖ୍ୟ ଚିକିତ୍ସାଳୟ ସିଟି ହସ୍ପିଟାଲ ସହ ଚାରୋଟି ଉପଖଣ୍ଡ, ୪୦ଟି ଗୋଷ୍ଠୀ ଏବଂ ୨୩ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ରହିଛି। କିନ୍ତୁ ସାଧାରଣ ଏକ ନିଦାନ ପାଇଁ ରୋଗୀଙ୍କୁ ବ୍ରହ୍ମପୁର ହିଁ ଆସିବାକୁ ପଡୁଛି ବୋଲି ସେ କହିଛନ୍ତି।